ଓଡ଼ିଶାରେ

# ସିପାହୀ ବିଦ୍ରୋହର ଝଲକ

ପଣ୍ଡିତ ଶ୍ରୀ ସୂର୍ଯ୍ୟନାରାୟଣ ଦାଶ, ଏମ୍. ଏ.

Approved as Prize and Library book by The D. P. I of Orissa.

ଓଡ଼ିଶାରେ

# ସିପାହୀ ବିଦ୍ରୋହର ଝଲକ

ଲେଖକ

**ଶ୍ରୀ ସୂର୍ଯ୍ୟନାରାୟଣ ଦାଶ**, ଏମ୍. ଏ

ପରିବର୍ଦ୍ଧିତ ଦ୍ୱିତୀୟ ସଂସ୍କରଣ

୧୯୬୩

ପ୍ରକାଶକ

ଶ୍ରୀ ସୂର୍ଯ୍ୟନାରାୟଣ ଦାଶ

**ଓଡ଼ିଆ ସାହିତ୍ୟ ପ୍ରଚାର ମନ୍ଦିର**

ବାଲୁକେଶ୍ୱର ଭବନ

ଆରମଷ୍ଟ୍ରଙ୍ଗ ରୋଡ଼

ପୁରୀ

ମୂଲ୍ୟ—ଟ ୨୮ ଦୁଇଟଙ୍କା ଆଠଅଣା ମାତ୍ର

# ପ୍ରଥମ ସଂସ୍କରଣର ଭୂମିକା
## ପଦେ

ସିପାହୀ ବିଦ୍ରୋହର ପ୍ରଭାବ ସମଗ୍ର ଓଡ଼ିଶାରେ ପଡ଼ି ନ ଥିଲେ ମଧ୍ୟ ପଶ୍ଚିମ ଓ ଉତ୍ତର ଅଂଶରେ ଯେ, ପ୍ରାୟ ପାଞ୍ଚବର୍ଷ ପର୍ଯ୍ୟନ୍ତ ଇଂରେଜ ଶାସକମାନଙ୍କ ବିରୁଦ୍ଧରେ ସଂଘର୍ଷ ଲାଗି ରହିଥିଲା ଏହା କିଛି କମ୍ ଗୌରବର ବିଷୟ ନୁହେଁ । ୧୮୬୨ ବେଳକୁ ଭାରତର ଅନ୍ୟାନ୍ୟ ସ୍ଥାନରେ ବିଦ୍ରୋହର କୌଣସି ଚିହ୍ନ ଥିବା ଦେଖାଯାଏ ନାହିଁ ; କିନ୍ତୁ ଓଡ଼ିଶାରେ ସୁରେନ୍ଦ୍ର ସାଏ ଭାରତର ଅନ୍ୟାନ୍ୟ ସ୍ଥାନରୁ କୌଣସି ପ୍ରକାର ସାହାଯ୍ୟ ନ ପାଇ ମଧ୍ୟ ଦୀର୍ଘ ପାଞ୍ଚ ବର୍ଷକାଳ ଇଂରେଜ ଶକ୍ତି ବିରୁଦ୍ଧରେ ଲଢ଼େଇ କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମର ଇତିହାସରେ ସୁରେନ୍ଦ୍ରଙ୍କ ବିଦ୍ରୋହ ଏକ ଉଜ୍ଜ୍ୱଳମୟ ପରିଚ୍ଛେଦ ହୋଇ ରହିଥିବ । କିନ୍ତୁ ଅତି ଦୁଃଖର କଥା, ଏ ପର୍ଯ୍ୟନ୍ତ ସିପାହୀ ବିଦ୍ରୋହର ଇତିହାସରେ ଏହି ଘଟଣା ବିଶେଷ ଭାବରେ ସ୍ଥାନ ପାଇନାହିଁ ।

କୋଡ଼ିଏ ବର୍ଷ ହେଲା ସୁରେନ୍ଦ୍ରଙ୍କ ବିଦ୍ରୋହ ସମ୍ବନ୍ଧରେ ମୁଁ ଓଡ଼ିଶା ଓ ଓଡ଼ିଶା ବାହାରର କେତେକ ସ୍ଥାନରୁ ତଥ୍ୟ ସଂଗ୍ରହ କରିବାରେ ଲାଗିଛି । ପ୍ରକାଶିତ ଅପ୍ରକାଶିତ କାଗଜପତ୍ର, ବିଶ୍ୱାସ ଯୋଗ୍ୟ କିମ୍ବଦନ୍ତୀ ଓ ବହୁ ଗ୍ରନ୍ଥ ସାହାଯ୍ୟରେ ଏହି କ୍ଷୁଦ୍ର ବହିଟି ଲେଖା ହୋଇଛି । ତଥ୍ୟ ଉପରେହିଁ ବିଶେଷ ଭାବରେ ନିର୍ଭର କରାଯାଇଛି । ଏହା ସତ୍ତ୍ୱେ ସୁରେନ୍ଦ୍ରଙ୍କ ସମ୍ବନ୍ଧରେ ବିଶେଷ କିଛି କରି ପାରିଛି ବୋଲି ମୋର ମନେ ହେଉନାହିଁ । ନୂତନ ତଥ୍ୟ ସଂଗ୍ରହର ଯତ୍ନ କରୁଛି ।

ଏହି ଗ୍ରନ୍ଥର ବହୁତ ଅଂଶ "ସମାଜ"ରେ ପ୍ରକାଶିତ ହୋଇଥିଲା । ଏଥିପାଇଁ "ସମାଜ" କର୍ତ୍ତୃପକ୍ଷଙ୍କ ନିକଟରେ ମୁଁ କୃତଜ୍ଞ ।

**ସୂର୍ଯ୍ୟନାରାୟଣ ଦାଶ**

# ଦ୍ୱିତୀୟ ସଂସ୍କରଣ

ଏହି ସଂସ୍କରଣରେ କେତେଗୁଡ଼ିଏ ନୂତନ ତଥ୍ୟ ଦିଆଯାଇଛି । ପୁରୀର ହଜୁରୀ ଶ୍ରୀଚନ୍ଦନ ଖୁଣ୍ଟିଆ (ଡାକନାମ—ଗୁଖି ଖୁଣ୍ଟିଆ) ଓ କଟକ ଜିଲା ଅନ୍ତର୍ଗତ ବାଲିଆର ଜମିଦାର ରାମକୃଷ୍ଣ ସାମନ୍ତସିଂହାରଙ୍କୁ ସିପାହୀ ବିଦ୍ରୋହ ସହିତ ସଂପୃକ୍ତ ଥିଲେ ବୋଲି ଅଭିଯୋଗ କରି ସରକାର ଦଣ୍ଡ ଦେଇଥିଲେ । ବିଦ୍ରୋହ ସମୟରେ ସରକାରୀ ଖଜଣା ଦାଖଲ କରିବାରେ ଅବହେଳା କରିଥିବାରୁ ସେ ବିଦ୍ରୋହୀ ହୋଇ ଯାଇଥିବା ଅନୁମାନ କରି ସରକାର ତାଙ୍କୁ ଫାଶି ଦେଇଥିଲେ । ଖୁଣ୍ଟିଆଙ୍କ ସମ୍ପତ୍ତି ବାଜ୍ୟାପ୍ତ ହୋଇଥିଲା । ବିଦ୍ରୋହ ଅବସାନର କେତେବର୍ଷ ପରେ ସେ ସମ୍ପତ୍ତି ଫେରସ୍ତ ପାଇଥିଲେ । ଏମାନଙ୍କ ସମ୍ବନ୍ଧରେ ବିଶେଷ ତଥ୍ୟ ମିଳିନାହିଁ । ଏମାନଙ୍କ ବିଷୟ ସ୍ୱତନ୍ତ୍ର ଭାବରେ ପ୍ରକାଶିତ ହେବ ।

**ବନ୍ଧୁ ଶ୍ରୀ ଭବାନୀଚରଣ ପଟ୍ଟନାୟକ**, ଏମ୍. ପି. ଏହି ପୁସ୍ତକଟି ପୁନର୍ବାର ପ୍ରକାଶ କରିବା ଦିଗରେ ବିଶେଷ ଉତ୍ସାହ ଦେଇ ଥିବାରୁ ତାଙ୍କଠାରେ ମୁଁ କୃତଜ୍ଞ ।

**ଲେଖକ**
୧୯୬୩ ଅପ୍ରେଲ

# ଓଡ଼ିଶାରେ
# ସିପାହୀ ବିଦ୍ରୋହର ଝଲକ

## ପ୍ରଥମ ଅଧ୍ୟାୟ

### ଭାରତରେ ସିପାହୀ ବିଦ୍ରୋହ

(୧) ଲର୍ଡ ଡେଲ୍‌ହାଉସି ଭାରତକୁ ବଡ଼ଲାଟ ହୋଇ ଆସିବା ପରେ ଭାରତରେ ଇଂରେଜ ଶାସନର କ୍ଷମତା ଓ ପରିସର ବୃଦ୍ଧି କରିବା ପାଇଁ ଚେଷ୍ଟା କରିଥିଲେ । ସେତେବେଳେ ଭାରତର ବିଭିନ୍ନ ସ୍ଥାନରେ ଦ୍ୱୀପ ଭଳି ଛୋଟବଡ଼ ହୋଇ ପ୍ରାୟ ୬୦୦ ଦେଶୀୟ ରାଜ୍ୟ ଥିଲା । ଏଗୁଡ଼ିକ ଦେଶୀୟ ରାଜାମାନଙ୍କଦ୍ୱାରା ଶାସିତ ହେଉଥିଲା । ଇଂରେଜ ଶାସନର ଶକ୍ତି ବୃଦ୍ଧି କରିବାରେ ଏଗୁଡ଼ିକ ଏକ ଅନ୍ତରାୟ ମନେକରି ଡେଲ୍‌ହାଉସି କ୍ରମେ ଏଗୁଡ଼ିକୁ ଲୋପ କରିବାର ଉଦ୍ୟମ କଲେ । ପୋଷ୍ୟପୁତ୍ର ଗ୍ରହଣରେ ସରକାରଙ୍କର ଅନୁମୋଦନ ଆବଶ୍ୟକ ଥିବା ଦର୍ଶାଇ କେତେକ ଅପୁତ୍ରିକ ରାଜାଙ୍କ ମୃତ୍ୟୁପରେ ପୋଷ୍ୟପୁତ୍ର ଗ୍ରହଣର ଅନୁମତି ସରକାର ଦେଲେନାହିଁ । ଫଳରେ ସେହି ଦେଶୀୟ ରାଜ୍ୟଗୁଡ଼ିକ ଖାସ୍ ହେଲା । ବର୍ମା, ନାଗପୁର, ରାଜପୁତନାର ଜୟପୁର, ସମ୍ବଲପୁର ପ୍ରଭୃତି ରାଜ୍ୟ ଏହିପରି ଭାବରେ ଖାସ୍ ହେଲା ।

ପୁଣି ବିଦ୍ରୋହୀ ରାଜାମାନଙ୍କର ରାଜ୍ୟ ମଧ୍ୟ ଖାସ୍ ହେଲା । ପ୍ରଜାମାନଙ୍କ ଉପରେ ଅତ୍ୟାଚାର କରୁଥିବା ଅଭିଯୋଗରେ କେତେକ ଦେଶୀୟ ରାଜାଙ୍କଠାରୁ ମଧ୍ୟ ରାଜ୍ୟ ଛଡ଼ାଇ ନିଆଗଲା ।

ଏହାଛଡ଼ା ଯେଉଁମାନେ ରାଜ୍ୟ ନଥାଇ କେବଳ ରାଜା ଉପାଧି ପାଉଥିଲେ ସେମାନଙ୍କ ଉପାଧି ଲୋପ କରିବା ଉଚିତ ବୋଲି ଡେଲହାଉସି ମନେ କରୁଥିଲେ । କର୍ଣ୍ଣାଟର ନବାବ, ତାଞ୍ଜୋର ରାଜା, ପେଶବା ପ୍ରଭୃତି ପଦବୀ ରାଜାମାନଙ୍କ ମୃତ୍ୟୁପରେ ସେମାନଙ୍କ ଉତ୍ତରାଧିକାରୀମାନଙ୍କୁ ସରକାର ଦେଇ ନ ଥିଲେ ।

ଏହାଦ୍ୱାରା ଦେଶୀୟ ରାଜ୍ୟମାନଙ୍କରେ ଆତଙ୍କ ସୃଷ୍ଟି ହୋଇଥିଲା ।

ବଡ଼ଲାଟଙ୍କ ଦେଶୀୟରାଜ୍ୟ ନୀତି ଟିକିଏ କଠୋର ମଧ୍ୟ ହୋଇଥିଲା । ଦିଲ୍ଲୀର ପ୍ରାଚୀନ ବାଦଶାହ ବଂଶର ବାହାଦୂରଶାହ (ଦ୍ୱିତୀୟ)ଙ୍କୁ ଦିଲ୍ଲୀରୁ ବାହାରିଯାଇ କୁତବ୍‌ମିନାରଠାରେ ଅବସ୍ଥାନ କରିବାପାଇଁ ହୁକୁମ ହୋଇଥିଲା । ଅଯୋଧ୍ୟା ରାଜ୍ୟକୁ ମଧ୍ୟ ଖାସ୍ କରିଗଲା । ଭୂତପୂର୍ବ ମରହଟ୍ଟାରାଜା ପେଶବା ବାଜିରାଓ (୨ୟ) ସରକାରଙ୍କଠାରୁ ଯେଉଁ ରାଜନୈତିକ ଭତ୍ତା ପାଉଥିଲେ ତାଙ୍କ ମୃତ୍ୟୁପରେ ତାହା ତାଙ୍କର ପୋଷ୍ୟପୁତ୍ର ନାନା ସାହେବଙ୍କୁ ସରକାର ଦେବାକୁ ମନା କରିଦେଲେ । ଏହାଦ୍ୱାରା ରାଜାମାନେ ନିଜ ନିଜର ରାଜଗିରିର ଅସ୍ତିତ୍ୱ ରହିବା ସମ୍ବନ୍ଧରେ ଆଶଙ୍କା ପ୍ରକାଶ କଲେ ଏବଂ ଭବିଷ୍ୟତରେ ସେମାନଙ୍କ ମସ୍ତକ ଉପରେ ହଠାତ ବଜ୍ର ପଡ଼ିବ, ଏହି ଆଶଙ୍କା କରି ସେମାନେ ଅଶାନ୍ତିରେ କାଳ କାଟିବାକୁ ଲାଗିଲେ ।

ବଡ଼ଲାଟ ଡେଲହାଉସୀଙ୍କ ଦେଶୀୟ ରାଜ୍ୟ ଲୋପ ନୀତି ଯୋଗୁ କେତେକ ଦେଶୀୟ ରାଜ୍ୟର ରାଜା ଇଂରେଜ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ବିଶେଷତଃ ଯେଉଁମାନଙ୍କର କ୍ଷତି ହେଲା ସେମାନେ ସରକାରଙ୍କ ବିରୁଦ୍ଧରେ ଷଡ଼ଯନ୍ତ୍ର ମଧ୍ୟ ଚଳାଇଲେ । ଅଯୋଧ୍ୟାର ନବାବଙ୍କ ଭୂତପୂର୍ବ ପରାମର୍ଶଦାତା ଅହମଦୁଲ୍ଲା, ପେଶବାଙ୍କ

ପେଶ୍ୱାପୁତ୍ର ନାନାସାହେବ, ଝାନ୍ସୀର ରାଣୀ, ଦିଲ୍ଲୀର ଅଜିମୁଲ୍ଲାଖାଁ ପ୍ରଭୃତି ଏଥିରେ ଲିପ୍ତ ଥିଲେ ।

(୨) ଅର୍ଥନୈତିକ ଦିଗରୁ ମଧ୍ୟ କେତେକ ଲୋକ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ଥିଲେ । ସରକାର ଯେଉଁ ସବୁ ରାଜ୍ୟ ଓ ଜାଗିର ଖାସ୍ କରି ଦେଇଥିଲେ ସେହି ଅଞ୍ଚଳମାନଙ୍କରେ ଯେଉଁମାନେ ଚାକିରି କରି ଜୀବନ ନିର୍ବାହ କରୁଥିଲେ ସେମାନେ ବେକାର ହୋଇଯିବାରୁ ବହୁତ ଦୁଃଖରେ ରହୁଥିଲେ । ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ନିଯୁକ୍ତ କମିଶନ ସରକାର ବହୁତ ଲୋକଙ୍କୁ ଆର୍ଥିକ ଦୁର୍ଗତିରେ ପକାଇଥିଲେ । ଖ୍ରୀ: ୧୮୫୨ ରେ କେବଳ ବମ୍ବେ ପ୍ରଦେଶରେ ସରକାର ୨୦,୦୦୦ ( କୋଡ଼ିଏ ହଜାର ) ଇନାମ ଖାସ୍ କରିଦେଇଥିଲେ । ଅଯୋଧ୍ୟାର ନବାବଙ୍କ ଅମଳରେ ଯେଉଁମାନେ ବୃତ୍ତି ଭୋଗ କରୁଥିଲେ ସେମାନଙ୍କର ବୃତ୍ତି ସରକାର ବନ୍ଦ କରିଦେବାରୁ ସେମାନେ ସରକାରଙ୍କ ପ୍ରତି ଅସନ୍ତୁଷ୍ଟ ରହିଥିଲେ ।

(୩) ସାମାଜିକ କ୍ଷେତ୍ରରେ ବିଧବା ବିବାହର ପ୍ରଚଳନ, ସତୀଦାହର ବନ୍ଦ ପ୍ରଭୃତି କେତେକ ନୂତନ ସଂସ୍କାର ଯୋଗୁ ପ୍ରାଚୀନପନ୍ଥୀ ହିନ୍ଦୁମାନେ ସରକାରଙ୍କ ପ୍ରତି ମଧ୍ୟ ସନ୍ତୁଷ୍ଟ ନ ଥିଲେ ।

(୪) ଏହି ସମୟରେ ହିନ୍ଦୁ ଓ ମୁସଲମାନ ସିପାହୀମାନଙ୍କ ମନରେ ମଧ୍ୟ ସନ୍ତୋଷ ନ ଥିଲା । ଏହି ସମୟରେ ଇଂରେଜ ସରକାର ଭାରତ ବାହାରେ କ୍ରିମିଆ, ପାରସ୍ୟ, ଚୀନ ପ୍ରଭୃତି ସ୍ଥାନରେ ଯୁଦ୍ଧରେ ଲିପ୍ତ ଥିଲେ । ଏହି ସ୍ଥାନମାନଙ୍କୁ ଭାରତରୁ ଦେଶୀୟ ସୈନ୍ୟମାନଙ୍କୁ ପଠାଇବା ପାଇଁ ଇଂରେଜ ସରକାର ବ୍ୟବସ୍ଥା କରିଥିଲେ । ସମୁଦ୍ର ଯାତ୍ରା ଦ୍ୱାରା ଜାତିଚ୍ୟୁତ ହେବା ଭୟ

ସନାତନ ପନ୍ଥୀ ହିନ୍ଦୁ ସିପାହୀମାନଙ୍କ ମନରେ ଜାଗ୍ରତ ହୋଇଥିଲା । ସରକାର ଜାଣିଶୁଣି ଜାତିଚ୍ୟୁତ କରି ଲୋକମାନଙ୍କୁ ଖ୍ରୀଷ୍ଟିଆନ୍ କରିବା ଉଦ୍ୟମ କରୁଛନ୍ତି ବୋଲି ମଧ୍ୟ ହିନ୍ଦୁମାନଙ୍କ ମନରେ ଧାରଣା ହେଲା । ସେତେବେଳେ ଖ୍ରୀଷ୍ଟିଆନ୍ ମିଶନାରୀମାନେ ହିନ୍ଦୁଧର୍ମକୁ ବିକୃତ କରି ଅତି ଉତ୍କଟ ଭାବରେ ପ୍ରଚାର କରୁଥିବାରୁ ଏହି ଧାରଣା ଜାତ ହେବା ସମ୍ଭବ ହୋଇଥିଲା ।

ପୁଣି ସେ ସମୟରେ "ଏନ୍‌ଫିଲ୍‌ଡ୍ ରାଇଫଲ୍"ର ନୂତନ ପ୍ରଚଳନ ଆଉ ଏକ ବିଭ୍ରାଟ ସୃଷ୍ଟି କଲା । ସେଥିରେ ଥିବା ଟୋଟା ଉପରେ ଯେଉଁ ଅଠା ଦିଆଯାଇଥିଲା ତାହା ଗାଈ ଓ ଘୁଷୁରିର ଚର୍ବି ବୋଲି ପ୍ରଚାର ହୋଇଥିଲା । ଦାନ୍ତରେ ଛିଣ୍ଡେଇ ସେହି ଟୋଟାକୁ ବ୍ୟବହାର କରିବାକୁ ପଡୁଥିଲା । ସେଥିପାଇଁ ହିନ୍ଦୁ ଓ ମୁସଲମାନ ସିପାହୀମାନେ ଭାବିଲେ ଯେ ଇଂରେଜମାନେ ସେମାନଙ୍କ ଜାତି ନଷ୍ଟ କରିବା ପାଇଁ ଏହି ଫିକର କରିଛନ୍ତି ।

ଏହିସବୁ ଅଶାନ୍ତି ଏକତ୍ରିତ ହେବାରୁ ସିପାହୀମାନଙ୍କ ମନରେ ବିଦ୍ରୋହଭାବ ଜାଗ୍ରତ ହେଲା ।

(୪) ସେ ସମୟରେ ଗୋରା ସୈନ୍ୟସଂଖ୍ୟା ମଧ୍ୟ ଭାରତରେ ଯଥେଷ୍ଟ ନ ଥିଲା । ଆଲ୍ଲାହାବାଦ ଓ କଲିକତା ମଧ୍ୟରେ ଦାନାପୁର-ଠାରେ କେବଳ ଦଳେ ଇଂରେଜ ସୈନ୍ୟ ଥିଲେ । ପ୍ରକୃତରେ ଭାରତୀୟ ସିପାହୀମାନଙ୍କ ଉପରେ ନିର୍ଭର କରି ଇଂରେଜ ଶାସନ ଚାଲୁଥିଲା । ସିପାହୀମାନେ ବୁଝିଲେ ଯେ ସେମାନେ ଇଂରେଜ ସରକାରଙ୍କୁ ସାହାଯ୍ୟ ନ କଲେ ଇଂରେଜମାନେ ଏ ଦେଶରେ ତିଷ୍ଠିପାରିବେ ନାହିଁ ।

ଖ୍ରୀ ୧୮୫୭ ର ଆରମ୍ଭ ବେଳକୁ ଅବସ୍ଥା ଜଟିଳ ହୋଇଯାଇ-ଥିଲା । ବନ୍ଧୁକରେ ଗୁଳି ଭରିଥିଲା । କେବଳ ଫୁଟାଇବା ବାକି-

ଥିଲା । ବଙ୍ଗ ପ୍ରଦେଶର ବାରକପୁର ସୈନ୍ୟ ଛାଉଣିରେ ପ୍ରଥମ ବିଦ୍ରୋହର ବନ୍ଧୁକ ଫୁଟିଲା । କ୍ରମେ ବଙ୍ଗ, ବିହାର, ଓଡ଼ିଶା, ମହାରାଷ୍ଟ୍ର ମଧ୍ୟପ୍ରଦେଶ ଓ ଉତ୍ତର ଭାରତର କେତେକ ଅଞ୍ଚଳରେ ବିଦ୍ରୋହ ବ୍ୟାପିଗଲା ।

ଏହି ବିଦ୍ରୋହରେ ଝାନ୍ସୀର ରାଣୀ ଲକ୍ଷ୍ମୀବାଈ, ନାନା ସାହେବ, ତାନ୍ତିଆଟୋପି, ଅଜିମୁଲ୍ଲାଖାଁ, ଅଯୋଧ୍ୟାର ବେଗମ୍, ଦିଲ୍ଲୀନବାବ ବାହାଦୁରଶାହା, ସମ୍ବଲପୁରର ସୁରେନ୍ଦ୍ର ସାଏ, ପୋଡ଼ାହାଟ (ସିଂହଭୂମି)ର ରାଜା ଅର୍ଜୁନ ସିଂହ, ବିହାରର ଜଗଦୀଶପୁରର କୁନ୍‌ୱାର ସିଂହ ପ୍ରଭୃତି ନେତୃତ୍ୱ ନେଇ ବିଦ୍ରୋହ ଚଳେଇଲେ ।

ଖ୍ରୀ: ୧୮୫୭ ମେ ମାସ ତା ୧୦ ରିଖରେ ମିରଟରେ ସିପାହୀମାନେ ବିଦ୍ରୋହ କରି ଜେଲ୍ ଭାଙ୍ଗିଦେଲେ ଏବଂ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ଏମାନେ ସହରରେ ଥିବା କେତେଜଣ ୟୁରୋପିଅନ୍‌ଙ୍କୁ ହତ୍ୟା କଲେ ଏବଂ ସେମାନଙ୍କ ଘର ପୋଡ଼ିଦେଲେ । ସେତେବେଳେ ଜେନେରାଲ ହିଉଇଟ୍‌ଙ୍କ ଅଧିନାୟକତ୍ୱରେ ପ୍ରାୟ ୨୨୦୦ ଗୋରା ସୈନିକ ସହରରେ ଥିଲେ; କିନ୍ତୁ ସିପାହୀମାନଙ୍କ ସଂଖ୍ୟା ଖୁବ୍ ବେଶି ଥିବାରୁ ସେ ସିପାହୀମାନଙ୍କ ବିଦ୍ରୋହକୁ ଦମନ କରିବାକୁ ଚେଷ୍ଟା ନ କରି ତୁନି ହୋଇ ରହିଲେ । ବିଦ୍ରୋହୀମାନେ ମିରଟରୁ ଯାଇ ଅତିଶୀଘ୍ର ଦିଲ୍ଲୀରେ ପହଞ୍ଚିଲେ । ସେଠାରେ ଗୋରା ସୈନ୍ୟଦଳ ଆଦୌ ନ ଥିଲେ । ଦିଲ୍ଲୀ ବିନା ବାଧାରେ ବିଦ୍ରୋହୀମାନଙ୍କ ହାତରେ ପଡ଼ିଲା । ଏଠାରେ ବିଦ୍ରୋହୀମାନେ ବହୁ ୟୁରୋପିଅନ୍‌ଙ୍କୁ ହତ୍ୟା କଲେ ଏବଂ ସେମାନଙ୍କର ଘର ସବୁ ପୋଡ଼ିଦେଲେ । ଦିଲ୍ଲୀର ଗୋଳା ବାରୁଦ-ଖାନାକୁ ରକ୍ଷା କରିବା ପାଇଁ ଲେଫ୍‌ଟେନାଣ୍ଟ ଉଇଲୋବି ପ୍ରାଣପଣେ ଚେଷ୍ଟା କଲେ । ଅଳ୍ପସଂଖ୍ୟକ ସୈନିକଙ୍କ ସାହାଯ୍ୟରେ ସେ ଅଠ

ଉକ୍ତ ବାରୁଦଖାନାକୁ ରକ୍ଷା କରିବାପାଇଁ ଲଢ଼େଇ କଲେ; କିନ୍ତୁ ଶେଷରେ ଅବସ୍ଥା ଅସମ୍ଭାଳ ହେବାରୁ ବାରୁଦଖାନାଟି କାଳେ ବିଦ୍ରୋହୀମାନଙ୍କ ହାତରେ ପଡ଼ିଯିବ ଏହି ଆଶଙ୍କାରେ ସେ ନିଜେ ଏଥିରେ ନିଆଁ ଲଗାଇ ଧ୍ୱଂସ କରିଦେଲେ । ବିଦ୍ରୋହୀମାନେ ଏଠାରୁ ଗୋଳା ବାରୁଦ ପାଇବାରୁ ବଞ୍ଚିତ ହେଲେ ।

ବିଦ୍ରୋହୀମାନେ ପୁରୁଣା ବାଦଶାହାଙ୍କ ନଅର ଭିତରେ ପଶି ନାମମାତ୍ର ବାଦଶାହ ବାହାଦୂରଶାହ (୨ୟ)ଙ୍କୁ ଦିଲ୍ଲୀର ସମ୍ରାଟ ବୋଲି ଘୋଷଣା କଲେ ।

ଏହାପରେ ପ୍ରାୟ ତିନି ସପ୍ତାହ ଟିକିଏ ଶାନ୍ତିରେ କଟିଲା । ପଞ୍ଜାବର ଚିଫ୍ କମିଶନର ସାର ଜନ୍ ଲରେନ୍ସ ପଞ୍ଜାବ ରକ୍ଷାପାଇଁ ସାମରିକ ବ୍ୟବସ୍ଥା କଲେ ଏବଂ ଏହା ଫଳରେ ପଞ୍ଜାବର ଅନ୍ୟ ସ୍ଥାନମାନଙ୍କୁ ବିଦ୍ରୋହ ଶୀଘ୍ର ବ୍ୟାପି ପାରିଲା ନାହିଁ ।

ଜୁନ୍ ମାସ ଆରମ୍ଭ ବେଳକୁ ବିହାର, ରାଜପୁତନାର ନାସିରାବାଦ, ରୋହିଲଖଣ୍ଡର ବାରେଲିରେ, କାନପୁର, ବନାରସ ଓ ଝାନ୍ସୀ ଏବଂ ମଧ୍ୟ ଭାରତର କେତେକ ସ୍ଥାନରେ ବିଦ୍ରୋହ ତେଜି ଉଠିଥିଲା । ସେହି ମାସରେ ଅଧିକାଂଶ ସ୍ଥାନରେ ସରକାରୀ ହାକିମମାନେ ବିଦ୍ରୋହ ଦମନ କରିବାକୁ ସମର୍ଥ ହୋଇଥିଲେ । ବନାରସରେ କର୍ଣ୍ଣେଲ ନେଲ୍ ବିଦ୍ରୋହକୁ ଦମନ କରିଦେଇଥିଲେ । ଯେତେ ବିଦ୍ରୋହୀ ଧରାପଡ଼ିଲେ ସମସ୍ତେ ଫାଶି ଖାଇଲେ । ପିଲା, ବଡ଼, ଦୋଷୀ, ନିର୍ଦ୍ଦୋଷ ନିର୍ବିଶେଷରେ ବହୁ ଲୋକଙ୍କୁ ଧରି ଗୋରା ହାକିମ ଓ ଗୋରା ନାଗରିକମାନେ ମାରିଦେଲେ । ଅଲ୍ଲାହାବାଦ ଦୁର୍ଗ ଜୁନ୍ ମାସ ତା ୧୧ ରିଖରେ ନେଲ୍ ପୁନର୍ବାର ଅଧିକାର କରିନେଲେ ।

କାନପୁରରେ ନାନା ସାହେବ ବିଦ୍ରୋହର ନେତା ଥିଲେ । ସେତେବେଳେ ସେ କାନପୁର ନିକଟସ୍ଥ ବିଥୁର ନାମକ ସ୍ଥାନରେ ରହୁଥିଲେ । ନିଜକୁ ସେ ପେଶୱା ବୋଲି ଘୋଷଣା କଲେ । ସେଠାରେ ପ୍ରାୟ ଚାରିଶହ ଗୋରା ଅଧିବାସୀ ଓ କେତେକଜଣ ଗୋରା ହାକିମ ଜୁନ୍ ୮ ତାରିଖ ଠାରୁ ୨୬ ପର୍ଯ୍ୟନ୍ତ ପ୍ରାଣପଣେ ଚେଷ୍ଟା କରି ନିଜକୁ ରକ୍ଷା କରିପାରିଥିଲେ । ତା ୨୭ ରିଖରେ ସେମାନେ ଆତ୍ମସମର୍ପଣ କରିଥିଲେ । ସେମାନଙ୍କୁ ନିରାପଦରେ ରଖାଯିବା ପ୍ରତିଶ୍ରୁତି ଦିଆ ହୋଇଥିଲା । ଡଙ୍ଗାରେ ବସି ନଦୀ ପାରି ହେଉଥିବା ସମୟରେ ସେମାନଙ୍କ ଉପରେ ବିଦ୍ରୋହୀମାନେ ଗୁଳିବର୍ଷଣ କଲେ । ଏହାଫଳରେ ଅଧିକାଂଶ ଲୋକ ନଦୀଗର୍ଭରେ ପଡ଼ି ମଲେ । କେବଳ ଚାରୋଟି ଲୋକ ରକ୍ଷା ପାଇ କୂଳରେ ଲାଗିଲେ । ବିବିଗଡ଼ ନାମକ କୋଠାରେ ୨୧୧ ଜଣ ଗୋରା ସ୍ତ୍ରୀ ଓ ପିଲାଙ୍କୁ ଅଟକ କରି ରଖା-ଯାଇଥିଲା । ନାନାସାହେବ ଓ ତାଙ୍କର ସହକାରୀ ତାନ୍ତିଆଟୋପିଙ୍କ ଆଦେଶରେ ଜୁଲାଇ ତା ୧୫ ରିଖରେ ସମସ୍ତଙ୍କୁ ହତ୍ୟା କରାଗଲା । ବନାରସରେ ଓ ଆଲ୍ଲାହାବାଦରେ ଇଂରେଜ ଲୋକେ ଭାରତୀୟ-ମାନଙ୍କ ଉପରେ ଯେଉଁ ଅତ୍ୟାଚାର କରିଥିଲେ ତାର ପ୍ରତିଶୋଧ ସ୍ୱରୂପ ଏହି ଘଟଣା ଘଟିଥିଲା । ତା ୧୭ ରିଖରେ ନେଲ୍ ଓ ହେବ୍ଲକ୍ ଏହି ଦୁଇ ଇଂରେଜ ସେନାପତି କାନପୁରକୁ ବିଦ୍ରୋହୀ-ମାନଙ୍କ ହାତରୁ ଉଦ୍ଧାର କରିଥିଲେ ।

ଜୁନ ମାସ ତା ୮ ରିଖରେ ଦଳେ ଗୋରା ସୈନ୍ୟ ଦିଲ୍ଲୀ ଅବରୋଧ କଲେ । ୧୪ ତାରିଖରେ କାଶ୍ମୀର ଦ୍ୱାର ବା ଗେଟକୁ ଭାଙ୍ଗି ସହର ଭିତରେ ପଶିଲେ । ଇଂରେଜ ସୈନିକମାନେ ନିର୍ବିଘ୍ନରେ ସହରକୁ ଲୁଣ୍ଠନ କଲେ ଏବଂ ବହୁ ଲୋକଙ୍କୁ ହତ୍ୟା କଲେ ।

ଖୋଜେ ଭିତରେ କିଏ କୁଆଡ଼େ ଲୁଚି ରହିଲେ । ଗୋଟିଏ ଗୋଟିଏ ଛୋଟ ଛୋଟ ଘର ଭିତରେ ପ୍ରାୟ ୫୦ ଜଣ ଲୋକ ଲୁଚିଥିବା ଦେଖାଯାଇଥିଲା । ସହରରେ ସମ୍ରାଟ୍ ହୁମାୟୁନଙ୍କ କବର ସ୍ଥାନରେ ବାହାଦୁର ଶାହ ଲୁଚିଥିଲେ । ତାଙ୍କୁ ସେଠାରେ ଗିରଫ କରାଗଲା । ତାଙ୍କ ପୁଅ ଓ ନାତିମାନେ ସରକାରଙ୍କ ହାତରେ ଅସ୍ତ୍ରସମର୍ପଣ କଲେ । ବିଚାର ପରେ ବାହାଦୁରଶାହଙ୍କୁ ରେଙ୍ଗୁନକୁ ନିର୍ବାସିତ କରାଗଲା ।

ଲକ୍ଷ୍ନୌ, ଅଯୋଧ୍ୟା ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସରକାରୀ ସୈନ୍ୟ ବିଦ୍ରୋହକୁ ଦମନ କରି ପାରିଥିଲେ । ୧୮୫୮ ମାର୍ଚ୍ଚ ତା ୨୧ ରିଖ ଦିନ ଇଂରେଜମାନଙ୍କ ଦ୍ୱାରା ଲକ୍ଷ୍ନୌ ପୁନର୍ବାର ଅଧିକୃତ ହେଲା । ବରେଲିର ବିଦ୍ରୋହୀମାନଙ୍କ ଭିତରୁ କେତେ ଜଣ ନେପାଳ ଭିତରକୁ ଖସି ଚାଲିଯାଇଥିଲେ । ନେପାଳ ସରକାର ସେମାନଙ୍କୁ ଧରି ଇଂରେଜ ସରକାରଙ୍କ ହାତରେ ଅର୍ପଣ କରି ଦେଇଥିଲେ ।

ମଧ୍ୟ-ଭାରତର ତାନ୍ତିଆଟୋପି (ଜଣେ ମରହଟ୍ଟା ବ୍ରାହ୍ମଣ) ବିଦ୍ରୋହୀମାନଙ୍କର ନେତୃତ୍ୱ ଗ୍ରହଣ କରି ଗ୍ୱାଲିଅର୍‌ର ବିଦ୍ରୋହୀ ସୈନ୍ୟଦଳରେ ଥିବା ପ୍ରାୟ ୨୦,୦୦୦ ( କୋଡ଼ିଏ ହଜାର ) ସିପାହୀଙ୍କୁ ଧରି ଉତ୍ତର ଭାରତ ଆଡ଼େ ଅଗ୍ରସର ହେଲେ । କଲ୍ପିଠାରେ ଯମୁନାନଦୀ ପାର ହୋଇ କାନପୁରରେ ନାନା ସାହେବଙ୍କ ସହ ଯୋଗଦାନ କରିଥିଲେ । ବିଦ୍ରୋହୀମାନେ କାନପୁରରୁ ତଡ଼ା ଖାଇବାରୁ ( ୧୮୫୭ ଡିସେମ୍ବର ତା ୬ ରିଖରେ ) ଝାନ୍ସୀର ରାଣୀଙ୍କ ସହିତ ସହଯୋଗ କରିବାପାଇଁ ପୁଣି ମଧ୍ୟ-ଭାରତ ଭିତରେ ପଶିଲେ । ବୁନ୍ଦେଲଖଣ୍ଡରେ ସାର୍ ଜନ୍ କାମ୍ପ୍‌ବେଲ ବିଦ୍ରୋହ ଦମନ ପାଇଁ ଅଭିଯାନ ଚଳାଉଥିଲେ । ୧୮୫୮ ଜାନୁଆରୀ ଆରମ୍ଭରେ ସେ

ସେଠାରୁ ଅଗ୍ରସର ହୋଇ ସାଗୋର ଓ ହାଟଗଡ଼ ଦଖଲ କଲେ । ବେତ୍‌ୱା ନଦୀକୂଳରେ ଫେବୃଆରୀମାସର ପ୍ରଥମ ସପ୍ତାହରେ ତାନ୍ତିଆ ଟୋପିଙ୍କୁ ସେ ପରାସ୍ତ କଲେ ।

ଅପ୍ରେଲ ତା ୩ ରିଖରେ କାମ୍ପବେଲ୍ ଝାନ୍‌ସୀ ଆକ୍ରମଣ କଲେ । ଝାନ୍‌ସୀର ରାଣୀ ତା ୪ ରିଖରେ ରାତିରେ ଗଡ଼ଗୁଡ଼ି କାଲ୍‌ପିକୁ ପଳାଇଗଲେ । ଇଂରେଜମାନେ ମେ ମାସ ତା ୧୨ ରିଖରେ କାଲ୍‌ପି ଦଖଲ କଲେ । ଝାନ୍‌ସୀରାଣୀ ଓ ତାନ୍ତିଆ ଟୋପି ଗ୍ୱାଲିଅର୍ ଆକ୍ରମଣ କରି ମହାରାଜା ସିନ୍ଧିଅଙ୍କୁ ସେଠାରୁ ତଡ଼ିଦେଲେ । ମହାରାଜା ଆଗ୍ରାକୁ ପଳାଇଗଲେ ଏବଂ ତାଙ୍କର ସିପାହୀମାନେ ବିଦ୍ରୋହ କରି ନାନା ସାହେବଙ୍କୁ ପେଶବା ବୋଲି ଘୋଷଣା କଲେ । ଇଂରେଜ ସେନାପତିମାନେ ବିଦ୍ରୋହୀମାନଙ୍କୁ ମୋରାର୍ ଓ କୋଟାଠାରେ ପରାସ୍ତ କରି ବିଦ୍ରୋହ ଦମନ କଲେ । ଏହି ସ୍ଥାନ ଯୁଦ୍ଧକ୍ଷେତ୍ରରେ ଝାନ୍‌ସୀରାଣୀ ପୁରୁଷବେଶ ଧରି ଯୁଦ୍ଧ କରୁଥିଲେ । ୧୮୫୮ ଜୁନ୍ ତା ୧୭ ରିଖରେ ଏହି ଯୁଦ୍ଧକ୍ଷେତ୍ରରେ ବୀରନାରୀ ରାଣୀ ଲକ୍ଷ୍ମୀବାଈ ପ୍ରାଣ ହରାଇଲେ ।

ତାନ୍ତିଆ ଟୋପି ଯୁଦ୍ଧ କ୍ଷେତ୍ରରୁ ପଳାଇଯାଇ ବିଭିନ୍ନ ସ୍ଥାନରେ ଆଶ୍ରୟ ନେଇ କିଛି ସମୟ ଲୁଚି ରହିଲେ । ସିନ୍ଧିଆ ମହାରାଜାଙ୍କ ଜଣେ ଜମିଦାର ତାନ୍ତିଆଙ୍କୁ ଧରିନେଇ ଇଂରେଜ-ସରକାରଙ୍କ ହାତରେ ଅର୍ପଣ କଲେ । ତାନ୍ତିଆ ବିଚାରରେ ଫାଶି ପାଇଲେ । ନାନାସାହେବ ନେପାଳ ଭିତରକୁ ପଳାଇ ଯାଇ-ଥିଲେ । ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଶୁଣାଯାଏ ।

ସିପାହୀ ବିଦ୍ରୋହର ନେତାମାନେ ପରାସ୍ତ ହୋଇ ଧ୍ୱଂସ ପାଇଯିବାରୁ ସିପାହୀମାନଙ୍କ ବିଦ୍ରୋହ ମଧ୍ୟ ଧ୍ୱଂସ ପାଇଲା ।

ଭାରତବର୍ଷର ଇତିହାସରେ ସିପାହୀ ବିଦ୍ରୋହ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଏହି ବିଦ୍ରୋହ ପରେ ଭାରତରେ ଇଂରେଜ ଶାସନର ନୀତି ବହୁ ପରିମାଣରେ ପରିବର୍ତ୍ତିତ ହୋଇ ଯାଇଥିଲା । ଶାସନର ରୂପରେଖ ଅନେକାଂଶରେ ବଦଳି ଯାଇଥିଲା ଏବଂ ଶାସନକଳ ଦୃଢ଼ରୁ ଦୃଢ଼ତର ହେଲା ।

ଭାରତୀୟ ଜନସାଧାରଣଙ୍କର ଇଂରେଜଶାସନ ପ୍ରତି ଯେ ଅଟଳ ବିଶ୍ୱାସ ନ ଥିଲା ଏହା ସିପାହୀ ବିଦ୍ରୋହରୁ ସ୍ପଷ୍ଟ ପ୍ରତୀୟମାନ ହୋଇଥିଲା । ସମୟ ଓ ସୁବିଧା ପାଇଲେ ଇଂରେଜ ରାଜତ୍ୱକୁ ଏ ଦେଶରୁ ମୂଳପୋଛ କରି ଦେବାପାଇଁ ଉଦ୍ୟମ କରିବା ଲୋକଙ୍କ ସଂଖ୍ୟା ମଧ୍ୟ କମ ନ ଥିଲା ।

୧୮୫୭ ମସିହାରେ ଉତ୍ତର ଭାରତରେ ଇଂରେଜ ରାଜତ୍ୱର ଯେ ଦୁର୍ଦ୍ଦିନ ଉପସ୍ଥିତ ହୋଇଥିଲା ସେଥିରୁ ଇଂରେଜମାନେ ଯେ ସହଜରେ ବର୍ତ୍ତି ପାରିବେ, ଏ ଧାରଣା ଖୁବ୍ କମ୍ ଲୋକଙ୍କର ଥିଲା । କେବଳ ବିଦ୍ରୋହୀମାନଙ୍କ ଭିତରେ ଶୃଙ୍ଖଳା, ନେତୃତ୍ୱ, ଓ ସାମରିକ ଶକ୍ତିର ଅଭାବ ଯୋଗୁଁ ବିଦ୍ରୋହ ସଫଳ ହୋଇପାରିଲା ନାହିଁ ।

ଓଡ଼ିଶାରେ ସିପାହୀମାନଙ୍କ ବିଦ୍ରୋହ ସଂଗଠିତ ହୋଇ ନ ଥିଲେ ମଧ୍ୟ ତାହାର ଫଳକ ସମ୍ବଲପୁର ଅଞ୍ଚଳରେ ଦେଖା-ଯାଇଥିଲା । ପ୍ରାକୃତିକ ଓଡ଼ିଶାର ଉତ୍ତରପଶ୍ଚିମ ଅଞ୍ଚଳରେ ସିଂହଭୂମି ଜିଲ୍ଲା ପୋଡ଼ାହାଟ ଅନ୍ତର୍ଗତର ରାଜା ଅର୍ଜ୍ଜୁନ ସିଂହ ଓ ସମ୍ବଲପୁରର ଶ୍ରୀ ସୁରେନ୍ଦ୍ର ସାଏ ଯେଉଁ ବିଦ୍ରୋହ କରିଥିଲେ, ତାହା ଓଡ଼ିଶା ଇତିହାସର ଏକ ଗୌରବମୟ ଅଧ୍ୟାୟ ହୋଇ ରହିଥିବ ।

## ହଜାରିବାଗ ଜେଲରୁ ସୁରେନ୍ଦ୍ର ମୁକ୍ତ

ସମ୍ବଲପୁରରେ ବହୁଶତାବ୍ଦୀ ଧରି ସାଏ ବଂଶ ରାଜତ୍ୱ କରୁଥିଲେ । ସୁରେନ୍ଦ୍ର ସାଏ ଏହି ସାଏ ବଂଶର ଲୋକ । ୧୯ଶ ଶତାବ୍ଦୀର ମଧ୍ୟଭାଗରେ ସମ୍ବଲପୁରର ରାଜା ନାରାୟଣ ସିଂହଦେଓଙ୍କ ସହିତ ସୁରେନ୍ଦ୍ର ସାଏଙ୍କ ବିବାଦ ହେଲା । ସୁରେନ୍ଦ୍ର ସମ୍ବଲପୁର ରାଜଗାଦି ଦାବୀ କରିଥିଲେ । ଶାସକମାନେ ସେ ଦାବୀକୁ ସ୍ୱୀକାର କଲେ ନାହିଁ । ସୁରେନ୍ଦ୍ର ସାଏଙ୍କ ବିରୁଦ୍ଧରେ ରାଜା ନାରାୟଣ ସିଂହଦେଓ କାର୍ଯ୍ୟାନୁଷ୍ଠାନ କଲେ । ବିଭିନ୍ନ ଅଭିଯୋଗରେ ସୁରେନ୍ଦ୍ର ସାଏଙ୍କୁ ଯାବଜ୍ଜୀବନ ଜେଲଦଣ୍ଡ ହେଲା । ବାୟୁ ପରିବର୍ତ୍ତନର କାରଣ ଦେଖାଇ ସୁରେନ୍ଦ୍ର ସାଏଙ୍କୁ ହଜାରିବାଗ ଜେଲକୁ ପଠାଇ ଦିଆଯାଇଥିଲା । ସିପାହୀ ବିଦ୍ରୋହ ବେଳକୁ ସୁରେନ୍ଦ୍ର ଏହି ଜେଲରେ ଥିଲେ । ତାଙ୍କ ସହିତ ତାଙ୍କ ଭାଇ ଉଦନ୍ତ ଓ କକା ବଳରାମ ମଧ୍ୟ ଥିଲେ । ଜେଲରେ ବଳରାମଙ୍କର ମୃତ୍ୟୁ ହୋଇଯାଇଥିଲା ।

## ବିହାର ଅଞ୍ଚଳରେ ସିପାହୀ ବିଦ୍ରୋହ

ବିହାର ଅଞ୍ଚଳର ସାହାବାଦ ଜିଲ୍ଲାରେ ସିପାହୀମାନେ ବିଦ୍ରୋହ କରି ଜେଲ ଭାଙ୍ଗି କଏଦୀମାନଙ୍କୁ ଖଲାସ କରିଦେଲେ । ସିପାହୀ ଓ କଏଦୀମାନେ କୋଏର ସିଂଙ୍କ ନେତୃତ୍ୱରେ ସେଠାରେ ସରକାରୀ ଅଫିସ, ଘାଟି ପ୍ରଭୃତି ଆକ୍ରମଣ କରି ବହୁ ଉପଦ୍ରବ କଲେ । ଦିନାପୁରର ସିପାହୀମାନେ ମଧ୍ୟ ବିଦ୍ରୋହ କରି ଆରା ଜିଲ୍ଲାରେ ପଶିଲେ । କୋଏର ସିଂହଙ୍କ ନେତୃତ୍ୱରେ ସିପାହୀମାନେ ବହୁ ସ୍ଥାନରେ ଜେଲ ଭାଙ୍ଗି, କଚେରୀ ଅଧିକାର କରି ରାଜକୋଷକୁ ହସ୍ତଗତ କରିଥିଲେ । ଇଂରେଜମାନେ ଭୟରେ ବିଭିନ୍ନ ସ୍ଥାନକୁ

ତାହାର ଅତି ନିରାପଦ ସ୍ଥାନରେ ଆଶ୍ରୟ ନେଲେ । ଛୋଟ ନାଗପୁରରେ ରାମଗଡ଼ ବାଟାଲିଅନ୍ ବିଦ୍ରୋହ କରି ବନ୍ଦୀଶାଳା ମାନଙ୍କରୁ ବନ୍ଦୀମାନଙ୍କୁ ଖଲାସ କରିଦେଲେ, ଖଜଣାଖାନା ଲୁଟ କଲେ । ସେତେବେଳେ ମନେ ହେଉଥିଲା, ସତେ ଯେପରି ସେ ଅଞ୍ଚଳରେ ବ୍ରିଟିଶ ଶାସନ ଲୋପ ପାଇଯାଇଛି ।

ଛୋଟନାଗପୁରର ସିପାହୀମାନଙ୍କର ବିଦ୍ରୋହର ପ୍ରଭାବ ଓଡ଼ିଶାର ଉତ୍ତରପଶ୍ଚିମ ଅଞ୍ଚଳରେ ପଡ଼ିଥିଲା, ଏଥିରେ ସନ୍ଦେହ ନାହିଁ । ଶାସକମାନେ ବିଦ୍ରୋହର ଖବର ପାଇ ବିଚଳିତ ହୋଇ ପଡ଼ିଥିଲେ । ସ୍ଥାନେ ସ୍ଥାନେ ଲୋକେ ମଧ୍ୟ ଟିକିଏ ବିଗିଡ଼ା ମନୋଭାବ ଧରିଥିଲେ ।

ଛୋଟନାଗପୁର ଅଞ୍ଚଳରେ କେପ୍ଟେନ୍ ଗ୍ରାହମ୍ ଓ କେପ୍ଟେନ ଡାଲ୍‌ଟନ୍ ବହୁ ପରିଶ୍ରମ କରି ଅବସ୍ଥାକୁ ଆୟତ୍ତ କରିଥିଲେ । ସେମାନଙ୍କୁ ଜମାଦାର ଅମିରୁଦ୍ଦିନ ଖାଁ ଓ ନାଏକ ହାବିଲଦାର ସେଖ ମୁଲା ବକ୍ସ ବହୁତ ସାହାଯ୍ୟ କରିଥିଲେ । ଏହି ଦୁଇ ମୁସଲମାନ ସିପାହୀ ଅଫିସର ଇଂରେଜମାନଙ୍କ ଏହି ଦୁର୍ଦ୍ଦିନରେ ଏହି ପାର୍ବତ୍ୟ ଅଞ୍ଚଳରେ ଯେଉଁ ସାହାଯ୍ୟ କରିଥିଲେ, ତାହା ଇଂରେଜମାନେ କେବେ ଭୁଲିପାରିବେ ନାହିଁ । ରାମଗଡ଼ର ରାଜା, ସରେଇକଲାର ରାଜା, ଖରସୁଆଁର ରାଜା ଓ 'ଇଂରେଜ ଭକ୍ତ' ଅନ୍ୟ କେତେକ ଛୋଟ ପାହାଡ଼ିଆ ଗଡ଼ପତିଙ୍କ ଯୋଗୁଁ ଏହି ଅଞ୍ଚଳରେ ଇଂରେଜମାନେ ରକ୍ଷା ପାଇଗଲେ ।

## ଜେଲରୁ ସାଏ ମୁକ୍ତ ହେଲେ

ଅଗଷ୍ଟ ମାସ ୫ ତାରିଖରେ ହଜାରିବାଗରେ ବିଦ୍ରୋହ ଭୀଷଣ ଆକାର ଧାରଣ କଲା । ସେଠାର ଜେଲରେ ୬୦୦

ପର୍ଯ୍ୟନ୍ତ ବନ୍ଦୀ ଥିଲେ । ବିଦ୍ରୋହୀମାନେ ଜେଲ୍ ଭାଙ୍ଗି ସମସ୍ତଙ୍କୁ ଖଲାସ କରିଦେଲେ । ଖଜଣାଖାନାରେ ପ୍ରାୟ ଏକଲକ୍ଷ ଟଙ୍କା ଥିଲା, ତାକୁ ଲୁଟ୍ କରିନେଲେ । ଏହି ବନ୍ଦୀମାନଙ୍କ ସାଙ୍ଗରେ ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦନ୍ତ ସାଏ ମଧ୍ୟ ଖଲାସ ହୋଇଥିଲେ ।

ସେତେବେଳେ ଏହି ବନ୍ଦୀଶାଳାରେ ଓଡ଼ିଶା ଗଡ଼ଜାତର କେତେକ ବନ୍ଦୀ ମଧ୍ୟ ଥିଲେ । ବନ୍ଦୀମାନଙ୍କ ଭିତରୁ ଅଧିକାଂଶ ସୁରେନ୍ଦ୍ରଙ୍କ ବିଦ୍ରୋହରେ ଯୋଗ ଦେଇଥିଲେ ।

---

# ଦ୍ୱିତୀୟ ଅଧ୍ୟାୟ

## ସିପାହୀ ବିଦ୍ରୋହ ପୂର୍ବରୁ ସୁରେନ୍ଦ୍ର-ଇଂରେଜ ସଂଘର୍ଷ

ସମ୍ବଲପୁର ୧୮୦୩ ପର୍ଯ୍ୟନ୍ତ ମରହଟ୍ଟାମାନଙ୍କ ରାଜତ୍ୱ ଅଧୀନରେ ଥିଲା । ପରେ ସେହି ବର୍ଷ ଇଂରେଜମାନଙ୍କୁ ସମୁଦ୍ର ଉପକୂଳବର୍ତ୍ତୀ ଓଡ଼ିଶା ଓ ଗଡଜାତ ଅଞ୍ଚଳ ସହ ସମ୍ବଲପୁର ଜିଲାକୁ ମଧ୍ୟ ମରହଟ୍ଟାମାନେ ଦେବଗାଁ ସନ୍ଧିସର୍ତ୍ତ ଅନୁସାରେ ଦେବାପାଇଁ ବାଧ୍ୟ ହେଲେ । ସେତେବେଳେ ସମ୍ବଲପୁରରେ ଠାଟିଅ ଫରନବିସ୍ ମରହଟ୍ଟାମାନଙ୍କର ଗଭର୍ଣ୍ଣର ବା ସୁବାଦାରରୂପେ ରାଜତ୍ୱ କରୁଥିଲେ । କାପ୍ଟେନ ରଫ୍‌ସେଡ୍‌ଜ୍ ସହରକୁ ନିଜପଦରେ ଦଖଲ କରିନେଲେ । ୧୮୦୫ରେ ଇଂରେଜମାନେ ସମ୍ବଲପୁରକୁ ପାଟଣା ଷ୍ଟେଟ ସହ ମରହଟ୍ଟମାନଙ୍କ ହାତରେ ଛାଡ଼ିଦେଲେ । ସେତେବେଳେ ଗଭର୍ଣ୍ଣର ଜେନେରାଲ୍ ସାର୍ ଜର୍ଜ ବାର୍ଲୋ ଦେଶକୁ

ଶାନ୍ତିରେ ରଖିବା ପାଇଁ ମରହଟ୍ଟା ଓ ଅନ୍ୟାନ୍ୟ ଶକ୍ତିମାନଙ୍କୁ ଖୁସି କରିବା ନୀତିକୁ ପସନ୍ଦ କରୁଥିଲେ । ତାଙ୍କର ମତ ହେଲା, କେତୋଟି ଛୋଟ ଛୋଟ ଅଞ୍ଚଳର କ୍ଷମତା, ରାଜସ୍ୱ ଓ ଅନ୍ୟାନ୍ୟ ବିଷୟ ତ୍ୟାଗ କରି ମରହଟ୍ଟାମାନଙ୍କୁ ସନ୍ତୁଷ୍ଟ ରଖିଲେ ଦେଶରେ ଶାନ୍ତି ବିରାଜିବା ସମ୍ଭବ । ତାଙ୍କର ଏହି ତୋଷଣନୀତିର ଫଳସ୍ୱରୂପ ସମ୍ବଲପୁର ଓ ପାଟଣା ୧୮୦୫ରେ ମରହଟ୍ଟାମାନଙ୍କ ହାତକୁ ଯାଇଥିଲା । ୧୮୦୮ରେ ସମ୍ବଲପୁରର ରାଣୀ ମରହଟ୍ଟା ରାଜତ୍ୱକୁ ସ୍ୱୀକାର ନ କରିବାରୁ ମରହଟ୍ଟମାନେ ସେହି ବର୍ଷ ସମ୍ବଲପୁର ଗଡକୁ ଦଖଲ କରି ନେବା ପାଇଁ ଉଦ୍ୟମ କଲେ । ମରହଟ୍ଟାମାନେ କୌଶଳ କରି କପଟ ବନ୍ଧୁତା ଦେଖାଇ ରାଣୀଙ୍କ ମନରେ ବିଶ୍ୱାସ ଜନ୍ମାଇଲେ ଯେ, ସେମାନେ ତାଙ୍କୁ କୌଣସି ପ୍ରକାର ହଇରାଣ କରିବେ ନାହିଁ । ରାଣୀ ସେମାନଙ୍କୁ ବକେୟା ପେସକେସ ଦେବାକୁ ରାଜି ହେଲେ । ମହାପ୍ରସାଦ ଛୁଇଁ ଚୁକ୍ତି ହେଲା । ରାଣୀ ନିଶ୍ଚିନ୍ତ ହୋଇ ଗଡ଼ ଭିତରେ ରହୁଥିବା ସୁବିଧା ଦେଖି ମରହଟ୍ଟାମାନେ ହଠାତ୍ ଆକ୍ରମଣ କରି ଗଡ ଦଖଲ କରିନେଲେ । ରାଣୀ ବାଧ୍ୟ ହୋଇ କଟକ ଅଞ୍ଚଳକୁ ପଳାଇଆସି ଇଂରେଜମାନଙ୍କ ଆଶ୍ରୟ ନେଲେ । ମରହଟ୍ଟା ଅମଳରେ ସମ୍ବଲପୁରରେ ଜମିଦାର, ପ୍ରଜା, ସମସ୍ତେ ଅଶାନ୍ତିରେ ରହୁଥିଲେ ।

× × × ×

୧୮୧୭ ରେ ପୁଣି ମରହଟ୍ଟାମାନଙ୍କ ହାତରୁ ସମ୍ବଲପୁର ଇଂରେଜମାନଙ୍କ ହାତକୁ ଆସିଲା । ୪ର୍ଥ ମରହଟ୍ଟା ଯୁଦ୍ଧ ବେଳେ କାପ୍ଟେନ ରଫ୍‌ସେଡ୍‌ଜ୍ ସମ୍ବଲପୁର ଗଡ ଆକ୍ରମଣ କରି

ଦଖଲ କରିନେଲେ । ସେହି ବର୍ଷ ନାଗପୁରରେ ଭୋଁସଲାଙ୍କ ଦରବାରରେ ଥିବା ଇଂରେଜ ରାଜଦୂତ ସାର ରିଚାର୍ଡ ଜେନ୍‌କିନ୍‌ସଙ୍କ ଚେଷ୍ଟାରେ ସମ୍ବଲପୁରର ରାଜା ଜୟନ୍ତସିଂହ ଓ ତାଙ୍କ ପୁତ୍ର ମରହଟ୍ଟାମାନଙ୍କ କବଳରୁ ମୁକ୍ତ ହେଲେ ଏବଂ ଜୟନ୍ତ ସିଂହ ସମ୍ବଲପୁର ଗାଦୀ ପାଇଲେ । ୧୮୧୮ରେ ଜୟନ୍ତ ସିଂହଙ୍କର ମୃତ୍ୟୁ ହେଲା । ତାଙ୍କ ପୁତ୍ର ମହାରାଜ ସାଏ ୧୮୨୦ରେ ଗାଦୀରେ ବସିଲେ । ୧୮୨୧ରେ ପୂର୍ବରୁ ସମଲପୁର ରାଜଗୀ ଅଧୀନରେ ଥିବା ଗଡ଼ଜାତଗୁଡ଼ିକୁ ଅଲଗା କରିନେଇ ସେହି ଗଡଜାତର ରାଜା-ମାନଙ୍କ ସହ ସ୍ଵତନ୍ତ୍ରଭାବରେ ଇଂରେଜମାନେ ଚୁକ୍ତି କରିନେଲେ । ୧୮୨୭ରେ ମହାରାଜ ସାଏଙ୍କର ଅପୁତ୍ରକ ଅବସ୍ଥାରେ ମୃତ୍ୟୁ ହେବାରୁ-ତାଙ୍କ ରାଣୀ ମୋହନକୁମାରୀଙ୍କୁ ଇଂରେଜମାନେ ସମ୍ବଲପୁର ରାଜଗୀର ଉତ୍ତରାଧିକାରୀ ବୋଲି ସ୍ଵୀକାର କଲେ । ଏଥିରେ ରାଜବଂଶର କେତେକ ଲୋକ ଓ ସାମନ୍ତ ଜମିଦାରମାନେ ଅସନ୍ତୁଷ୍ଟ ହେଲେ । ରାଣୀ ରାଜତ୍ଵ କଲେ ପ୍ରିୟାପ୍ରୀତି-ତୋଷଣ ନୀତି ଯୋଗୁଁ ତାଙ୍କର ପ୍ରିୟ ଲୋକଙ୍କ ଦ୍ଵାରା ବହୁତ ଅନିଷ୍ଟ ହେବାର ଆଶଙ୍କା କରି କେତେ ଜଣ ଗଣ୍ଡ ଓ ବିଞ୍ଝାଲ ଜମିଦାର ଅମାନିଆ ହେଲେ । ସୁରେନ୍ଦ୍ର ସାଏ ରାଣୀଙ୍କୁ ଗାଦୀର ଉତ୍ତରାଧିକାରୀ ରୂପେ ସ୍ଵୀକାର ନ କରି ନିଜେ ଗାଦୀ ଦାବୀ କଲେ । ସମ୍ବଲପୁରର ଚତୁର୍ଥ ରାଜା ମଧୁକର ସାଏଙ୍କର ଦାୟାଦ ବୋଲି କହି ସୁରେନ୍ଦ୍ର ଗାଦୀ ପାଇବା ପାଇଁ ଇଂରେଜମାନଙ୍କଠାରେ ଦାବୀ କରିଥିଲେ । ଇଂରେଜମାନେ ରାଣୀଙ୍କୁ ଉତ୍ତରାଧିକାରୀ ରୂପେ ସ୍ଵୀକାର କରିବାରୁ ଅସନ୍ତୁଷ୍ଟ ଗଣ୍ଡ ଓ ବିଞ୍ଝାଲ ବରୋଇମାନଙ୍କ ନେତୃତ୍ଵ ନେଇ ସୁରେନ୍ଦ୍ର ବିଦ୍ରୋହ ନିଆଁ ଜାଳିଲେ ।

ସମ୍ବଲପୁର ଅଞ୍ଚଳରେ ବିଦ୍ରୋହୀମାନେ କେତେ ଖଣ୍ଡି ଗାଁ ଲୁଟି କରିନେଲେ । ଲେଫ୍‌ଟେନାଣ୍ଟ ହଗିନ୍‌ସ ସମ୍ବଲପୁରରେ ଥିବା ସୈନ୍ୟମାନଙ୍କ ସାହାଯ୍ୟରେ ବିଦ୍ରୋହ ଦମନ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ସେଥିରେ ବିଶେଷ ଫଳ ନ ହେବାରୁ ହଜାରିବାଗରୁ କାପ୍‌ଟେନ୍ ୱିଲକିନ୍‌ସନ ସାହେବଙ୍କ ଅଧୀନରେ ଦଳେ ସୈନ୍ୟ କାର୍ଯ୍ୟାନୁଷ୍ଠାନ କଲେ । ବିଦ୍ରୋହ କିଛିଏ ଶାନ୍ତ ପଡ଼ିଲା । ୱିଲ୍‌କିନ୍‌ସନ୍ ୧୮୩୩ରେ ମତ ଦେଲେ ଯେ ରାଣୀଙ୍କୁ ଗାଦିରେ ରଖିଲେ ବରାବର ଅଶାନ୍ତି ଲାଗି ରହିବ । ସେଥିଯୋଗୁଁ ତାଙ୍କୁ ଗାଦିରୁ ତଡ଼ି ବରପାଲିର ନାରାୟଣ ସିଂହଙ୍କୁ ରାଜା କରି ଗାଦିରେ ବସାଇଲେ । ନାରାୟଣ ସିଂହ ସାଏ ରାଜବଂଶଧର ନ ଥିବା ଏବଂ ତାଙ୍କର ବଂଶ ରାଜଗାଦି ପାଇବା ଅନୁପଯୁକ୍ତ ଥିବା କାରଣ ଦେଖାଇ ବହୁଲୋକ ଇଂରେଜ ଶାସକମାନଙ୍କ ପାଖରେ ଆପତ୍ତି କଲେ । ଶାସକମାନେ ସେ କଥା ନ ଶୁଣିବାରୁ ବିଦ୍ରୋହୀମାନେ ଅତ୍ୟଧିକ ମାତ୍ରାରେ ଉତ୍ତେଜିତ ହୋଇ ପଡ଼ିଲେ ।

ସମ୍ବଲପୁରର ଲୋକେ ଆଶା କରିଥିଲେ ଯେ ଇଂରେଜ ସରକାର ଜଣେ ଉପଯୁକ୍ତ ଲୋକଙ୍କୁ ସିଂହାସନ ବସାଇବେ ଏବଂ ଫଳରେ ଦେଶରେ ସୁଶାସନ, ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠିତ ହେବ । ନାରାୟଣ ସିଂହଙ୍କୁ ଗାଦିରେ ବସାଇବାରୁ ସବୁ ଶ୍ରେଣୀର ଲୋକେ ଅସନ୍ତୁଷ୍ଟ ହେଲେ ।

ରାଜା ନାରାୟଣ ସିଂହଙ୍କ ରାଜତ୍ୱର ଆରମ୍ଭରୁ ଶାସନରେ ବିଶୃଙ୍ଖଳା ଦେଖା ଦେଇଥିଲା । ରାଣୀ ମୋହନକୁମାରୀଙ୍କ ଅମଳରେ ଯେଉଁ ସବୁ ଅସୁବିଧା ଦେଖାଦେଇଥିଲା, ସେଗୁଡ଼ିକ ପୁଣି ରାଜା

ନାରାୟଣଙ୍କ ଅମଳରେ ଦେଖା ଦେବାରୁ ଲୋକେ ଉତ୍ୟକ୍ତ ହୋଇପଡ଼ିଲେ । ସରକାର ଲୋକମତକୁ ଖାତିର ନ କରି ନାରାୟଣ ସିଂହଙ୍କୁ ରାଜା କରିବାରୁ ଲୋକେ ଅସନ୍ତୁଷ୍ଟ ଥିଲେ । ବର୍ତ୍ତମାନ ପୁଣି ଅତ୍ୟାଚାର ଓ ପ୍ରତିଶୋଧର ଅବସାନ ନ ହୋଇ ବୃଦ୍ଧି ପାଇବାରୁ ସେମାନଙ୍କର ଅସନ୍ତୋଷ ବହୁ ପରିମାଣରେ ବର୍ଦ୍ଧିତ ହୋଇ ବିଦ୍ରୋହର ଆକାର ଧାରଣ କଲା ।

ଗଣ୍ଡ ଓ ବିଞ୍ଝାଲ ଜମିଦାରମାନଙ୍କ ଭିତରୁ ଲଖନପୁର ( ଲକ୍ଷ୍ମଣପୁର )ର ଗଣ୍ଡ ଜମିଦାର ବଳଭଦ୍ର ଦାଉ ରାଜା ନାରାୟଣ ସିଂହଙ୍କ ପ୍ରତି ବିଶେଷ ଭାବରେ ଅସନ୍ତୁଷ୍ଟ ଥିଲେ । ସେ ଖ୍ରୀ: ୧୮୩୩ରେ ବିଦ୍ରୋହ କରି ରାଜା ନାରାୟଣ ସିଂହଙ୍କ ଉପରେ ଚଢ଼ାଉ କଲେ । ବଳଭଦ୍ରଙ୍କ ବିଦ୍ରୋହକୁ ଦମନ କରିବା ପାଇଁ ଇଂରେଜ ସରକାର ରାଜାଙ୍କୁ ସାହାଯ୍ୟ କଲେ । ରାଜାଙ୍କ ସିପାହୀମାନେ ସରକାରୀ ସୈନ୍ୟଙ୍କ ସହିତ ଯୋଗଦାନ କରି ବଳଭଦ୍ରଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ଏହି ଅଭିଯାନ ବହୁଦିନ ଚାଲିଲା । ବଳଭଦ୍ର ବାରପାହାଡ଼ ପର୍ବତମାଳାର ଗହ୍ୱରମାନଙ୍କରେ ଆଶ୍ରୟ ନେଇ ସରକାରୀ ସୈନ୍ୟଙ୍କୁ ବରାବର ବ୍ୟତିବ୍ୟସ୍ତ କରୁଥିଲେ । ଗଣ୍ଡ ଜାତିର ଅଧିକାଂଶ ଲୋକ ବଳଭଦ୍ରଙ୍କ ସପକ୍ଷରେ ରହିଥିବାରୁ ବିଦ୍ରୋହକୁ ଦମନ କରିବା ଏତେ ସହଜ ହୋଇ ନ ଥିଲା । ବାରପାହାଡ଼ ପର୍ବତମାଳାର ଉଚ୍ଚତମ ଶୃଙ୍ଗ ଦେବ୍ରିଗଡ଼ ଓ ଅନ୍ୟ ଏକ ଉଚ୍ଚ ଶୃଙ୍ଗ ବାରବଖରା ପର୍ବତ ବିଦ୍ରୋହୀମାନଙ୍କର ଆଶ୍ରୟସ୍ଥଳ ଥିଲା । ସେମାନେ ଆବଶ୍ୟକ ଅନୁସାରେ ପଥର ଓ ମାଟିର କାନ୍ଥ କରି ଗଡ଼ ପ୍ରାଚୀର ଭଳି ପ୍ରାଚୀର ନିର୍ମାଣ କରି ଭିତରେ ରହୁଥିଲେ । ରାତିରେ ଦଳ ଦଳ ହୋଇ ବିଦ୍ରୋହୀମାନେ ବାହାରି

ନିକଟସ୍ଥ ଗ୍ରାମମାନଙ୍କରେ ଲୁଣ୍ଠନ କରୁଥିଲେ ଏବଂ ସୂର୍ଯ୍ୟୋଦୟ ପୂର୍ବରୁ ପର୍ବତମାଳା ଭିତରକୁ ଫେରିଆସୁଥିଲେ; ରାଜାଙ୍କ ସମର୍ଥକ ଜମିଦାର ଓ ଗୌନ୍ତିଆମାନଙ୍କ ଅଞ୍ଚଳ ଭିତରେ ପଶି ଲୁଟତରାଜ କରୁଥିଲେ ଏବଂ ମୁଖ୍ୟ ବ୍ୟକ୍ତିମାନଙ୍କୁ ହାଣି ପକାଉଥିଲେ । ଏମାନଙ୍କର ବିଦ୍ରୋହ କାର୍ଯ୍ୟକଳାପ ଅତି ଉତ୍କଟ ଧାରଣ କରିବାରୁ ସେ ଅଞ୍ଚଳରେ ଆତଙ୍କ ଖେଳି ଯାଇଥିଲା । ସରକାରୀ ସୈନ୍ୟ ଡେବ୍ରିଗଡ଼ ଘେରାଉ କରି ବିଦ୍ରୋହୀମାନଙ୍କୁ ଧ୍ୱଂସ କରିବା ଉଦ୍ୟମ କଲେ । ବହୁ ସୈନ୍ୟ ଧରି ଇଂରେଜ ସେନାନାୟକ ଡେବ୍ରିଗଡ ଆକ୍ରମଣ କଲେ । ଉଭୟ ସେନା ଭିତରେ ଭୀଷଣ ଯୁଦ୍ଧ ଲାଗିଗଲା । ଏହି ଯୁଦ୍ଧରେ ବଳଭଦ୍ର ଦାଓ ପ୍ରାଣ ହରାଇଲେ ।

## ରାମପୁର ହତ୍ୟାକାଣ୍ଡ—ସାହେବଙ୍କୁ ଯାବଜ୍ଜୀବନ କାରାଦଣ୍ଡ

ଲଖନପୁର ବଳଭଦ୍ର ଦାଓ ଯୁଦ୍ଧରେ ନିହତ ହେବା ପରେ ବିଦ୍ରୋହୀମାନଙ୍କ ଭିତରେ ପ୍ରତିହିଂସା ମନୋଭାବ ଉତ୍କଟ ଆକାରରେ ପ୍ରକାଶ ପାଇଲା । ସରକାରୀ ସୈନ୍ୟଙ୍କ ସାହାଯ୍ୟ ପ୍ରତ୍ୟକ୍ଷରେ ବଳଭଦ୍ରଙ୍କ ମୃତ୍ୟୁ ଘଟିଥିବାରୁ ରାଜା ନାରାୟଣ ସିଂହ ଓ ସରକାରଙ୍କ ସମର୍ଥକମାନଙ୍କ ଉପରେ ସେମାନଙ୍କର ବିଷଦୃଷ୍ଟି ପଡ଼ିଲା । ବଳଭଦ୍ର ସୁରେନ୍ଦ୍ର ସାଏଙ୍କ ଜଣେ ପ୍ରଧାନ ସହାୟକ ଥିଲେ । ସେ ଶୋଚନୀୟ ଭାବରେ ପ୍ରାଣ ହରାଇଥିବାରୁ ସୁରେନ୍ଦ୍ର ବିଶେଷ ଭାବରେ ମ୍ରିୟମାଣ ହୋଇ ପଡ଼ିଥିଲେ । ଶତ୍ରୁ ପ୍ରତି ତାଙ୍କର କ୍ରୋଧ ଅତ୍ୟନ୍ତ ମାତ୍ରାରେ ବୃଦ୍ଧି ପାଇଥିଲା । ଖିଣ୍ଡା, ରାମପୁର ଓ ଲଖନପୁର ତିନି ଖଣ୍ଡାପରି ରହିଛନ୍ତି । ଜମିଦାରୀର ସୀମା ମଧ୍ୟ ପ୍ରାୟ ଲଗାଲଗି । ରାମପୁରର

ଜମିଦାର ଦରିଆଓ ସିଂହ ରାଜା ନାରାୟଣ ସିଂହଙ୍କର ଜଣେ ପ୍ରଧାନ ସମର୍ଥକ ଥିଲେ । ଖ୍ରୀ ୧୮୪୦ରେ ଲଖନପୁରର ଗଣ୍ଡ ବିଦ୍ରୋହୀ ଯୋଦ୍ଧାମାନେ ଓ ସୁରେନ୍ଦ୍ରଙ୍କ ଯୋଦ୍ଧାମାନେ ଅତର୍କିତ ଭାବରେ ରାମପୁର ଆକ୍ରମଣ କଲେ । ରାଜା ଓ ସରକାରଙ୍କ ଫୌଜ ପହଞ୍ଚିବା ପୂର୍ବରୁ ଦରିଆଓ ସିଂହଙ୍କ ସିପାହୀମାନଙ୍କୁ ପରାସ୍ତ କରି ସେମାନେ ନଅର ଭିତରେ ପ୍ରବେଶ କଲେ । ଦରିଆଓ ସିଂହଙ୍କ ପିତା ଓ ପୁତ୍ର ଆକ୍ରମଣକାରୀମାନଙ୍କ ଦ୍ୱାରା ନିହତ ହେଲେ । ଶିଶୁ, ସ୍ତ୍ରୀ, ବୃଦ୍ଧ ନିର୍ବିଶେଷରେ ଦରିଆଓଙ୍କ କୁଟୁମ୍ବର ବହୁଲୋକ ହାଣ ଖାଇଲେ । ରାମପୁରର ଏହି ଘଟଣା ସମ୍ବଲପୁର ଜିଲ୍ଲାରେ ଚହଲ ପକାଇଦେଲା । ସୁରେନ୍ଦ୍ରଙ୍କ ସମର୍ଥକମାନେ ଏଥିରେ ଆନନ୍ଦ ଲାଭକରି ବିଶେଷ ଭାବରେ ଉତ୍ସାହିତ ହୋଇ ପଡ଼ିଲେ; କିନ୍ତୁ ବିପକ୍ଷ ଓ ନିରପେକ୍ଷ ଲୋକଙ୍କ ମନରେ ଦୁଃଖର ଛାୟା ଖେଳିଗଲା । ସୁରେନ୍ଦ୍ରଙ୍କ ପ୍ରରୋଚନାରେ ଏହି କଦର୍ଯ୍ୟ ଘଟଣା ସମ୍ଭବ ହୋଇଥିବାରୁ ତାଙ୍କର ଏହି କାର୍ଯ୍ୟକୁ କେହି ସମର୍ଥନ କରି ନ ଥିଲେ । ଏହି ଭୟାବହ ଘଟଣା ପରେ ରାଜା ନାରାୟଣ ସିଂହ ଓ ସରକାରୀ ହାକିମମାନେ ବିଚଳିତ ହୋଇ ପଡ଼ିଲେ ଏବଂ ଲୋକେ ମଧ୍ୟ ଉତ୍ପୀଡ଼ିତ ହୋଇପଡ଼ୁଥିଲେ ।

ସରକାର ଏହି ଘଟଣାର ତଦନ୍ତ କରି ସୁରେନ୍ଦ୍ର, ଓ ତାଙ୍କ ଭାଇ ଉଦନ୍ତ ସାଏ ଓ କକା ବଳରାମ ସିଂହଙ୍କୁ ଏଥିପାଇଁ ଦାୟୀ କଲେ । ଏମାନଙ୍କୁ ଗିରଫ କରାଯାଇ ଏମାନଙ୍କ ବିରୁଦ୍ଧରେ ମକଦ୍ଦମା ହେଲା । ସୁରେନ୍ଦ୍ର, ଓ ତାଙ୍କ ଭାଇ ଉଦନ୍ତ ଓ କକା ବଳରାମ ସିଂହ ଏଥିରେ ଆଦୌ ସଂପୃକ୍ତ ନୁହନ୍ତି ବୋଲି ଯୁକ୍ତି କଲେ । ବିଚାରରେ ଏ ତିନି ଜଣଙ୍କୁ ଯାବଜ୍ଜୀବନ କାରାଦଣ୍ଡ

ଆଦେଶ ହେଲା । ସମ୍ବଲପୁର ଜିଲାରେ ଜେଲ ଭିତରେ ରାଜନୈତିକ ବନ୍ଦୀ ହିସାବରେ ଏମାନଙ୍କୁ ରଖାଗଲା । କିଛି ସମୟ ପରେ ଏମାନଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ଏମାନଙ୍କୁ ହଜାରିବାଗ ଜେଲକୁ ସ୍ଥାନାନ୍ତରିତ କରାଗଲା ।

— — —

# ତୃତୀୟ ଅଧ୍ୟାୟ

## ସୁରେନ୍ଦ୍ରଙ୍କର ପୁଣି ବିଦ୍ରୋହ

ଖ୍ରୀ ୧୮୫୭ ରେ ସିପାହୀ ବିଦ୍ରୋହୀମାନେ ହଜାରିବାଗ ଜେଲ ଭାଙ୍ଗି ସବୁ ବନ୍ଦୀଙ୍କୁ ଖଲାସ କରିଦେଲେ । ସୁରେନ୍ଦ୍ର ସାଏ ଓ ତାଙ୍କ ଭାଇ ଉଦ୍‌ବନ୍ତ ସାଏ ଜେଲରୁ ମୁକ୍ତ ହୋଇ ଗାଙ୍ଗପୁର ଗଡ଼ଜାତ ବାଟେ ସମ୍ବଲପୁରଜିଲ୍ଲା ଭିତରେ ପଶିଲେ ।

ସମ୍ବଲପୁରର ଶାସକମାନେ ଭାବିଲେ ଯେ ସୁରେନ୍ଦ୍ର ସମ୍ବଲପୁର ଗଡ଼ ଦଖଲ କରିବା ଉଦ୍ଦେଶ୍ୟରେ ଅଗ୍ରସର ହେଉଛନ୍ତି । ଏହି ଆଶଙ୍କାରେ ତାଙ୍କର ଗତିରୋଧ କରି ତାଙ୍କୁ ପୁଣି ଧରିନେବା-ପାଇଁ ଉଦ୍ୟମ କଲେ ।

ହଜାରିବାଗରେ ୮ ନମ୍ବର ସିପାହୀକମ୍ପାନୀର ସିପାହୀମାନେ ବିଦ୍ରୋହରେ ଯୋଗ ଦେଇଛନ୍ତି ଏବଂ ସେମାନେ ସମ୍ବଲପୁର ଅଭିମୁଖରେ ଯାତ୍ରା କରିଛନ୍ତି ବୋଲି ଖବର ପାଇ ସମ୍ବଲପୁରର ଶାସକମାନେ ବିଚଳିତ ହୋଇପଡ଼ିଲେ । କଟକ କମିସନର ଷ୍ଟକ୍‌ୱେଲ୍ ସାହେବ ସମ୍ବଲପୁରକୁ ଦଳେ ମାନ୍ଦ୍ରାଜୀ ସୈନ୍ୟ କାପ୍‌ଟେନ୍ ଲେଙ୍କ ନେତୃତ୍ୱରେ ପଠାଇଲେ । ହଜାରିବାଗର ବିଦ୍ରୋହୀଦଳ ସମ୍ବଲପୁର

ଅଡ଼କୁ ମାଡ଼ିଆସୁଥିବା ଗୁଜବ ଠିକ୍ ନୁହେଁ ବୋଲି ପରେ ଜଣାପଡ଼ିଲା । କାପଟେନ୍ ଲେ ଅଗଷ୍ଟ ମାସ ଶେଷ ବେଳକୁ ସମ୍ବଲପୁରରେ ପହଞ୍ଚିଲେ ।

କାପ୍ଟେନ ଲେ ସମ୍ବଲପୁରରେ ମୁଖ୍ୟ ଅସିଷ୍ଟାଣ୍ଟ କମିଶନର ରୂପେ ନିଯୁକ୍ତ ହୋଇ ଅବସ୍ଥାନ କଲେ । ସମ୍ବଲପୁରରୁ ରାଜକୋଷ ମଧ୍ୟ ହରଣଚାଲ ହେବାର ମସୁଧା ହୋଇଥିଲା । ବିଦ୍ରୋହୀମାନେ ଗାଁର ସେନାନାୟକଙ୍କ ଜାଲ ଦସ୍ତଖତରେ ସମ୍ବଲପୁର ପାଇକ କମ୍ପାନୀର ସୁବାଦାର ଶେଖ ପାଞ୍ଚକଉଡ଼ି ଖାଁଙ୍କ ଠାକୁ ପତ୍ର ଲେଖିଲେ — "ବନ୍ଦୀଶାଳାରୁ ସବୁ କଏଦୀଙ୍କୁ ମୁକ୍ତ କରିଦିଅ । ରାଜକୋଷରେ ଯେତେ ଟଙ୍କା ଅଛି, ତାକୁ ଏହି କଏଦୀମାନଙ୍କ ସାହାଯ୍ୟରେ ଗାଁକୁ ପଠାଇ ଦିଅ ।" ଯଦି ଜେଲରୁ କଏଦୀମାନଙ୍କୁ ଖଲାସ କରି ଦିଆଯାଇଥାନ୍ତା ଏବଂ ଏହାପରେ ଏହି କଏଦୀମାନଙ୍କ ସାହାଯ୍ୟରେ ରାଜକୋଷକୁ ଗାଁ ପଠାଇବା ବ୍ୟବସ୍ଥା ହୋଇଥାଆନ୍ତା, ତାହା ହେଲେ ନିଶ୍ଚୟ ବିଦ୍ରୋହୀମାନେ ବାଟରେ ଟଙ୍କାକୁ ଛଡ଼ାଇ ନେଇ କଏଦୀମାନଙ୍କୁ ସେମାନଙ୍କ ଦଳ ଭିତରକୁ ଟାଣି ନେଇ ଥାଆନ୍ତେ । ଏହା ଘଟିଥିଲେ ସମ୍ବଲପୁରରେ ଇଂରେଜ ରାଜତ୍ୱର ଅବସ୍ଥା ଯେ ଅତି ଶୋଚନୀୟ ହୋଇ ପଡ଼ିଥାଆନ୍ତା ଏଥିରେ କୌଣସି ସନ୍ଦେହ ନାହିଁ । ଇଂରେଜମାନଙ୍କ ଭାଗ୍ୟକୁ ସୁବାଦାର ଶେଖ ପାଞ୍ଚକଉଡ଼ି ଖାଁ କାପ୍ଟେନ ଲେଙ୍କୁ ଏହି ଚିଠି କଥା ପ୍ରକାଶ କରିଦେଲେ । ଲେ ହୁସିଆର ହୋଇଯାଇ ଜେଲ ଓ ରାଜକୋଷ ରକ୍ଷାର ସୁବ୍ୟବସ୍ଥା କରିବାକୁ ଲାଗିଲେ ।

ସମ୍ବଲପୁରରୁ କାପ୍ଟେନ ଲେ ରୁଇଁବସା ଅଡ଼କୁ ଅଗ୍ରସର ହେଲେ । ତାଙ୍କ ସାଙ୍ଗରେ ପଟ୍ଣାଇକଲାର ରାଜା, ଖରସୁଆର ରାଜା

ଓ ଭଣ୍ଡାରକାର ବୋଲୁଥିଲେ । ସେପ୍‌ଟେମ୍ବର ୧୬ ତାରିଖରେ ରୁଇଁ ବସାରେ ଲେ ପହଞ୍ଚିଲେ । ଯେଉଁ ଯେଉଁ ଅଞ୍ଚଳରୁ ଭୟରେ ଶାସକମାନେ ପଳାଇ ଯାଇଥିଲେ ଏବଂ ଶାସନ ବ୍ୟବସ୍ଥା ଭାଙ୍ଗି ପଡ଼ିଥିଲା, ସେଥିରୁ ଅଧିକାଂଶ ସେପ୍‌ଟେମ୍ବର ଶେଷ ,ବେଳକୁ ଅଯୁତ୍ତାଧୀନ ହୋଇଗଲା । ଏପଟରୁ ନିଃଶ୍ୱାସ ମାରିବାକୁ ସମୟ ପାଇବାରୁ ଶାସକମାନେ ସମ୍ବଲପୁର ଅଡ଼କୁ ଦୃଷ୍ଟି ଦେଲେ ।

ସମ୍ବଲପୁରରେ ସେତେବେଳେ ଯେଉଁ ପୋଲିସ ଥିଲେ, ସେମାନଙ୍କ ସଂଖ୍ୟା ସରକାର ବୃଦ୍ଧି କରିଦେଲେ । ଅଧିକା ୮୦ ଜଣ ସିପାହୀଙ୍କୁ ନିଯୁକ୍ତ କରାଗଲା । ରାମଗଡ ବାଟେଲିଅନ୍‌ର ଦେଢ଼ଶହ ସିପାହୀ ଓ ୧୨ ଜଣ ଅଶ୍ୱାରୋହୀ ସିପାହୀ ଇଂରେଜ-ମାନଙ୍କ ପ୍ରତି ଅନୁରକ୍ତ ରହିଥିବାରୁ ସେମାନଙ୍କୁ ସମ୍ବଲପୁରରେ ରଖାଗଲା ।

## ସଂଘର୍ଷର ପ୍ରାରମ୍ଭ

ଅକ୍ଟୋବର ମାସ ପ୍ରଥମ ଭାଗରେ ସମ୍ବଲପୁରରେ ଖବର ପହଞ୍ଚିଲା ଯେ ସୁରେନ୍ଦ୍ର ସାଏ ବହୁ ଲୋକଙ୍କୁ ଧରି ସମ୍ବଲପୁର ସହର ନିକଟରେ ପହଞ୍ଚିଲେଣି ଏବଂ ସମ୍ବଲପୁରର ଗାଦୀ ପାଇବା ପ ଇଁ ସେ ଗଡ଼ ଆକ୍ରମଣ କରିବା ମତଲବରେ ଅଛନ୍ତି ।

ସମ୍ବଲପୁରରେ ଅବସ୍ଥିତ ସୈନ୍ୟବାହିନୀକୁ ସୁସଜ୍ଜିତ କରି ଇଂରେଜ ଶାସକମାନେ ସୁରେନ୍ଦ୍ର ସାଏଙ୍କ ଆକ୍ରମଣ ଅପେକ୍ଷାରେ ରହିଲେ । ସୁରେନ୍ଦ୍ର ସାଏଙ୍କ ସାଥିରେ ବହୁଲୋକ ଥିବାର ଆଶଙ୍କା କରି ଇଂରେଜମାନେ ଆଗରୁ ହୁସିଆର ହେଲେ । ପୂର୍ବେ ତ ସୁରେନ୍ଦ୍ର

ସାଏ ବିଦ୍ରୋହ କରିଥିଲେ । ବର୍ତ୍ତମାନର ଅନିଶ୍ଚିତ ଅବସ୍ଥାର ସୁଯୋଗ ସେ ନ ନେବେ, ଏ କଥା କିଏ ବିଶ୍ୱାସ କରିବ ? ହୁଏତ ସିପାହୀବିଦ୍ରୋହର ନିଆଁ ହୁଲା ଧରି ସେ ସମ୍ବଲପୁର ଆସୁଥିବେ, ଏହି ଆଶଙ୍କା ଶାସକମାନଙ୍କର ମନେ ହେଲା । ସୁରେନ୍ଦ୍ରଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରି ତାଙ୍କୁ ଧରିବା ପାଇଁ ପୁରସ୍କାର ଦିଆଯିବାର ସିଦ୍ଧାନ୍ତ ସରକାର ପ୍ରକାଶ କଲେ । ସୁରେନ୍ଦ୍ର ସାଏ ଜଣାଇଲେ ଯେ ଏପରି ଆଶଙ୍କା କରିବାର କୌଣସି କାରଣ ନାହିଁ । କେବଳ କମିଶନରଙ୍କ ସହିତ ଦେଖା କରି ତାଙ୍କର ଦୁଃଖ ଗୁହାରି ଜଣାଇବା ପାଇଁ ସେ ଗଡ଼ ଅଞ୍ଚଳରୁ ଆସୁଥିଲେ । ସେ କେବେ ସଙ୍ଗରେ ଅନ୍ୟ ଲୋକଙ୍କୁ ଆଣି ନ ଥିଲେ । ଯେଉଁମାନେ ତାଙ୍କ ସଙ୍ଗରେ ଆସୁଥିଲେ ସେମାନେ କେବଳ ଦେଖଣାହାରି, ତାଙ୍କ ଇଚ୍ଛା ବିରୁଦ୍ଧରେ ଆସୁଥିଲେ । ତାଙ୍କ ପ୍ରତି ସେହି ଲୋକଙ୍କ ସ୍ନେହ ଓ ଭକ୍ତି ଥିବାରୁ ସେମାନେ ତାଙ୍କ ସାଙ୍ଗରେ ଆସୁଥିଲେ ମାତ୍ର । ସରକାର ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରିଥିବାରୁ ସୁରେନ୍ଦ୍ର ଦୁଃଖିତ ହୋଇ ସରକାରଙ୍କଠାରେ ଆପତ୍ତି କଲେ । ପରବର୍ତ୍ତୀ କେତେକ ଘଟଣା ସୁରେନ୍ଦ୍ର ନିଜେ ଯେଉଁ ଦରଖାସ୍ତ ବଡ଼ ଆସିଷ୍ଟାଣ୍ଟ କମିଶନଙ୍କ ପାଖକୁ ପଠାଇଥିଲେ ସେଥିରୁ ବେଶ ଜଣାପଡ଼ୁଛି । ୧୮୫୭ ଅକ୍ଟୋବର ମାସ ୧୩ ତାରିଖରେ ସେ ଯେଉଁ ଦରଖାସ୍ତ ପଠାଇଥିଲେ ତାର ସାରାଂଶ ହେଉଛି :—

"ଦରଖାସ୍ତକାରୀ ତାର ବର୍ତ୍ତମାନର ଦୁରବସ୍ଥା ଆପଣଙ୍କୁ ଜଣାଇ, ଆପଣଙ୍କ ଶରଣାର୍ଥୀ ହୋଇ, ତାର ଯେତେ ଦୁଃଖଗୁହାରି ଅଛି ତାହାର ବିହିତ ପ୍ରତିକାର ପାଇଁ ଆପଣଙ୍କ ପାଖେ ନିବେଦନ କରିବା ଉଦ୍ଦେଶ୍ୟରେ ସମ୍ବଲପୁର ଆସୁଥିଲା । ତାଙ୍କ ମୁକ୍ତିର

ଅବସ୍ଥା ଏହିପରି—ତାଙ୍କ ଭଙ୍ଗା ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସହିତ ତାଙ୍କ ଗୃହବିବାଦ ଯୋଗୁଁ ଅପଡ଼ ହେଲା । ଏହି ଗୃହବିବାଦ ଯୋଗୁ ତାଙ୍କୁ ଓ ତାଙ୍କ ଭାଇ ଉଦନ୍ତ ସାଏଙ୍କୁ କୃଷ୍ଣପୁର ( କଣନପୁର ) ରେ ବନ୍ଦୀରୂପେ ରଖାଗଲା । ପରେ ମିଷ୍ଟର କଫୋର୍ଡଙ୍କ ସମୟରେ ବାୟୁ ପରିବର୍ତ୍ତନ ଅବକାଶେ ଅନ୍ୟାନ୍ୟ ରାଜବନ୍ଦୀଙ୍କ ସହିତ ତାଙ୍କୁ ଓ ତାଙ୍କ ଭାଇଙ୍କୁ ହଜାରିବାଗ ଜେଲକୁ ପଠାଇ ଦିଆଗଲା । ହଜାରିବାଗରେ ୮ମ ରେଜିମେଣ୍ଟର ଯେଉଁ ଦୁଇଟି କମ୍ପାନୀ ସୈନ୍ୟ ଦଳ ଥିଲେ ସେମାନେ ବିଦ୍ରୋହ କରି ଜେଲରୁ ବନ୍ଦୀମାନଙ୍କୁ ଦିନ ଦିପହରରେ ଖଲାସ କରିଦେଲେ ନିଜ ଘରକୁ ହେଉ କି ଯେ ଯେଉଁ ସ୍ଥାନକୁ ଯିବାପାଇଁ ଇଚ୍ଛାକଲା ସେ ସ୍ଥାନକୁ ଯିବାକୁ ସେମାନେ କହିଲେ ।

“ଅନ୍ୟାନ୍ୟ ଜିଲ୍ଲା ଓ ଗଡ଼ଜାତର ବନ୍ଦୀମାନେ ନିଜ ନିଜ ଘରକୁ ଯିବାପାଇଁ ବାହାରିଲେ; କିନ୍ତୁ ସେ ଓ ତାଙ୍କ ଭାଇ ନିର୍ଦ୍ଦୋଷ ହେଲେ ମଧ୍ୟ ବିନା କାରଣରେ ୧୮ ବର୍ଷକାଳ ଜେଲଦଣ୍ଡ ଭୋଗିଥିବାରୁ ଛୋଟନାଗପୁର କମିଶନରଙ୍କ ଆଗରେ ଉପସ୍ଥିତ ହୋଇ ତାଙ୍କ ଅନୁମତି ଅନୁସାରେ ନିଜ ଘରକୁ ବାହୁଡ଼ିଯିବାକୁ ସ୍ଥିର କଲେ । ଏହି ଉଦ୍ଦେଶ୍ୟରେ ସେମାନେ ରାଞ୍ଚିର ପ୍ରାୟ ୧୫-୧୮ ମାଇଲ ଦୂରରେ ଥିବା ଗିତଞ୍ଜା ନାମକ ସ୍ଥାନରେ ପହଞ୍ଚିଲେ; କିନ୍ତୁ ସେଠାରେ ସେମାନେ ଶୁଣିଲେ ଯେ ବେସାମରିକ ଓ ସାମରିକ କର୍ତ୍ତୃପକ୍ଷ ରାଞ୍ଚି ଛାଡ଼ି ପଳାଇଛନ୍ତି ; ସେଠାରେ ଥିବା ରାମଗଡ଼ ବାଟାଲିଅନର ସୈନ୍ୟଦଳ ବିଦ୍ରୋହ କରିଅଛନ୍ତି ଏବଂ ସେଠାରେ ବେଶି ଗୋଳ ଅବସ୍ଥା ସୃଷ୍ଟି ହୋଇଅଛି ।

"ସେଠାରେ ଏ ଅଶାନ୍ତି ଅବସ୍ଥା ଦେଖି ସେମାନେ ନିଜର ଦୁର୍ଭାଗ୍ୟକୁ ଧିକ୍କାର କଲେ ଏବଂ ତାଙ୍କର ଦୁର୍ଭାଗ୍ୟ ଯେ ତାଙ୍କୁ ପୁଣି ଗୋଡ଼ାଉଛି ଏ କଥା ଭାବିଲେ । ଶେଷରେ ସ୍ଥିର କଲେ, ସେ ନିଜ ଜିଲ୍ଲାକୁ ଫେରିଯାଇ, ସେଠାରେ ଅସିଷ୍ଟାଣ୍ଟ କମିସନରଙ୍କ ସଙ୍ଗେ ଦେଖାକରିବେ ଉପ କର୍ତ୍ତୃପକ୍ଷଙ୍କ ମଞ୍ଜୁରୀ ଆଶାରେ ସେମାନଙ୍କୁ ସେ ମୁକ୍ତି ଦେବେ ଏବଂ ତାଙ୍କ ଆଶ୍ରୟରେ ରଖିବେ । ଏହି ଆଶାରେ ସେମାନେ ନିବିଡ଼ ବଣ ଜଙ୍ଗଲ ଭିତରେ ପଶି ବହୁ ଦୁଃଖ କଷ୍ଟ ସହି ଗାଙ୍ଗପୁର ଅନ୍ତର୍ଗତ ତେଲିଅ ନାମକ ସ୍ଥାନରେ ଉପସ୍ଥିତ ହେଲେ; କିନ୍ତୁ ତାଙ୍କ ଦୁର୍ଭାଗ୍ୟକୁ ତାଙ୍କୁ ଓ ଉଦନ୍ତଙ୍କୁ ଭୀଷଣ ଜ୍ୱର ହେଲା । ଉଦନ୍ତ ବଞ୍ଚିବାର ଆଶା ନ ଥିଲା । ସେଥିପାଇଁ ଯାତ୍ରାରେ ଡେରି ହେଲା; କିନ୍ତୁ ଭଗବାନଙ୍କ କୃପାରୁ ଜ୍ୱରମୁକ୍ତ ହେବା ପରେ ସେମାନେ ପୁଣି ସମ୍ବଲପୁର ଅଡ଼କୁ ଚାଲିଲେ ।

"ଏହି ସମୟରେ ସେ ଶୁଣିଲେ ଯେ, ତାଙ୍କର ଗୁପ୍ତ ଓ ପ୍ରକାଶ୍ୟ ଶତ୍ରୁମାନେ ସ୍ୱ ସ୍ୱ ସ୍ୱାର୍ଥସିଦ୍ଧିପାଇଁ ଅସିଷ୍ଟାଣ୍ଟ କମିଶନରଙ୍କ କାନରେ ତାଙ୍କ ବିରୁଦ୍ଧରେ ନାନା କଥା କହି ତାଙ୍କୁ ବିଦ୍ରୋହୀ ବୋଲି ଘୋଷଣା କରିବାରେ ସମର୍ଥ ହୋଇ ପାରିଛନ୍ତି । ତାଙ୍କୁ ଯେ ଧରାଇ ଦେବ ସେ ପୁରସ୍କାର ପାଇବ ବୋଲି ମଧ୍ୟ ଘୋଷଣା ହୋଇଛି । ଏଥିରେ ସେ ଭୟ ପାଇ କମିଶନରଙ୍କ ନିକଟକୁ, ନ ଆସି ଅଟକି ଗଲେ । ସେ ଆଶଙ୍କା କଲେ ଯେ, ଯଦି ସେ ହାକିମଙ୍କ ପାଖକୁ ଯାଆନ୍ତି ତାହାହେଲେ ତାଙ୍କ ଶତ୍ରୁମାନେ ନାନା ମିଥ୍ୟା ଦୋଷ ଆରୋପ କରି, କମିସନରଙ୍କୁ ପ୍ରଭାବିତ କରି, ତାଙ୍କୁ ଧରାଇ ନେଇ ପୁନର୍ବାର ବିନା କାରଣରେ ଦଣ୍ଡ ଦେବେ । ହାକିମଙ୍କର ଆଶ୍ରୟପ୍ରାପ୍ତି ତାଙ୍କ ପକ୍ଷରେ ଏହି ଅବସ୍ଥାରେ ଅଦୌ

ସମ୍ଭବପର ନ ଥିଲା । ତାଙ୍କର ଶତ୍ରୁମାନଙ୍କ ଚକ୍ରାନ୍ତରୁ ରକ୍ଷା ପାଇବା ତାଙ୍କ ପକ୍ଷରେ ସମ୍ଭବ ନଥିଲା । ସାଦୀଙ୍କ କଥାରେ" ଇରାକରୁ ଗୁଣି ଅଠାରୁ ଔଷଧ ଆସିବା ପୂର୍ବରୁ ସାପ ମାରିଥିବା ଲୋକର ମୃତ୍ୟୁ ହୋଇ ସାରିଥିବ ।"

"ଏହି ସବୁ କାରଣରୁ ସେ ଓ ତାଙ୍କ ଭାଇ ହାକିମଙ୍କ ସାଙ୍ଗରେ ଦେଖା କରିବା ପାଇଁ ବ୍ୟାକୁଳ ହୋଇ ନିଜ ଗୁଳିବାକରଙ୍କୁ ସାଙ୍ଗରେ ନେଇ ସମ୍ବଲପୁର ଗଡ଼କୁ ଆସୁଥିଲେ । କିନ୍ତୁ ଯହୁଁ ଯହୁଁ ଗଡ଼ ନିକଟ ହେଲା ତହୁଁ ତହୁଁ ବହୁ ଲୋକ ରୁଣ୍ଡ ହୋଇ ତାଙ୍କ ସହିତ ଗଡ ପର୍ଯ୍ୟନ୍ତ ଆସିଲେ । ସେ କୌଣସି ସ୍ଥାନରେ ବାଧା ନ ପାଇ ଓ କାହାର କିଛି ଅନିଷ୍ଟ ନ କରି ସମ୍ବଲପୁର ପାଖରେ ପହଞ୍ଚିଛନ୍ତି ।

"କିଛି ଦୂରରୁ ସେମାନେ ଦେଖିଲେ ଯେ ସେମାନଙ୍କୁ ଧରିବାପାଇଁ ହାକିମ ଦଳେ ଘୋଡ଼ାସବାର ସୈନ୍ୟଙ୍କୁ ପଠାଇଛନ୍ତି । ଉତ୍ତରେ ଏହି ସୈନ୍ୟମାନଙ୍କୁ ସେ ତାଙ୍କ ନିଜର ଅଭିଳାଷ ସେମାନଙ୍କୁ ଜଣାଇଲେ । ସେ ବିଦ୍ରୋହ କରିବାକୁ ଆସି ନାହାନ୍ତି: ଅସିଷ୍ଟାଣ୍ଟ କମିଶନରଙ୍କ ବାହୁଚ୍ଛାୟା ତଳେ ଆଶ୍ରୟ ନେଇ ତାଙ୍କଠାରେ ଶରଣ ପଶିବାକୁ ଆସୁଛନ୍ତି; ତାଙ୍କ ପ୍ରତି ସରକାରଙ୍କ ଦୟା ହେଉ, ଏହି ଉଦ୍ଦେଶ୍ୟରେ ସମ୍ବଲପୁର ଯାଉଛନ୍ତି ବୋଲି ବହୁତ ବୁଝେଇଲେ । କିନ୍ତୁ ସୈନ୍ୟମାନେ ସେ କଥା ନ ଶୁଣି ତାଙ୍କୁ ହାକିମଙ୍କ ପାଙ୍କୁ ଯିବାପାଇଁ ଛାଡ଼ି ନ ଦେଇ ବାଟରେ ଉପସ୍ଥିତ ହେଲେ । ସୌଭାଗ୍ୟକୁ, ନିଜେ ହାକିମ ସେଠାରେ ଉପସ୍ଥିତ ହେଲେ । ସେମାନେ ପୂର୍ବର ବହୁଦିନର ଅଭିଳାଷ ଅନୁସାରେ ହାକିମଙ୍କ ଗୋଡତଳେ ପଡ଼ିଲେ, ତାଙ୍କ ଗୋଡ଼ଧୂଳି ଚୁମ୍ବନ

କଲେ ଏବଂ ସେମାନଙ୍କୁ ଯେଉଁ ନିର୍ଦ୍ଦେଶ ଦିଆଗଲା ତାହା ମନଯୋଗ ସହକାରେ ଶୁଣିଲେ ।

“ହାକିମ ସାହେବଙ୍କ ସଙ୍ଗେ ଦେଖା ହେବା ପରେ ସେମାନଙ୍କର ମନରେ ବଳ ଆସିଗଲା । ସେମାନଙ୍କ ସାଙ୍ଗରେ ଯେଉଁ ସବୁ ଲୋକ ଆସିଥିଲେ ସେମାନଙ୍କୁ ଯେଝା ଘରକୁ ବାହାରିଯିବା ପାଇଁ କହିଲେ । ଉଦନ୍ତ ଘରକୁ ବାହାରି ଗଲେଣି । କେବଳ ସେ ( ସୁରେନ୍ଦ୍ର ) କମିଶନରଙ୍କ ପାଖରେ ଶରଣାର୍ଥୀ ହୋଇ ପଡ଼ି ରହିଛନ୍ତି । ସେ ପ୍ରାର୍ଥନା କରୁଛନ୍ତି କି, “ସେମାନଙ୍କ ହୁଳବଟ୍ଟାକୁ ଲୋପକରି ଉଚିତ ବିଧାନ କରାଯାଉ, ଯେପରି କି ସେମାନେ ଚିରଦିନ ସରକାରଙ୍କ ଅଜ୍ଞାଧୀନ ପ୍ରଜା ହୋଇ ସୁଖରେ ରହିଥିବେ ।” ଦରଖାସ୍ତକାରୀ ଇଷ୍ଟଇଣ୍ଡିଆ କମ୍ପାନୀଙ୍କର ରାଜତ୍ୱ ଦୀର୍ଘଜୀବୀ ହେଉ ଏହି କାମନା କରିଛନ୍ତି । ଦରଖାସ୍ତକାରୀଙ୍କର ପୂର୍ବପୁରୁଷମାନେ ବହୁ ଯୁଗ ପୂର୍ବେ ଏହି ଜିଲ୍ଲାକୁ ଆସିଥିଲେ; କିନ୍ତୁ ଏ ପର୍ଯ୍ୟନ୍ତ କେହି ସେମାନଙ୍କ ଚରିତ୍ର ଉପରେ ଆକ୍ଷେପ କରି ନାହାନ୍ତି, ମହାରାଜା ନାରାୟଣ ସିଂହ ଦେଓ ବାହାଦୁରଙ୍କ ତାଙ୍କ ପ୍ରତି ବିଦ୍ୱେଷ ଭାବ ଥିବାରୁ ତାଙ୍କୁ ବନ୍ଦୀ କରାଇ ନେଲେ, ଏହାମଧ୍ୟ ସେ ଲେଖିଛନ୍ତି ।

ହୁଏତ, କମିସନରଙ୍କୁ ଏହା ଅସମ୍ଭବ ପ୍ରତୀୟମାନ ହୋଇ ଥାଇପାରେ । “ମହାରାଜା ନାରାୟଣ ସିଂହଦେଓ ସେମାନଙ୍କ ପ୍ରତି ବୈରଭାବ ରଖି ସେମାନଙ୍କୁ ଜେଲଦଣ୍ଡ ଭୋଗ କରାଇଥିଲେ ମଧ୍ୟ ସରକାରଙ୍କ ପ୍ରତି ସେମାନଙ୍କର କାୟମନୋବାକ୍ୟରେ ଅନୁରକ୍ତ ରହିଛି, ସିପାହୀମାନେ ସେମାନଙ୍କୁ ଜେଲରୁ ମୁକ୍ତ କରି ଦେଇଥିଲେ ମଧ୍ୟ ସ୍ୱେଚ୍ଛାପ୍ରଣୋଦିତ ହୋଇ ସେମାନେ କମିଶନରଙ୍କ ପାଦତଳେ ଶରଣ ପଶିବା ପାଇଁ ଆସିଛନ୍ତି, ସେମାନଙ୍କ ଧନସମ୍ପତ୍ତି

ଜୀବନ ଓ ସଂସାରର ହାକିମ ପୂର୍ଣ୍ଣ ମାଲିକ ; ସେଥିପାଇଁ ସେମାନେ ଯଥୋଚିତ ନ୍ୟାୟବିଚାର ନିମିତ୍ତେ ପ୍ରାର୍ଥନା କରୁଛନ୍ତି ।"

## ସୁରେନ୍ଦ୍ରଙ୍କ ଅର୍ଜି ଉପରେ ହାକିମଙ୍କ ମନ୍ତବ୍ୟ

ସୁରେନ୍ଦ୍ର ସାଏ ଯେଉଁ ଅର୍ଜି ଅସିଷ୍ଟାଣ୍ଟ କମିଶନରଙ୍କଠାରେ ଦାଖଲ କରିଥିଲେ, ତା ଉପରେ ହାକିମ ମନ୍ତବ୍ୟ ପ୍ରକାଶ କଲେ ଯେ, ସୁରେନ୍ଦ୍ର ସାଏ ବୋଧହୁଏ ଆଶା କରୁଛନ୍ତି, ତାଙ୍କର ବନ୍ଦୀକାଳ କଟେଇ ଦିଆଯାଇ ତାଙ୍କୁ ମୁକ୍ତ କରି ଦିଆଯିବ । ସୁରେନ୍ଦ୍ର ଓ ତାଙ୍କ ଭାଇ ସାଙ୍ଗରେ ସମ୍ବଲପୁର ପର୍ଯ୍ୟନ୍ତ ଯେଉଁ ପାଞ୍ଚ ସାତ ହଜାର ଲୋକ ଆସିଥିଲେ ସେମାନେ ସାଏଙ୍କ ଆଦେଶ ଅନୁସାରେ ଯେଝା ଘରକୁ ସେଠାରୁ ଚାଲିଯାଇ ଥିବାରୁ ସେମାନଙ୍କ ସମ୍ବନ୍ଧରେ ବିଶେଷ ଭାବରେ ସନ୍ଦେହ କରିବାର ଆଉ କାରଣ ରହିଲା ନାହିଁ ବୋଲି ହାକିମ କାପ୍‌ଟେନ ଲେ ହ୍ୱିଟଲ । ଏହି ଦୃଷ୍ଟିରୁ ସାଏଙ୍କ ଅର୍ଜିକୁ ସହାନୁଭୂତିର ସହିତ ବିଚାର କରିବାପାଇଁ ସେ ତାଙ୍କର ଉପର ହାକିମଙ୍କ ପାଖକୁ ଲେଖିଲେ । ସରକାରଙ୍କ ପାଖକୁ ମଧ୍ୟ ଏହି ଅର୍ଜି ହାକିମଙ୍କ ମନ୍ତବ୍ୟ ସହ ପଠାଇ ଦିଆଗଲା । ସରକାର ଅକ୍ଟୋବର ୧୨ ତାରିଖରେ ଏପରି ଜଣାଇଲେ—ସାଏଙ୍କ ଆଉ ଯଦି କୌଣସି ବିପଦର ଆଶଙ୍କା ନ ଥାଏ, ତାହାହେଲେ ତାଙ୍କର ବନ୍ଦୀକାଳ ମାଫ କରି ଦିଆଯାଉ ଏବଂ ଭବିଷ୍ୟତରେ ସେ ଯେପରି କୌଣସି ଗଣ୍ଡଗୋଳ ନ କରନ୍ତି, ସେଥିପାଇଁ ତାଙ୍କଠାରୁ ଜାମିନ ନିଆଯାଉ ।

ସରକାରଙ୍କ ଏହି ମନ୍ତବ୍ୟ ପାଇବା ପରେ ଛୋଟନାଗପୁର ଅସ୍ଥାୟୀ କମିଶନର କାପ୍‌ଟେନ ଟି, ଇ, ଡାଲ୍‌ଟନ୍ ସରକାରଙ୍କୁ

ଥିବା ଅର୍ଜି ସମ୍ବନ୍ଧରେ ଜଣାଇଲେ ( ଅକ୍ଟୋବର ୩୦ ତାରିଖ, ଛୋଟନାଗପୁର ), ସୁରେନ୍ଦ୍ର ଓ ତାଙ୍କ ଭାଇ ଅପେ ଅପେ ଶରଣ ପଶିଥିବାରୁ ଅବଶ୍ୟ ତାଙ୍କର ଦାବୀର ବଳ ଟିକିଏ ବୃଦ୍ଧି ପାଇଛି । କିନ୍ତୁ ସମ୍ବଲପୁର ରାଜଗାଦୀ ପାଇଁ ସେ ଯେଉଁ ଦାବୀ କରିଛନ୍ତି, ତାହା କେବେ ସ୍ୱୀକାର କରାଯାଇ ପାରିବ ନାହିଁ । ଜେଲରେ ସେମାନେ ସତର ବର୍ଷ ଦୁଃଖକଷ୍ଟରେ କଟେଇ ସାରିଲେଣି । ବିଶେଷତଃ ସମ୍ବଲପୁର ରାଜା ନାରାୟଣ ସିଂହଙ୍କ ସହିତ ସେମାନଙ୍କର ବିବାଦ ଥିବାରୁ ପୂର୍ବେ ବହୁତ ଗଣ୍ଡଗୋଲ ହୋଇଛି ଏବଂ କୌଣସି ମନୁଷ୍ୟର ଅପରାଧରେ ସାଏ ଦୁଇ ଭାଇଙ୍କ ସହିତ ତାଙ୍କ ବାପାଙ୍କୁ ମଧ୍ୟ ହଜାରିବାଗ ଜେଲରେ ଯାବଜ୍ଜୀବନ ବନ୍ଦୀ କରି ରଖାଯାଇଥିଲା । ଜେଲରେ ସେମାନଙ୍କ ବାପା ମରିଗଲେ ଏବଂ ସେମାନେ ମଧ୍ୟ ନାନା ଯନ୍ତ୍ରଣା ଭୋଗ କଲେ । ସେମାନେ ସ୍ୱତଃପ୍ରବୃତ୍ତ ହୋଇ ଆତ୍ମସମର୍ପଣ କରିଛନ୍ତି ଏବଂ ସେହିହେତୁ ସେମାନଙ୍କୁ ସର୍ତ୍ତାଧୀନ ମୁକ୍ତି ଦିଆଯାଉ । ସେମାନେ ପାଞ୍ଚ-ସାତହଜାର ଲୋକ ସାଙ୍ଗରେ ଧରି ଯେପରି ଭାବରେ ସମ୍ବଲପୁର ଅଞ୍ଚଳକୁ ଗତ କରିଥିଲେ, ସେଥିରେ ବିପଦର ଆଶଙ୍କା ବହୁତ ଥିଲା । ବର୍ତ୍ତମାନସୁଦ୍ଧା ସେହି ଆଶଙ୍କା ଦୂର ହୋଇନାହିଁ । ଯଦି ସେମାନଙ୍କୁ ମୁକ୍ତି ଦିଆଯିବ, ତାହାହେଲେ ସେମାନଙ୍କୁ କହି ଦିଆଯାଉ ଯେ ସେମାନେ ସମ୍ବଲପୁର ଛାଡ଼ି ହଜାରିବାଗ କି କଟକ କି ପୁରୀରେ ନିବାସ କରିବେ । ଅବଶ୍ୟ ସେଠାରେ ସେମାନଙ୍କର ( ସୁରେନ୍ଦ୍ର ଓ ଉଦନ୍ତ ) ଚଳାଚଳ ପାଇଁ ସରକାର କିଛି ମାସିକ ଭତ୍ତା ଦେବେ ।

## ସୁରେନ୍ଦ୍ରଙ୍କ ପ୍ରତିକ୍ରିୟା ଓ ପଳାୟନ

ସୁରେନ୍ଦ୍ର ଆଶା କରିଥିଲେ, ସରକାରଙ୍କଠାରୁ ନ୍ୟାୟ ବିଗ୍ଭର ମିଳିବ; ଦାବୀକୁ ସ୍ୱୀକାର କରି ତାଙ୍କ ସରକାର ତାଙ୍କୁ ରାଜା କରିବେ । ହାକିମମାନଙ୍କ ମତିଗତିରୁ ସୁରେନ୍ଦ୍ର ଜାଣିପାରିଲେ ଯେ ରାଜଗାଦୀର ଦାବୀ ଚିରଦିନ ସକାଶେ ତାଙ୍କୁ ତ୍ୟାଗ କରିବାକୁ ହେବ ଏବଂ ସ୍ୱସ୍ଥାନ ଛାଡ଼ି ବିଦେଶରେ ନିର୍ବାସିତ ଅବସ୍ଥାରେ ବାସ କରିବାକୁ ହେବ । ଏଥିରେ ସେ ହତାଶ ହୋଇପଡ଼ିଲେ । ତାଛଡ଼ା ସରକାର ମଧ୍ୟ ତାଙ୍କ ବିରୁଦ୍ଧରେ ଏ ଭିତରେ ବହୁତ ଆଗେଇ ଯାଇଥିବାର ସେ ଜାଣିପାରିଲେ । କଟକ, ମାନ୍ଦ୍ରାଜ, ନାଗପୁରରୁ ନୂଆ ସୈନ୍ୟଦଳ ସମ୍ବଲପୁରରେ ସମ୍ମିଳିତ ହେଉଥିବା ଖବର ମଧ୍ୟ ସେ ଶୁଣି-ପାରିଲେ । ଏହିପରି ଅବସ୍ଥାରେ ସମ୍ବଲପୁରରେ ପ୍ରାୟ ଅଟକବନ୍ଦୀ ଭଳି ହାକିମଙ୍କ ନଜରରେ ବାସ କରିବା ଶ୍ରେୟସ୍କର ବୋଲି ମନେ କଲେ ନାହିଁ ।

ଆଗରୁ ତ ଉଦନ୍ତ ସ୍ୱଗ୍ରାମ ଖିଣ୍ଡାରେ ବାସ କରୁଥିଲେ । ସୁରେନ୍ଦ୍ର ଅକ୍ଟୋବର ୩୧ ତାରିଖ ଦିନ ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇ ଖିଣ୍ଡାରେ ହାଜର ହେଲେ । ଖିଣ୍ଡାରେ ଦୁଇଭାଇ ପୁଣି ମିଳିତ ହେବାରୁ ସରକାରଙ୍କ ପକ୍ଷରେ ଅବସ୍ଥା ଅତି ସାଂଘାତିକ ହେଲା । ସେତେବେଳକୁ ଉଦନ୍ତଙ୍କ ସାଙ୍ଗରେ ପ୍ରାୟ ୧୪୦୦ ଲୋକ ଥିଲେ ।

ହଜାରିବାଗ ଜେଲରୁ ଖଲାସ ହେବା ପରେ ଓଡ଼ିଶାର ବନ୍ଦୀମାନେ ସୁରେନ୍ଦ୍ରଙ୍କ ନେତୃତ୍ୱରେ ଏକ ସଭା କରି ସୁରେନ୍ଦ୍ରଙ୍କ ଦାବୀକୁ ସମର୍ଥନ ଜଣାଇ ପ୍ରତିଜ୍ଞାବଦ୍ଧ ହେଲେ । ସୁରେନ୍ଦ୍ର ସମ୍ବଲପୁରରେ ପହଞ୍ଚିବା ମାତ୍ରେ ସେମାନେ ସମସ୍ତେ ଏକତ୍ରିତ ହୋଇ ତାଙ୍କୁ ସମ୍ବଲପୁରର ରାଜା ବୋଲି ଘୋଷଣା କରିବେ ବୋଲି ମଧ୍ୟ ସ୍ଥିର ହୋଇଥିଲା ।

ସୁରେନ୍ଦ୍ର ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇ ଭାଇଙ୍କ ସହିତ ମିଳିତ ହେବାରୁ ସରକାରୀ ମହଲରେ ଗୁଞ୍ଜନ ଖେଳିଗଲା । କଟକର କମିଶନର ଜି, ଏଫ, କକ୍‌ବର୍ଣ୍ଣ ସାହେବ ମତପ୍ରକାଶ କଲେ ଯେ ସୁରେନ୍ଦ୍ର ଯେତେବେଳେ ଧରା ଦେଇଥିଲେ ସେ ସୁବିଧା ତ୍ୟାଗ କରିବା ଉଚିତ ନ ଥିଲା, ତାଙ୍କୁ ଫାଶି ଦେବା ହିଁ ଉଚିତ ଥିଲା; ତାଙ୍କ ପ୍ରତି ସରକାରଙ୍କ ପକ୍ଷରୁ ଯେଉଁ କୋହଳ ବ୍ୟବହାର ହେଲା ସେଥିରେ ଦୁର୍ବୃତ୍ତମାନଙ୍କ ମନରେ ସାହସ ବଢ଼ିଗଲା; ସେମାନେ ବିଦ୍ରୋହ କରିବାକୁ ସାହସ ପାଇଗଲେ । କକ୍‌ବର୍ଣ୍ଣ ସମ୍ବଲପୁର ହାକିମମାନଙ୍କ କାର୍ଯ୍ୟକୁ ନାପସନ୍ଦ କରି ସେଠାରେ ଯଥେଷ୍ଟ ସଂଖ୍ୟାରେ ଉପଯୁକ୍ତ ହାକିମ ନାହାନ୍ତି ବୋଲି ମତବ୍ୟକ୍ତ କଲେ । ବାସ୍ତବିକ କହିବାକୁ ଗଲେ ସେଠାରେ ଅବସ୍ଥା ସେହିଭଳି ଥିଲା । କିନ୍ତୁ ଛୋଟନାଗପୁର କମିସନର କଟକ କମିଶନରଙ୍କ ମତକୁ ଅସ୍ୱୀକାର କଲେ । ଶେଷରେ ସମ୍ବଲପୁରକୁ ଅଧିକ ସୈନ୍ୟ ପଠାଇବା ସିଦ୍ଧାନ୍ତ ସରକାର ଗ୍ରହଣ କଲେ ।

ସମ୍ବଲପୁର ଜିଲ୍ଲା ଓ ପାର୍ଶ୍ୱବର୍ତ୍ତୀ ଗଡ଼ଜାତମାନଙ୍କରେ ସୁରେନ୍ଦ୍ରଙ୍କ ଯଥେଷ୍ଟ ପ୍ରତିପତ୍ତି ଥିଲା । ଖ୍ରୀ ୧୮୦୯ ରେ ସମ୍ବଲପୁର ଜିଲ୍ଲାର ବଡ଼ଗାଁରେ ଜନ୍ମ ଗ୍ରହଣ କରିଥିଲେ । କେହି କେହି କହନ୍ତି ୧୮୦୩ ରେ ସମ୍ବଲପୁର ଜିଲାର ଖିଣ୍ଡାରେ ତାଙ୍କର ଜନ୍ମ । ଖିଣ୍ଡାର ଜମିଦାର ବଂଶ କ୍ଷତ୍ରିୟ ଏବଂ ସାଏ ଉପାଧି ଦ୍ୱାରା ପରିଚିତ । ଖିଣ୍ଡା ପ୍ରଗଣାର ଏହି ସାଏ ବଂଶ ସମ୍ବଲପୁର ରାଜବଂଶଙ୍କର ଏକ ଶାଖା ବୋଲି ଦାବୀ କରନ୍ତି । ସୁରେନ୍ଦ୍ରଙ୍କ ଊର୍ଦ୍ଧ୍ୱର ପଞ୍ଚମ ପୁରୁଷ ଅନିରୁଦ୍ଧ ସିଂହ ସମ୍ବଲପୁରର ମହାରାଜା ମଧୁକର ସାଏଙ୍କ ପୁତ୍ର ଓ ମହାରାଜା ବଳିଆର ସିଂହଙ୍କର ଭ୍ରାତା ଥିଲେ । ଅନିରୁଦ୍ଧଙ୍କ ପୁତ୍ର

ମାଧ ସାଏ ଖିଣ୍ଡାର ଅଧିକାରୀ ହେଲେ । ତାଙ୍କ ପୁତ୍ର ଦୀପ୍ତ ସିଂହ ଓ ପୌତ୍ରତେଜ ସିଂହ ଏହି ଖିଣ୍ଡାରେ 'ଜୀବନଯାପନ କରିଥିଲେ । ତେଜ ସିଂହ ପୁତ୍ର ଧର୍ମ ସିଂହ । ଧର୍ମ ସିଂହଙ୍କ ଛଅ ପୁଅ ଭିତରେ ସୁରେନ୍ଦ୍ର ହେଲେ ଜ୍ୟେଷ୍ଠ । ଅନ୍ୟାନ୍ୟ ଭାଇମାନଙ୍କ ନାମ କ୍ରମାନ୍ୱୟରେ —ଉଦନ୍ତ, ଧ୍ରୁପ (ଧ୍ରୁବ), ଛବିଲ, ଉଜ୍ଜ୍ୱଳ ଓ ମେଦିନୀ । ସୁରେନ୍ଦ୍ରଙ୍କ ପୁତ୍ର ମିତ୍ରଭାନୁ ଓ ତାଙ୍କ ପୁତ୍ର ଗିରିଧାରୀ । ଗିରିଧାରୀଙ୍କ ପୁତ୍ର ଫକୀର ।

ଖିଣ୍ଡା ଗ୍ରାମଟି ସମ୍ବଲପୁର ସହରର ଉତ୍ତରକୁ ୨୧ (ଏକୋଇଶ) ମାଇଲ ଦୂରରେ ଲପଙ୍ଗା ରେଲ ଷ୍ଟେସନ ନିକଟରେ ଅବସ୍ଥିତ । ଗାଁଟି ନିତାନ୍ତ ଛୋଟ ନୁହେଁ । ସମ୍ବଲପୁରର ରାଜା ମହାରାଜା ନାରାୟଣ ସିଂହ ୧୮୪୪ ରେ ସୁରେନ୍ଦ୍ରଙ୍କ କୁଟୁମ୍ବର ଭରଣପୋଷଣ ସକାଶେ ଏହି ଖିଣ୍ଡା ପ୍ରଗଣାଟି ମଫି ରୂପେ ଦାନ କରିଥିଲେ । ସୁରେନ୍ଦ୍ର ଖିଣ୍ଡାରେ ବସବାସ କରୁଥିଲେ । ତାଙ୍କର ଅନ୍ୟାନ୍ୟ ଭାଇମାନେ ସମ୍ବଲପୁର ଓ ଗାଙ୍ଗପୁରର ବିଭିନ୍ନ ସ୍ଥାନରେ ବାସ କରୁଥିଲେ । ସୁରେନ୍ଦ୍ରଙ୍କ ନିର୍ଭୀକତା, ବୀରତ୍ୱ, ତୀକ୍ଷ୍ଣବୁଦ୍ଧି ଓ ଦାବୀର ଯଥାର୍ଥ୍ୟ ତାଙ୍କୁ ଖୁବ୍ ଲୋକପ୍ରିୟ କରି ଦେଇଥିଲା ।

— ॰ —

## ଚତୁର୍ଥ ଅଧ୍ୟାୟ

## ଖିଣ୍ଡା ଆକ୍ରମଣ

ପ୍ରଥମେ ସିପାହୀମାନଙ୍କ ବିଦ୍ରୋହ ଅରମ୍ଭ ବେଳକୁ ସମ୍ବଲପୁରରେ ରାମଗଡ଼ ବାଟାଲିଅନ୍ କମ୍ପାନୀର ୧୫୦ ପଦାତିକ ଓ ୧୨ ଜଣ ଅଶ୍ୱାରୋହୀ ସୈନ୍ୟ ଥିଲେ । ଏମାନେ ଅନ୍ୟାନ୍ୟ ସ୍ଥାନର ସିପାହୀଙ୍କ ପରି ବିଦ୍ରୋହ କରି ଅଶାନ୍ତି ସୃଷ୍ଟି କରିବାର

ଆଶଙ୍କା କରାଯାଉଥିଲା । କିନ୍ତୁ ସେମାନେ ଏହି ବିଦ୍ରୋହରେ ଯୋଗ ଦେଇନାହାନ୍ତି । ବିଦ୍ରୋହ ବିରୁଦ୍ଧରେ ଏମାନେ ସରକାରଙ୍କୁ ମୂଳରୁ ଶେଷ ପର୍ଯ୍ୟନ୍ତ ବହୁତ ସାହାଯ୍ୟ କରିଛନ୍ତି । ଏହି ବାଟାଲିଅନର ଶକ୍ତି ଉପରେ ନିର୍ଭର କରି ରହିବା ଉଚିତ ମନେ ନ କରି ଅନ୍ୟାନ୍ୟ ସ୍ଥାନରୁ ସୈନ୍ୟ ଆଣିବା ବ୍ୟବସ୍ଥା ସରକାର କଲେ । ଅକ୍ଟୋବର ପ୍ରଥମ ସପ୍ତାହରେ ମାନ୍ଦ୍ରାଜର ଦଳେ ସୈନ୍ୟ କାପ୍ଟେନ ନୋକରଙ୍କ ଅଧିନାୟକତ୍ୱରେ କଟକରେ ପହଞ୍ଚିଲେ । ଏହି ସୈନ୍ୟ ଦଳରୁ ଦୁଇଟି କମ୍ପାନିକୁ ଧରି କାପ୍ଟେନ ନୋକର ଅକ୍ଟୋବର ୧୦ ତାରିଖରେ କଟକ କମିଶନରଙ୍କ ଅନୁରୋଧ ଅନୁସାରେ ସମ୍ବଲପୁରକୁ ବାହାରିଲେ । ତାଙ୍କ ସହିତ ଓଡ଼ିଶା ପାଇକ କମ୍ପାନୀର ୫୦ ଜଣ ପାଇକ ମଧ୍ୟ ଗଲେ । ଏମାନେ ମାସ ଶେଷ ବେଳକୁ ସମ୍ବଲପୁରରେ ପହଞ୍ଚିଲେ । ଜେଲଖାନା ଓ ଖଜଣାଖାନା ଜଗିବା ପାଇଁ ଯେଉଁ ସୈନ୍ୟ ନିଯୁକ୍ତ ଥିଲେ ସେମାନଙ୍କ ବଦଳରେ ପାଇକ କମ୍ପାନୀର ଲୋକେ ରହିଲେ ଏବଂ ସେମାନେ ବିଦ୍ରୋହ ଦମନରେ ନିଯୁକ୍ତ ହେଲେ । ଏହାପରେ ମାନ୍ଦ୍ରାଜରୁ ପୁଣି ଦଳେ ଗୋଲନ୍ଦାଜ ସୈନ୍ୟ ଲେଫ୍ଟେନେଣ୍ଟ ହେଉଡ଼ଙ୍କ ନାୟକତ୍ୱରେ କଟକରେ ପହଞ୍ଚିଲେ । ସେମାନଙ୍କ ପାଖରେ କେତୋଟି ଷ୍ଟେଟ ତୋପ ଥିଲା । ବଣ ଜଙ୍ଗଲରେ ବ୍ୟବହାର କରିବାପାଇଁ ଏହି ଷ୍ଟେଟ ତୋପ ଖୁବ୍ ଉପଯୁକ୍ତ ଥିବାରୁ କଟକ କମିସନର କକବର୍ଣ୍ଣଙ୍କ ଅନୁରୋଧ ଅନୁସାରେ କଟକ ସେନାଧ୍ୟକ୍ଷ ମେଜର ବେଟ୍ସ ଏହି ଗୋଲନ୍ଦାଜ ସୈନ୍ୟଦଳକୁ ସମ୍ବଲପୁର ପଠାଇ ଦେଲେ । ଏମାନେ ଖୁବ ଦ୍ରୁତଗତିରେ ସମ୍ବଲପୁରରେ ପହଞ୍ଚିଗଲେ ।

ନଭେମ୍ବର ମାସ ପ୍ରଥମ ସପ୍ତାହରେ ଖିଣ୍ଡା ବିରୁଦ୍ଧରେ ସରକାରୀ ଅଭିଯାନର ସୂତ୍ରପାତ ହେଲା ।

ଖିଣ୍ଡାର ଗୌନ୍ତିଆ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରୁଥିଲେ । ଗୌନ୍ତିଆଙ୍କ ଘରଟି ଏକ ପ୍ରକାର ଦୁର୍ଗ ରୂପରେ ପରିଣତ ହୋଇଥିଲା । ଘରର କାନ୍ଥରେ ବନ୍ଧୁକ ରଖିବା ପାଇଁ ବହୁତ ଝରକା ତିଆରି କରା ଯାଇଥିଲା । ସେହି ଘର ଭିତରେ ସାଏଙ୍କର ଯୋଦ୍ଧା-ମଣ୍ଡଳ ବନ୍ଧୁକ ଧରି ଜଗି ରହୁଥିଲେ । କାପ୍ଟେନ ନୋଲର ଦଳେ ସୈନ୍ୟଙ୍କୁ ଧରି ନଭେମ୍ବର ୫ ତାରିଖରେ ଖିଣ୍ଡାରେ ପହଞ୍ଚିଲେ । ପରେ ସେହିଦିନ ଲେଫ୍ଟନାଣ୍ଟ ହେଡ୍ରୋ ମଧ୍ୟ ତାଙ୍କର ଗୋଲନ୍ଦାଜ ସୈନ୍ୟଦଳ ଧରି ତାଙ୍କ ସହ ମିଳିତ ହେଲେ । ଏ ଦୁଇ ଦଳ ସୈନ୍ୟର ସଂଖ୍ୟା ଓ ତୋପ ବନ୍ଧୁକ ଯଥେଷ୍ଟ ପରିମାଣରେ ଥିବା ଦେଖି ସାଏ ପକ୍ଷର ଲୋକେ ଜଙ୍ଗଲ ଭିତରକୁ ଚାଲିଗଲେ । କାପ୍ଟେନ ନୋଲର ଗୌନ୍ତିଆଙ୍କ ଘରଟିକୁ ସମ୍ପୂର୍ଣ୍ଣରୂପେ ଧ୍ୱଂସ କରିଦେଲେ । ସାଏ ପକ୍ଷର ଲୋକେ ଜଙ୍ଗଲ ଭିତରେ ଲୁଚି ରହିଥିବାରୁ ସେମାନଙ୍କ ସଂଖ୍ୟା ଜାଣିବା ମଧ୍ୟ ନୋଲରଙ୍କ ପକ୍ଷରେ ସମ୍ଭବ ହେଲା ନାହିଁ । ଆଖପାଖରେ ଖୋଜାଖୋଜି କରି ହାର-ଘାଟି ପାଖରେ ସାଏ ଦଳର କେତେକ ଲୋକଙ୍କ ସହିତ ସରକାରୀ ସୈନ୍ୟର ସଂଘର୍ଷ ହେଲା । ସେଥିରେ ସାଏ ଦଳର ପାଞ୍ଚ ଛଅ-ଲୋକ ମଲେ । କିନ୍ତୁ ଆଉ ସମସ୍ତେ ଜଙ୍ଗଲ ଭିତରକୁ ଖସି ପଳାଇଲେ । ଖିଣ୍ଡାରୁ ସୁରେନ୍ଦ୍ର, ଉଦନ୍ତ ଓ ତାଙ୍କ ଦଳର ଲୋକେ ଖସି ପଳାଇ ଜଙ୍ଗଲ ବାଟେ ମାଳପଦ ସ୍ଥାନକୁ ଚାଲିଗଲେ ।

ସାଏ ଭାଇମାନେ ଖସି ପଳାଇବା ପରେ ସମ୍ବଲପୁର ଓ ଆଖପାଖ ଅଞ୍ଚଳର ପରିସ୍ଥିତି ଅତି ସଙ୍କଟାପନ୍ନ ହେଲା ।

## ସରକାରୀ ସୈନ୍ୟବଳ

ସେପ୍ଟେମ୍ବର ମାସ ଶେଷ ବେଳକୁ ସମ୍ବଲପୁରରେ ସରକାରୀ ସୈନ୍ୟମାନେ ରୁଣ୍ଡ ହେବାକୁ ଆରମ୍ଭ କଲେଣି । କଟକରୁ ୨୨ ତାରିଖ ( ସେପ୍ଟେମ୍ବର ) ଦିନ ୫୦ ମାନ୍ଦ୍ରାଜ ପଦାତିକ ଦଳର ତିନୋଟି କମ୍ପାନୀ ସୈନ୍ୟ ଓ ଦଲେ ବନ୍ଧୁକଧାରୀ ସୈନ୍ୟ ବାହାରି ସମ୍ବଲପୁର ଅଭିମୁଖରେ ଯାତ୍ରା କରିଥିଲେ । ମାନ୍ଦ୍ରାଜ ସୈନ୍ୟ-ବାହିନୀର ଛଅଟି କମ୍ପାନୀ, ଓଡ଼ିଶା ପାଇକ କମ୍ପାନୀର ୫୦ ଜଣ ପାଇକ, ୨ଟି ଜଙ୍ଗଲୀ ତୋପ ୪୦ ଜଣ ଗୋଲନ୍ଦାଜ ସୈନ୍ୟ ଓ ରାମଗଡ ବାଟାଲିଅନ୍‌ର ଯେଉଁ ସୈନ୍ୟମାନେ ସମ୍ବଲପୁର ଗଡ଼ରେ ଥିଲେ, ଏ ସମସ୍ତଙ୍କୁ ନେଇ ଆସିଷ୍ଟାଣ୍ଟ କମିଶନର କାପ୍ଟେନ ଲେ ବିଦ୍ରୋହ ଦମନ କରିବାକୁ ବଦ୍ଧପରିକର ହୋଇଥିଲେ ।

## ବଣ ଜଙ୍ଗଲରେ ବିଦ୍ରୋହ ପ୍ରଚାର

ହଜାରିବାଗରୁ ଯେଉଁ କଏଦୀମାନେ ସୁରେନ୍ଦ୍ରଙ୍କ ସାଙ୍ଗେ ମୁକ୍ତ ହୋଇ ଯାଇଥିଲେ ସେମାନଙ୍କ ଭିତରୁ ଗଡ଼ଜାତର ୩୨ ଜଣ ଲୋକ ଥିଲେ । ସେମାନେ ବଣ ଜଙ୍ଗଲରେ ବୁଲି ବୁଲି ଲୋକଙ୍କ ଭିତରେ ବିଦ୍ରୋହ ମନୋଭାବ ଜାଗ୍ରତ କରୁଥିଲେ । ବୌଦ ଓ କାଳାହାଣ୍ଡିରେ ସେମାନଙ୍କ ଭିତରୁ କେତେକ ଜଣ ଗାଁକୁ ଗାଁ ବୁଲି ଲୋକଙ୍କୁ ମତାଇବାରେ ଲାଗିଲେ । କାଳାହାଣ୍ଡିର

ତହସିଲଦାର ଦୀନବନ୍ଧୁ ପଟ୍ଟନାୟକ ଏହି ବିଦ୍ରୋହୀମାନଙ୍କୁ ଧରିବା ପାଇଁ ବହୁ ଉପାୟ ଅବଲମ୍ବନ କରିଥିଲେ । ଅନ୍ୟାନ୍ୟ ଅଞ୍ଚଳରେ ମଧ୍ୟ ଖୋଜାଖୋଜି ହୋଇଥିଲା । ଏହି ୩୨ ଜଣଙ୍କ ଭିତରୁ ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ୧୬ ଜଣ ଧରା ହୋଇ ଯାଇଥିଲେ । ବାକି ୧୬ଜଣ ଜଙ୍ଗଲରେ ବୁଲି ବୁଲି ସରକାରଙ୍କୁ ବିବ୍ରତ କରିବାରେ ଲାଗିଲେ ।

## ଜ୍ଜ୍‌ର ଦକରେ ଅଶାନ୍ତି

ଅକ୍ଟୋବର ମାସରେ ଅବସ୍ଥା ବେଳକୁବେଳ ଜଟିଳ ହୋଇପଡ଼ିଲା । ୩୧ ତାରିଖ ଦିନ ସୁରେନ୍ଦ୍ର ସାଏ ସମ୍ବଲପୁରରୁ ସରକାରୀ ନଜରରୁ ଖସି ପଳାଇବା ପରେ ଅବସ୍ଥା ଅତ୍ୟନ୍ତ ସାଂଘାତିକ ହୋଇପଡିଲା । ନଭେମ୍ବର ମାସର ପ୍ରଥମ ସପ୍ତାହ ବେଳକୁ ସମଗ୍ର ସମ୍ବଲପୁର ଜିଲାରେ ବିଦ୍ରୋହର ପ୍ରଭାବ ବିସ୍ତାର ଲାଭ କରିଥିବାର ଦେଖାଗଲା । ସମ୍ବଲପୁର ଗଡ଼ର ଆଖପାଖ ଅଞ୍ଚଳରେ କେତେକ ମୁଖିଆ ଲୋକ ବିଦ୍ରୋହରେ ପ୍ରକାଶ୍ୟ ଭାବରେ ଯୋଗ ଦେଇ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରିବାକୁ ବାହାରିଲେ । ଦଳ ଦଳ ହୋଇ ବିଦ୍ରୋହୀମାନେ ଗଡ଼ର ଠୁଳ ପାଞ୍ଚ ମାଇଲ ଦୂରରେ ରହି ସରକାରୀ ଘାଟି ଉପରେ ବନ୍ଧୁକ ଫାଏର କରିବାକୁ ମଧ୍ୟ ଆରମ୍ଭ କରିଦେଲେ । ଦିନବେଳେ ଜଙ୍ଗଲରେ ଲୁଚି ରହି ରାତିରେ ଗଡ଼ ନିକଟକୁ ଆସି ଉପଦ୍ରବ ସୃଷ୍ଟି କରିବାର ସାହସ ମଧ୍ୟ ସେମାନଙ୍କର ଦେଖାଗଲା ।

## ଗଡ଼ଜାତମାନଙ୍କ ମତଗତ

ଗଡ଼ଜାତର ରାଜାମାନଙ୍କ ପ୍ରତି ସରକାର କି ନୀତି ଅବଲମ୍ବନ କରିବେ ତାହା ସରକାର ସେ ପର୍ଯ୍ୟନ୍ତ ଠିକ୍ କରିପାରି ନ

ଥିବାରୁ ହଠାତ୍ କିଛି କରିବା ଶକ୍ତି ସରକାରଙ୍କର ନ ଥିଲା । ବୋଧହୁଏ, ସମ୍ବଲପୁରର ଶାସକମାନେ ବିଦ୍ରୋହକୁ ସେତେ ଗୁରୁତ୍ୱ ଦେଇ ନ ଥିଲେ । ସେଠାରେ ଯେତିକି ସୈନ୍ୟବଳ ଥିଲା ତାହା ସାହାଯ୍ୟରେ ବିଦ୍ରୋହ ଦମନ କରିପାରିବେ ବୋଲି ସେମାନେ ଭାବୁଥିଲେ । ଏବେତ ହାକିମମାନଙ୍କର ସଂଖ୍ୟା କମ୍ ଥିଲା, ସେଥିରେ ପୁଣି ଦକ୍ଷ ସୈନ୍ୟବଳର ଅଭାବ ଥିବାରୁ ପରିସ୍ଥିତି ଅତି ଜଟିଳ ଅବସ୍ଥାକୁ ଆସିଥିଲା ।

## ବାମଣ୍ଡାର ଶ୍ରୀକୃଷ୍ଣ ବିଦ୍ରୋହୀ ହେଲେ

ବାମଣ୍ଡା, ରେଢ଼ାଖୋଲ, ଅନୁଗୁଳ ପ୍ରଭୃତି ଅଞ୍ଚଳରେ ବିଦ୍ରୋହୀମାନଙ୍କର ଅଡ୍ଡା ଗଠିତ ହୋଇସାରିଥିବାରୁ କଟକ-ସମ୍ବଲପୁର ବାଟ ବିପଦସଙ୍କୁଳ ହୋଇଥିଲା । ବାମଣ୍ଡା ରାଜାଙ୍କ ଅଧୀନର କେତେକ ଲୋକ ପ୍ରକାଶ୍ୟ ଭାବରେ ବିଦ୍ରୋହରେ ଯୋଗ ଦେଇଥିବା ଖବର ସରକାରଙ୍କଠାରେ ପହଞ୍ଚିଲା । ବାମଣ୍ଡାର ଶ୍ରୀକୃଷ୍ଣ ବୋଷ ନାମକ ଜଣେ ପ୍ରତିପତ୍ତିଶାଳୀ ଲୋକ ବିଦ୍ରୋହରେ ଯୋଗ ଦେଇଥିବା ଜଣାଯାଇଥିଲା । ରାଜା ଶ୍ରୀକୃଷ୍ଣଙ୍କୁ ଦବାଇବା ପାଇଁ କୌଣସି ଉପାୟ ଅବଲମ୍ବନ କରି ନ ଥିବାରୁ ତାଙ୍କ (ରାଜାଙ୍କ) ପ୍ରତି ସରକାରଙ୍କର ଆସ୍ଥା ରହିପାରିଲା ନାହିଁ । ଅକ୍ଟୋବର ମାସରେ ସୁରେନ୍ଦ୍ର ସମ୍ବଲପୁରରେ ପହଞ୍ଚିବା ସମୟରେ ରାଜା ସରକାରଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ ଦଳେ ପାଇକଙ୍କୁ ଧରି ସମ୍ବଲପୁରରେ ଉପସ୍ଥିତ ହୋଇଥିଲେ । କିନ୍ତୁ ତାଙ୍କ ମତିଗତି ଭଲଭାବରେ ଜାଣି ନ ପାରିବାରୁ କାପ୍ଟେନ ଲେ ତାଙ୍କୁ ବାମଣ୍ଡାକୁ ବାହୁଡ଼ିବା ପାଇଁ ଆଦେଶ ଦେଇଥିଲେ ।

## ବଉଦରେ ବିଦ୍ରୋହୀ ସିପାହୀ ଦଳ

ସମ୍ବଲପୁରର ଚତୁର୍ଦ୍ଦିଗରେ ଅଶାନ୍ତି ଲାଗି ଯାଇଥିବାର ସମ୍ବାଦ ମଧ୍ୟ ସରକାରଙ୍କଠାରେ ପହଞ୍ଚିଲା । ଅଗଷ୍ଟ ମାସରେ କଟକରୁ ଖବର ପହଞ୍ଚିଲା ଯେ ପ୍ରାୟ ତିନିଶହ ବିଦ୍ରୋହୀ ପଦାତିକ ସୈନ୍ୟ ସମ୍ବଲପୁରରୁ ଆସି, ସୋନପୁରରେ ମହାନଦୀ ପାର ହୋଇ ଦକ୍ଷିଣକୁ ଯାତ୍ରା କରିଛନ୍ତି । ଏ ଖବର ମଧ୍ୟ କଲିକତାରେ ଗ୍ରେଣ୍ଟ ଲାଟଙ୍କ ପାଖରେ ପହଞ୍ଚିଲା । ଗ୍ରେଣ୍ଟଲାଟ କଟକ କମିଶନରଙ୍କୁ ସତର୍କ ରହିବା ପାଇଁ ପରାମର୍ଶ ଦେଇ ଏହି ଖବରର ସତ୍ୟାସତ୍ୟ ଅନୁସନ୍ଧାନ କରିବାକୁ ଆଦେଶ ଦେଲେ । କମିଶନର ଜି: ଏଫ: କକ୍‌ବର୍ଣ୍ଣ ସାହେବ ସରକାରଙ୍କୁ ଜଣାଇଲେ ଯେ ଏହି ଖବରର ସତ୍ୟାସତ୍ୟ ଅନୁସନ୍ଧାନ କରି ଶୀଘ୍ର ଉତ୍ତର ଦେବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । କାରଣ ବୌଦ କଟକଠାରୁ ପ୍ରାୟ ୧୫ ଦିନର ବାଟ, ବାଟ ମଧ୍ୟ ଭଲ ନୁହେଁ, ପୁଣି ସେଠାରେ ପୋଲିସ ବୋଲି କିଛି ନାହିଁ । ଏହି ଅସୁବିଧାରୁ ସେ ହଠାତ୍ କିଛି କରି ପାରୁ ନାହାନ୍ତି, ତେବେ ଖବର-ଅନ୍ତର ବୁଝିବା ପାଇଁ ଯତ୍ନ କରୁଛନ୍ତି । ଏଥିରୁ ସମ୍ବଲପୁରର ଦକ୍ଷିଣରେ ଅବସ୍ଥା କେତେ ଜଟିଳ ହୋଇ ଯାଇଥିଲା ତାହା ସହଜରେ ଜଣାଯାଉଛି । ଏ ଅଞ୍ଚଳରେ କନ୍ଧମାଳ ତହସିଲଦାର ଦୀନବନ୍ଧୁ ପଟ୍ଟନାୟକ ଓ ତାଙ୍କ ସୀବନ୍ଦୀ ପାଇକଦଳ କେବଳ ସରକାରଙ୍କ ଏକମାତ୍ର ସମ୍ବଳ ହୋଇଥିଲେ କହିଲେ ଚଳେ । ଅବଶ୍ୟ ମାନ୍ଦ୍ରାଜ ଅଧୀନର ଗଞ୍ଜାମ ଜିଲ୍ଲାର ପାର୍ବତ୍ୟ ଅଞ୍ଚଳରେ ଗଣ୍ଡଗୋଳ ବ୍ୟାପିବାର କିଛି ଆଶଙ୍କା ନ ଥିବାରୁ ଏବଂ ମାନ୍ଦ୍ରାଜ ପ୍ରଦେଶ ବିଦ୍ରୋହରୁ ଏକ ପ୍ରକାର ମୁକ୍ତ ଥିବାରୁ ସରକାରଙ୍କୁ ବିଶେଷ ଭାବରେ ଚିନ୍ତିତ ହେବାକୁ ପଡ଼ି ନ ଥିଲା ।

## ମୟୂରଭଞ୍ଜ ରାଜାଙ୍କ ଅବସ୍ଥା

ସମ୍ବଲପୁରର ପୂର୍ବକୁ ମଧ୍ୟ ଅବସ୍ଥା ସେତେ ଭଲ ନ ଥିଲା । ବିଦ୍ରୋହ ଆରମ୍ଭ ହୋଇଯିବାରେ ଗୁମସରରେ ସରକାରୀ ଖଜଣାଖାନା ଜଗିବାକୁ ମୟୁରଭଞ୍ଜ, କେନ୍ଦୁଝର ଓ ଅନ୍ୟ କେତେକ ରାଜା ସରକାରଙ୍କୁ ସାହାଯ୍ୟ କରୁଥିଲେ ମଧ୍ୟ ସରକାରଙ୍କର ଏହି ରାଜାମାନଙ୍କ ପ୍ରତି ପୂରା ବିଶ୍ୱାସ ଆସି ନ ଥିଲା । ଅଗଷ୍ଟ ମାସ ଶେଷ ଆଡ଼କୁ ମେଦିନୀପୁର ଜିଲ୍ଲା ମାଜିଷ୍ଟ୍ରେଟ କମିଶନର ଟକ୍‌ବର୍ଣ୍ଣଙ୍କୁ ଖବର ଦେଲେ ଯେ, ମୟୁରଭଞ୍ଜ ରାଜା ପାଇକ ସଂଗ୍ରହ କରୁଛନ୍ତି ଏବଂ ଉତ୍ତର ଭାରତର ବହୁ ସଂଖ୍ୟକ ବେପାରୀ ସେ ରାଜ୍ୟରେ ପଶିଛନ୍ତି । କମିଶନରଙ୍କ ଆଦେଶ ଅନୁସାରେ ବାଲେଶ୍ୱର ଜିଲ୍ଲା ମାଜିଷ୍ଟ୍ରେଟ ମାକ୍‌ଟିଅର ଅନୁସନ୍ଧାନ କରି ଜଣାଇଲେ ଯେ, ସେଠାରେ ଅଶଙ୍କାର କାରଣ ନାହିଁ । ରାଜା ଯେଉଁ ପାଇକ ସଂଗ୍ରହ କରୁଛନ୍ତି ତାହା ସରକାରଙ୍କୁ ସାହାଯ୍ୟ କରିବା ପାଇଁ ହେଉଛି । କାନପୁରର ମୁରଟିଆ ଖାଁଙ୍କଠାରୁ ରାଜା କେତେ ଟଙ୍କା ଧାର କରିଥିଲେ । ଋଣ ସୁଝି ନ ପାରି ମୁରଟିଆ ଖାଁଙ୍କୁ ବାମନ-ଘାଟିର ତହସିଲଦାର ରୂପେ ରାଜା ନିଯୁକ୍ତ କରିଛନ୍ତି । ଏ ଅଞ୍ଚଳରେ ଯେପରି ଅଶାନ୍ତି ନ ହୁଏ ସେଥିପାଇଁ ଖାଁ ଯତ୍ନ କରୁଛନ୍ତି । ଅତଏବ ଅଶଙ୍କାର କାରଣ କିଛି ନାହିଁ । ଗୁମସରରେ ଅବସ୍ଥା ବେଶି ଖରାପ ହେବାର ଅଶଙ୍କା କରି ପୂର୍ବରୁ ଅନ୍ୟ ସ୍ଥାନମାନଙ୍କରୁ ସୈନ୍ୟ ପଠାଇ ସେଠାରେ ପ୍ରତିରକ୍ଷାବ୍ୟୂହ ଗଠନ କରିବା ଉଚିତ ବୋଲି-ଭାବି କମିଶନର ବାଲେଶ୍ୱରରେ ଥିବା ୬୪ ଜଣ ପାଇକଙ୍କ ସହ ଆଉ ୪୦ ଜଣ ନୂଆ ସିପାହୀଙ୍କୁ ଗୁମସରକୁ ପଠାଇବା ପ୍ରସ୍ତାବ କଲେ । କିନ୍ତୁ ବିଦ୍ରୋହୀମାନଙ୍କ ସଂଖ୍ୟା ବେଶି

ହୋଇଥିଲେ ଏମାନେ ପ୍ରତିରୋଧ କରିବା ସମ୍ଭବ ହେବ ନାହିଁ ଏବଂ ହାରିଗଲେ ଖରାପ ପ୍ରଭାବ ପଡ଼ିବ, ଏ ଆଶଙ୍କାରେ ଏହି ସାହେବମାନଙ୍କୁ କମିଶନର ଆଉ ପଠାଇଲେ ନାହିଁ ।

## ୯ ଇଂରେଜ ଡାକ୍ତରଙ୍କୁ ହତ୍ୟା

ବିଦ୍ରୋହୀମାନେ କିପରି ବିବ୍ରତ କରିବାକୁ ଆରମ୍ଭ କଲେଣି ତାହା ନିମ୍ନ ଘଟଣାରୁ ଭଲ ଭାବରେ ଜଣାପଡ଼ିବ । ସମ୍ବଲପୁରର ସୈନିକମାନଙ୍କ ଚିକିତ୍ସା ପାଇଁ ଗଞ୍ଜାମରୁ ଡାକ୍ତର ମୁର୍ ଓ ଏପୋଥିକାରୀ ହାମସନ୍ ନାମକ ଦୁଇଜଣ କର୍ମଚାରୀଙ୍କୁ ଗଞ୍ଜାମ କଲେକ୍ଟର କଟକ ବାଟେ ସମ୍ବଲପୁର ଯିବାକୁ ଆଦେଶ ଦେଇଥିଲେ । ଏ ଦୁଇଜଣ କର୍ମଚାରୀ କଟକରେ ପହଞ୍ଚି ଅନୁଗୋଳ ବାଟେ ସମ୍ବଲପୁର ବାହାରିଲେ । ସେମାନେ ଅନୁଗୋଳରୁ ରେଢ଼ାଖୋଲ ରାଜଧାନୀ ରାମପୁରରେ ପହଞ୍ଚିଲେ । ସେଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଯିବାବାଟ ନିରାପଦ ନ ଥିବାରୁ ସମ୍ବଲପୁରରୁ କେତେ ଜଣ ସୈନିକଙ୍କୁ ପଠାଇବା ନିମନ୍ତେ କାପ୍ଟେନ ଲେଙ୍ଗଠାରୁ ସେମାନେ ଖବର ଦେଲେ । କିନ୍ତୁ ଲେଙ୍ଗଠାରୁ କିଛି ଖବର ନ ମିଳିବାରୁ ସେମାନେ ବିଚଳିତ ହୋଇ ପଡ଼ିଲେ । ସମ୍ବଲପୁରର ଅବସ୍ଥା ଜଟିଳ ହୋଇ ଯାଇଥିବା ଆଶଙ୍କା କରି ଆଉ ଅଟକି ରହିବା ପାଇଁ ସେମାନଙ୍କର ଧୈର୍ଯ୍ୟ ରହିଲା ନାହିଁ । ଦୁହେଁ ସମ୍ବଲପୁର ଯିବା ପାଇଁ ବ୍ୟଗ୍ର ହେଲେ । ସେତେବେଳେ ସମ୍ବଲପୁର-ରାମପୁର ରାସ୍ତା ( ପ୍ରାୟ ୫୦ ମାଇଲ ) ବିଦ୍ରୋହୀମାନଙ୍କ ଆଡ୍ଡା ଥିବାରୁ ଯଥେଷ୍ଟ ସଂଖ୍ୟାରେ ରକ୍ଷୀ ନ ନେଇ ଯିବା ଉଚିତ ନୁହେଁ ବୋଲି ରେଢ଼ାଖୋଲ ରାଜା ଏ ଦୁହିଁଙ୍କୁ ମନା କଲେ । କିନ୍ତୁ ରାଜାଙ୍କ ପରାମର୍ଶ ନ ମାନି ଦୁହେଁ ୧୬ ଜଣ, ବୋହିଅଙ୍କୁ ସାଙ୍ଗରେ ଧରି

ସମ୍ବଲପୁର ଅଡ଼କୁ ବାହାରିଲେ । ରାମପୁରର କିଛି ଦୂରରେ ଜଙ୍ଗଲରେ ରେଢ଼ାଖୋଲର ମଧୁଗୌନ୍ତିଆଙ୍କ ଦଳ ଆକ୍ରମଣ କଲେ । ଏ ଦୁଇଜଣ ଇଂରେଜ ଅଫିସର ବିଦ୍ରୋହୀମାନଙ୍କ ସହିତ ସମ୍ମୁଖ ଲଢ଼େଇ କରି ଆତ୍ମରକ୍ଷା କରୁଥିବା ସମୟରେ ମଧୁ ଗୌନ୍ତିଆ ଫାରସାରେ ଡାକ୍ତର ମୁଁର୍‌କୁ ହତ୍ୟା କଲେ । ଡାକ୍ତର ହାମସନ୍ କୌଣସି ପ୍ରକାରେ ଖସି ପଳାଇ ବଣ ଜଙ୍ଗଲରେ ଲୁଚି ରହିଲେ ।

ଦ୍ୱିତୀୟ ଦିନ ସମ୍ବଲପୁରରୁ ସେମାନଙ୍କୁ ନେବାପାଇଁ ଦଳେ ସିବନ୍ଦୀ ପାଇକ ଆସୁଥିଲେ । ବାଟରେ ଡାକ୍ତର ହାମସନ୍‌ଙ୍କୁ ଦେଖି ତାଙ୍କୁ ନେଇ ରାମପୁରରେ ପହଞ୍ଚିଲେ । ସେତେବେଳକୁ ହାମସନ୍ ଭୋକ ଶୋଷରେ ବହୁ ଯନ୍ତ୍ରଣା ଭୋଗ କରି ସାରିଥିଲେ ।

ସମ୍ବଲପୁରରେ ଏହି ଖବର ପହଞ୍ଚିବା ମାତ୍ରେ ୨୦ ତାରିଖ ଦିନ କାପ୍‌ଟେନଡ଼ଲ ମାନ୍ଦ୍ରାଜୀ ସୈନଙ୍କୁ ଧରି ରେଢ଼ାଖୋଲ ଦିଗରେ ଅଗ୍ରସର ହେଲେ । ତାଙ୍କ ସଙ୍ଗରେ ଦଳେ ସିବନ୍ଦୀ ପାଇକ ଦଳ ମଧ୍ୟ ଥିଲେ । ବିଦ୍ରୋହୀମାନେ ତାଙ୍କ ଉପରେ ଆକ୍ରମଣ କରି ଜଙ୍ଗଲ ଭିତରେ କେତେ ଜଣଙ୍କୁ ମାରି ପକାଇଲେ; କେତେ ଜଣଙ୍କୁ ଜଖମ ମଧ୍ୟ କରି ଦେଲେ । ବିଦ୍ରୋହୀମାନଙ୍କୁ ବଣ ଭିତରେ ଧରିବା ସମ୍ଭବ ହୋଇପାରି ନ ଥିଲା । ପୁଣି ସେମାନଙ୍କର ସାହସ ମଧ୍ୟ ଖୁବ୍ ବଢ଼ି ଯାଇଥିଲା । ଡାକ୍ତର ହାମସନ୍‌ଙ୍କୁ ସାଙ୍ଗରେ ନେଇ ସିବନ୍ଦୀମାନେ ସମ୍ବଲପୁରରେ ପହଞ୍ଚିଲେ ।

# ପଞ୍ଚମ ଅଧ୍ୟାୟ

## ସରକାରୀ ବ୍ୟବସ୍ଥାର ପୁନର୍ଗଠନ

### ହାକିମ ହୁକୁମ ପାଇବାରେ ଅସୁବିଧା

ଶୀତ ଋତୁ ଆରମ୍ଭ ହୋଇ ସାରିଲାଣି । ଧାନ କଟାକଟି ବେଳ ନିକଟ ହୋଇ ଆସିଲାଣି, ଲୋକଙ୍କ ମନ ସେଆଡ଼େ ଲାଗିଯିବ । ଯଦି ଏତିକି ବେଳେ ବିଦ୍ରୋହୀମାନଙ୍କୁ ଦମନ କରା-ନ ଯାଏ ତେବେ କାମ ନିକମା ବେଳ ଆସିଗଲେ ଲେଡ଼ଗୁଡ଼ି କତୁଣିକୁ ବୋହିଯିବାର ଆଶଙ୍କା ରହିଛି । ପୁଣି ଭାରତର ବିଭିନ୍ନ ଅଞ୍ଚଳରୁ ଯଦି ଅଶାନ୍ତି ଖବର ସମ୍ବଲପୁରରେ ପହଞ୍ଚେ, ତାହା ହେଲେ ବିଦ୍ରୋହୀମାନଙ୍କର ଶକ୍ତି ବୃଦ୍ଧି ପାଇଯିବାର ସମ୍ଭାବନା ମଧ୍ୟ ରହିଛି । ଏକଥା ଜାଣି ବୁଝି ଉଚ୍ଚ ହାକିମମାନେ ତନା-ଘନାରେ ବିଦ୍ରୋହ ଦମନ ବ୍ୟବସ୍ଥା କରିବାକୁ ଆରମ୍ଭ କଲେ ।

କିନ୍ତୁ ସରକାରୀ ରାଜଧାନୀରୁ ନିର୍ଦ୍ଦିଷ୍ଟ ଆଦେଶ ମିଳୁ ନ ଥିବାରୁ ସ୍ଥାନୀୟ ଅଧିକାରୀମାନେ କଠୋର ବ୍ୟବସ୍ଥା କରିବାକୁ ସାହସ କରୁ ନ ଥିଲେ । ଏଥିଯୋଗୁ ବିଦ୍ରୋହର ପ୍ରାଥମିକ ଅବସ୍ଥାରେ ସରକାରୀ ବ୍ୟବସ୍ଥାରେ ସୁଚିନ୍ତିତ ପରିକଳ୍ପନା ସେତେ ଦେଖାଯାଇ ନ ଥିଲା ।

ସେତେବେଳେ ସମ୍ବଲପୁର ଉପରେ ଛୋଟନାଗପୁର କମିଶନରଙ୍କ ଅଧିକାର ମଧ୍ୟ ଥିଲା । ଛୋଟନାଗପୁର ଡିଭିଜନର ଅଶାନ୍ତ ଅବସ୍ଥା ଦୃଷ୍ଟିରୁ ସମ୍ବଲପୁରଠାରୁ ସିଧାସଳଖ ଚିଠିପତ୍ର ଛୋଟନାଗପୁରକୁ ପଠା ନ ଯାଇ କଲିକତା ବାଟେ ପଠାଯାଉଥିଲା । ଏହାଦ୍ୱାରା ଉପର ଅଧିକାରୀଙ୍କଠାରୁ ସ୍ଥାନୀୟ ଅଧିକାରୀ ହୁକୁମ ପାଇବାରେ ଅଯଥା ବିଳମ୍ବ ହେଉଥିଲା । ପ୍ରଥମ ଅବସ୍ଥାରେ

ଯାହା ବା ବ୍ୟବସ୍ଥା ହୋଇଛି, ତାହା କେବଳ ସ୍ଥାନୀୟ ହାକିମ ନିଜ ଦାୟିତ୍ୱରେ କରିଛନ୍ତି ବୋଲି କହିବାକୁ ହେବ ।

## ସମ୍ବଲପୁର କଟକ କମିଶନରଙ୍କ ଅଧୀନକୁ ଆସିଲା

ନଭେମ୍ବର ମାସ ୫ ତାରିଖରେ ଖିଣ୍ଡା ଓ କୋଲାବିରା ଉପରେ କାପ୍‌ଟେନ୍ ନୋଲ୍‌ସ ଓ ଲେଫ୍‌ଟେନାଣ୍ଟ ହେଡ଼୍‌ଙ୍କ ଅଧିନାୟକତ୍ୱରେ ଯେଉଁ ଆକ୍ରମଣ ହୋଇଥିଲା, ସେଥିରେ ବିଦ୍ରୋହୀମାନେ ସ୍ଥାନ ତ୍ୟାଗ କରି ଜଙ୍ଗଲ ଭିତରକୁ ପଳାଇ-ଯିବାରୁ ଏହି ଅଫିସରମାନଙ୍କ ମନରେ ଧାରଣା ହେଲା ଯେ ବିଦ୍ରୋହୀମାନଙ୍କ ମନବଳ ଏକାବେଳକେ ଭାଙ୍ଗିଗଲା ଏବଂ ସେମାନେ ଯେ ଯାହା ଘରକୁ ବାହୁଡ଼ି ଗଲେଣି । ଏହି ଧାରଣାର ବଶବର୍ତ୍ତୀ ହୋଇ କାପ୍‌ଟେନ ନୋଲସ୍ ସମ୍ବଲପୁରକୁ ନଇ ବାଟରେ କଟକ ଫେରି ଆସିଲେ ଏବଂ ସେଠାରୁ ହାଇଦ୍ରାବାଦକୁ ନୂତନ ପଦରେ କାର୍ଯ୍ୟ କରିବା ପାଇଁ ବାହାରିଗଲେ । ଲେଫଟେନାଣ୍ଟ ହେଡ଼୍ ମଧ୍ୟ ଜ୍ୱର ଯୋଗୁଁ ସମ୍ବଲପୁର ଛାଡ଼ି ବାହାରି ଗଲେ । ସେପ୍‌ଟେମ୍ବର ମାସ ଅଧାଅଧି ବେଳକୁ ସମ୍ବଲପୁରରେ ପୁରୁଣା ଅଫିସର କେହି ନ ଥିଲେ କହିଲେ ଚଳେ । ତିନିଜଣ ଯୁବକ ଲେଫ୍‌ଟେନାଣ୍ଟ କେବଳ ସେଠାରେ ଥିଲେ । ସେମାନଙ୍କ ଭିତରୁ କେହିହେଲେ ଓଡ଼ିଆ ଭାଷା ଜାଣି ନ ଥିଲେ । ସମ୍ବଲପୁର ପ୍ରାୟ ଅରକ୍ଷ ଅବସ୍ଥାରେ ରହିଥିଲା ବୋଲି କହିବାକୁ ହେବ । ଅବସ୍ଥାର ଗୁରୁତ୍ୱ ବୁଝିପାରି କଟକ କମିଶନର କକବର୍ଣ୍ଣ ସାହେବ ସରକାରଙ୍କୁ ତୁରନ୍ତ ସତର୍କ କରାଇଦେଲେ । ପୁଣି ଛୋଟନାଗପୁରର ଅବସ୍ଥା କ୍ରମେ ଜଟିଳ ହୋଇ ପଡ଼ୁଥିବାରୁ ଏବଂ ସେଠାର କମିଶନରଙ୍କ କାମ ଓ ଦାୟିତ୍ୱ ବହୁତ

ବଢ଼ିଯାଇଥିବାରୁ ସେ ସମ୍ବଲପୁର ପ୍ରତି ଉପଯୁକ୍ତ ଦୃଷ୍ଟି ଦେଇପାରୁ ନ ଥିଲେ । ଏହି କାରଣରୁ କଟକ କମିଶନର ମୂଳରୁ ଏହି ଅବସ୍ଥାରେ ସମ୍ବଲପୁର ରକ୍ଷା ପାଇଁ ତାଙ୍କ କ୍ଷମତା ଅନୁଯାୟୀ ବ୍ୟବସ୍ଥା ଅବଲମ୍ବନ କରିଥିଲେ ।

ଡିସେମ୍ବର ମାସ ଆରମ୍ଭ ବେଳକୁ ବମ୍ବେ ରାସ୍ତାରେ ଡାକ ଆସିବା ପ୍ରାୟ ବନ୍ଦ ହେବାକୁ ବସିଲା । ସ୍ଥାନେ ସ୍ଥାନେ ବିଦ୍ରୋହୀମାନେ ଉଡ଼ାଦାର (ଧାଉଡ଼ିଆ)ମାନଙ୍କ ଉପରେ ଆକ୍ରମଣ କରୁଥିବାରୁ ଏମାନେ ଆଉ ଡାକ ଧରି ଯିବାପାଇଁ ସାହସ କଲେ-ନାହିଁ । ଏହାଦ୍ୱାରା ସରକାରୀ କାମରେ ବହୁତ ବ୍ୟାଘାତ ଘଟିଲା । ଏପରି ଅସୁବିଧା ଯୋଗୁ କଟକ କମିଶନରଙ୍କ ଅଧୀନରେ ସମ୍ବଲପୁରକୁ ରଖିବାକୁ ସରକାର ସ୍ଥିର କଲେ । ଡିସେମ୍ବର ତା ୧୯ ରିଖ ଦିନ କଟକ କମିଶନର କକ୍‌ବର୍ଣ୍ଣ ସମ୍ବଲପୁରର ଚାର୍ଜ ନେଲେ ।

ସମ୍ବଲପୁରରେ ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ସରକାରଙ୍କ ପକ୍ଷରୁ ସବୁପ୍ରକାର ଆୟୋଜନ କରାଯିବାର ସୂଚନା ଅକ୍ଟୋବର ମାସଠାରୁ ଦେଖା ଦେଇଥିଲେ ମଧ୍ୟ ନଭେମ୍ବର ମାସ ପର୍ଯ୍ୟନ୍ତ ବହୁତ ଅଭାବ ରହିଯାଇଥିଲା । ବଣଜଙ୍ଗଲ, ନଈନାଳ ସୈନ୍ୟ ପରିଚାଳନା ପ୍ରତି ଆଦୌ ଅନୁକୂଳ ନୁହେଁ । ସେଥିରେ ପୁଣି ମାଳ ଅଞ୍ଚଳରେ ମାଲଜ୍ୱର ଯୋଗୁ ବହୁ ସୈନିକ ରୋଗାକ୍ରାନ୍ତ ହୋଇ ପଡ଼ୁଥିଲେ । ସମତଳ ଅଞ୍ଚଳର ଯେଉଁ ସବୁ ଲୋକ ସୈନ୍ୟ ବିଭାଗରେ କାମ କରୁଥିଲେ, ସେମାନେ ବଣଜଙ୍ଗଲରେ ପଶିଲାକ୍ଷଣି ମାଲଜ୍ୱରଦ୍ୱାରା ଆକ୍ରାନ୍ତ ହେଉଥିଲେ । କେତେକ ଲୋକ ମୃତ୍ୟୁ-ମୁଖରେ ମଧ୍ୟ ପତିତ ହେଉଥିଲେ । ସରକାରଙ୍କୁ ଏ ଦିଗରୁ ମଧ୍ୟ କେତେକ ପ୍ରତିକାର ବ୍ୟବସ୍ଥା ଅବଲମ୍ବନ କରିବାକୁ ପଡ଼ୁଥିଲା ।

## ଡଙ୍ଗା, ବଳଦଗାଡ଼ିର ବ୍ୟବସ୍ଥା

ନଈନାଳ ପାରହେବା ପାଇଁ ସରକାର ବହୁତ ଡଙ୍ଗାର ବ୍ୟବସ୍ଥା କରିଥିଲେ । ଘାଟମାନଙ୍କରେ ଯେପରି ଅଯଥା ବିଳମ୍ବ ନ ହୁଏ ସେଥିପ୍ରତି ଦୃଷ୍ଟି ଦିଆଯାଉଥିଲା । ମାଲପତ୍ର ବୋହିବା ପାଇଁ କଟକରୁ ସମ୍ବଲପୁର ପର୍ଯ୍ୟନ୍ତ ବଳଦଗାଡ଼ିର ବ୍ୟବସ୍ଥା ମଧ୍ୟ ହୋଇଥିଲା । ଯିବା ଆସିବା ପାଇଁ ପ୍ରାୟ ଏକମାସ ସମୟ ଗାଡ଼ିକୁ ଲାଗୁଥିଲା । ଗାଡ଼ିବାଲାମାନେ ଗାଡ଼ି ପ୍ରତି ଯିବା ଆସିବା ୧୨ ଟଙ୍କାଠାରୁ ୧୮ ଟଙ୍କା ପର୍ଯ୍ୟନ୍ତ ନେଉଥିଲେ । ଥରକେ ଦୁଇଶହ ତିନିଶହ ବଳଦଗାଡ଼ି, ଦୁଇଶହ ତିନିଶହ ଭାରୁଆ, ଶହ ଶହ ବୋଝିଆ ବଳଦ ମେଳ ବାନ୍ଧି ବାହାରୁଥିଲେ । ବାଟରେ ପ୍ରତ୍ୟେକ ଠଣାରେ ଯେପରି ଫୌଜ ପାଇଁ ଯଥେଷ୍ଟ ପରିମାଣରେ ରସିଦ ମିଳେ, ତାର ବ୍ୟବସ୍ଥା ମଧ୍ୟ ହେଉଥିଲା । ବାଟରେ ଗଡ଼ଜାତ ରାଜା ଓ ଜମିଦାରମାନେ କମିଶନରଙ୍କଠାରୁ ମୂଲ୍ୟ ନେଇ ରସିଦ ଯୋଗାଇବା ପାଇଁ ପରୱାନା ଯାଉଥିଲା । ଜଙ୍ଗଲ ବାଟ ସଫା ରଖିବା ପାଇଁ ମଧ୍ୟ ଆଦେଶ ଯାଉଥିଲା । ଅଠଗଡ଼, ଢେଙ୍କାନାଳ, ହିଣ୍ଡୋଳ, ଅନୁଗୁଳ, ବୌଦ, ବାମଣ୍ଡା, ସୋନପୁର ପ୍ରଭୃତି ରାଜାଙ୍କ ଉପରେ ଏ ସମ୍ବନ୍ଧରେ ଘନ ଘନ ପରୱାନା ଜାରି ହେଉଥିଲା । ଆଦେଶ ଅମାନ୍ୟ କଲେ ଅର୍ଥ ଦଣ୍ଡର ଧମକ ମଧ୍ୟ ଦିଆ ଯାଉଥିଲା ।

## ହାତୀ ବ୍ୟବସ୍ଥା

ଜଙ୍ଗଲ ଭିତରେ ଯିବା ଆସିବା ପାଇଁ ସରକାର କେତେକ ହାତୀର ବ୍ୟବସ୍ଥା ମଧ୍ୟ କରିଥିଲେ । ସମ୍ବଲପୁର ଓ ସିଂହଭୂମି ଅଞ୍ଚଳ ପାଇଁ ଅକ୍ଟୋବର ମାସରେ କଟକ କମିଶନରଙ୍କ ପ୍ରସ୍ତାବ

ମତେ ଚାରଟି ହାତୀ ରଖାଯିବା ସ୍ଥିର ହେଲା । ଗଞ୍ଜାମ ଜିଲ୍ଲା କଲେକ୍ଟରଙ୍କ 'ଉଦ୍ୟମରେ' 'ଗଞ୍ଜାମ' ଅଠଗଡ଼ର ରାଜା ଦୁଇଟି ହାତୀ ଦେବାକୁ ରାଜି ହୋଇଥିଲେ । କଟକ କମିଶନରଙ୍କ ଉଦ୍ୟମରେ ମୟୂରଭଞ୍ଜ ରାଜା ୧, କେଉଁଝର ରାଜା ୧, ନୀଳଗିରି ରାଜା ୧, ଆଳି ରାଜା, ୧, ପଟିଆ ରାଜା ୨, ଦର୍ପଣ ରାଜା ୨; ଏପରି ୮ଟି ହାତୀ ମିଳିବା ସମ୍ଭବ ହେଲା । ଦୁଇଟି ହାତୀ କିଣିବା ସ୍ଥିର ହୋଇ ୧୨ଟି ହାତୀ ଉପଦ୍ରୁତ ଅଞ୍ଚଳକୁ ପଠାଇବା ସ୍ଥିର ହେଲା । ହାତୀ ଚଳେଇ ଯାଉଥିବାର ଖର୍ଚ୍ଚ ସରକାର ତୁଲାଇବା ଭାର ନେଲେ । ମାହୁନ୍ତଙ୍କ ଦରମା ମଧ୍ୟ ସରକାର ଦେବା ସ୍ଥିର ହେଲା । ଯୁଦ୍ଧରେ ହାତୀ ଲୋକସାନ ହେଲେ ତାର ଦାମ ଦାବୀ କରିବେ ନାହିଁ ବୋଲି ରାଜାମାନେ ସ୍ୱତଃପ୍ରବୃତ୍ତ ହୋଇ ସରକାରଙ୍କୁ ଜଣାଇ ଦେଲେ । ଏହି ହାତୀସବୁ ଠିକଣା ଜାଗାରେ ପହଞ୍ଚିବାରୁ ସରକାର ପକ୍ଷର ଅଭିଯାନ ଟିକିଏ ସୁଗମ ହୋଇଗଲା ।

## ଅନୁଗୁଳ ସରକାରୀ ଘାଟୀ

ଅନୁଗୁଳର ଅବସ୍ଥା ମଧ୍ୟ ସନ୍ତୋଷଜନକ ନ ଥିଲା । ୧୮୪୭-୪୮ରେ ଅନୁଗୁଳ ରାଜାଙ୍କ ବିଦ୍ରୋହ ଫଳରେ ସେଠାରେ ଲୋକଙ୍କୁ ସହଜରେ ସରକାରୀ କର୍ମଚାରୀମାନେ ବିଶ୍ୱାସ କରୁ ନ ଥିଲେ ।

ଅନୁଗୁଳ ରାଜା ଧରାହେବା ପରେ ସେଠାରେ ଅବସ୍ଥା ଅବଶ୍ୟ ଶାନ୍ତ ପଡ଼ିଲା; କିନ୍ତୁ ସମ୍ବଲପୁରର ଅଶାନ୍ତି ଅନୁଗୁଳ ଉପରେ ଖରାପ ପ୍ରଭାବ ପକାଇବାର ବେଶି ସମ୍ଭାବନା ଥିବାରୁ କଟକରୁ କମିଶନର ସାହେବ ତାଙ୍କ ଅସିଷ୍ଟାଣ୍ଟ ବାବୁ ବ୍ରହ୍ମାନନ୍ଦ ଦାସଙ୍କୁ ଅନୁଗୁଳରେ ରଖିଲେ । ତାଙ୍କ ପାଖରେ ୩୦ ଜଣ ପାଇକ ଥିଲେ । ତାହା ଯଥେଷ୍ଟ ବୋଲି ଧାରଣା ନ ହେବାରୁ ତାଙ୍କୁ ବଢ଼େଇ ୮୦

କରିବାକୁ ଏବଂ ଦରକାର ପଡ଼ିଲେ ଆଖପାଖର ଗଡ଼ଜାତ ରାଜା ମାନଙ୍କଠାରୁ ପାଇକ ସଂଗ୍ରହ କରିବାକୁ କମିଶନର ସାହେବ ହୁକୁମ ଦେଲେ । ଅନୁଗୁଳ କଟକ-ସମ୍ବଲପୁର ବାଟରେ ଏକ ପ୍ରଧାନ ଘାଟୀ ହେଲା ।

## ସରକାରୀ ଖର୍ଚ୍ଚରେ କଷୋଟପଣିଆ

ଏବେ ଅପ୍ରୋଜନ ଭଳରେ ସରକାରୀ ଖର୍ଚ୍ଚରେ ଯେପରି ଟିକିଏ କଷୋଟପଣିଆ ଦେଖାଯାଉଥିଲା । ଅଧିକ ପାଇକ ରଖିବାକୁ ହେଲେ ଅନ୍ୟ କୌଣସି ଖର୍ଚ୍ଚାନ୍ତ ବ୍ୟବସ୍ଥା କରିବାକୁ ହେଲେ କଲିକତା ଗ୍ଲେଟେଲାଟ ସାହେବଙ୍କଠାରୁ କମିଶନରଙ୍କୁ ହୁକୁମ ଆଣିବାକୁ ପଡ଼ୁଥିଲା । ବାଲେଶ୍ୱରରେ ୬୪ ଜଣ ସୈନ୍ୟ ପାଇକ କମ୍ପାନୀରେ ଥିଲେ । ପାଇକ ସଂଖ୍ୟା ବୃଦ୍ଧି ପାଇବା ଦରକାର ପଡ଼ିବାରୁ ଆଉ ୩୬ ଜଣ ଅଧିକା ଲୋକଙ୍କୁ କମ୍ପାନୀରେ ନେବା ପାଇଁ କମିଶନର ଇଚ୍ଛା କଲେ । ସେ ବାବଦରେ ମାସିକ ଅଧିକା ୯୮ ଟଙ୍କା ପଡ଼ିବାର ହିସାବ ହୋଇଥିଲା । ମାସିକ ଦରମା ଜମାଦାର ୧ ଜଣ ୮ ଟଙ୍କା, ଜମାଦାର ୩ ଜଣ ୬ ଟଙ୍କା ହିସାବରେ ୧୮ ଟଙ୍କା, ବରକନ୍ଦାଜ ୧୮ ଜଣ ୪ ଟଙ୍କା ହିସାବରେ ୭୨ ଟଙ୍କା, ଏପରି ମୋଟ ୯୮ ଟଙ୍କା ଖର୍ଚ୍ଚ ହେବା ଦେଖାଇ କମିଶନରଙ୍କୁ ଗ୍ଲେଟେଲାଟଙ୍କ ଠାରୁ ହୁକୁମ ଆଣିବାକୁ ପଡ଼ିଥିଲା । ଏହି ପାଇକ କମ୍ପାନୀରୁ ୧୩ ଜଣଙ୍କୁ ସମ୍ବଲପୁର ପଠାଇବାକୁ ପ୍ରସ୍ତାବ ହୋଇଥିଲା । ପାଇକ ସଂଖ୍ୟା ବୃଦ୍ଧି କରାଯାଇଥିଲେ . ମଧ୍ୟ ନଭେମ୍ବର ମାସ ସୁଦ୍ଧାଓସମାନଙ୍କୁ ମ୍ବଲପୁର ପଠାଯିବାର ଆବଶ୍ୟକତା ଦାଇମାନେ ଉପଲବ୍ଧି କରି ନ ଥିଲେ ।

## କାପ୍ଟେନ୍ ଲେଙ୍କ ଇସ୍ତଫା

ଅବସ୍ଥା ସମ୍ଭାଳି ହୋଇ ଆସୁଥିବା ବେଳେ କାପ୍ଟେନ୍ ଲେ ତାଙ୍କର ପଦତ୍ୟାଗ କରିବାପାଇଁ ଆବେଦନ କଲେ । ସେ ନିଜେ ନିଷ୍ଠାପର ଭାବରେ ବିଦ୍ରୋହର ଦମନ କାର୍ଯ୍ୟରେ ଲାଗିଥିଲେ ମଧ୍ୟ ଅନ୍ୟାନ୍ୟ କାର୍ଯ୍ୟ କରିବା ପାଇଁ ତାଙ୍କର ସ୍ୱାସ୍ଥ୍ୟ ତାଙ୍କୁ ସାହାଯ୍ୟ କରୁ ନ ଥିଲା । ବିଶେଷତଃ ବିଦ୍ରୋହର ପ୍ରଥମାବସ୍ଥାରେ ସ୍ଥାନୀୟ ଅଫିସରମାନଙ୍କ ଭିତରେ ଅଳ୍ପ ଅଭିଜ୍ଞତା ଥିବା ଜେଟେ ଜଣ ଯୁବକ ଅଧିକାରୀ ବିଦ୍ରୋହ ଦମନ କରିବା ଦିଗରେ ସମର୍ଥ ହେଲେ ନାହିଁ ବୋଲି କକବର୍ଣ୍ଣ ସାହେବ ଯେଉଁ ରିପୋର୍ଟ ସରକାରଙ୍କୁ ଦେଲେ, ସେଥିରେ କାପଟେନ୍ ଲେ ଦୁଃଖିତ ହୋଇଥିଲେ ବୋଲି ଅନୁମାନ କରାଯାଏ । ତାହା ନ ହେଲେ ସେ ହଠାତ୍ କାହିଁକି ବା ଇସ୍ତଫା ଦିଅନ୍ତେ ? ସରକାର ତାଙ୍କର ଇସ୍ତଫା ଗ୍ରହଣ କରି ତାଙ୍କ ସ୍ଥାନରେ କର୍ଣ୍ଣେଲ ଫଷ୍ଟର୍‌ଙ୍କୁ ଆସିଷ୍ଟାଣ୍ଟ କମିଶନର କରି ପଠାଇଲେ । କାପଟେନ୍ ଲେ କାର୍ଯ୍ୟରୁ ଇସ୍ତଫା ଦେଇଥିଲେ ମଧ୍ୟ ଫଷ୍ଟର୍ ସାହେବ ସମ୍ବଲପୁରରେ ପହଞ୍ଚି କାର୍ଯ୍ୟଭାର ଗ୍ରହଣ କରିବା ପର୍ଯ୍ୟନ୍ତ ସେ ସେଠାରେ ରହି କାର୍ଯ୍ୟ ଚଳାଇଥିଲେ । ତାଙ୍କର ଏହି କାମ ଅବଶ୍ୟ ପ୍ରଶଂସନୀୟ ବୋଲି ସରକାର ସ୍ୱୀକାର କରିଥନ୍ତି । କାପ୍ଟେନ୍ ଲେ ବହୁତ ଥର ସରକାରଙ୍କୁ ଅଧିକ ସାହାଯ୍ୟ ପଠାଇବା ପାଇଁ ଆବେଦନ କରିଥିଲେ, କିନ୍ତୁ ସରକାର ସେ ଦିଗରେ ବେଶି ତତ୍ପର ନ ହେବାରୁ ସେଥିରେ ଅସନ୍ତୁଷ୍ଟ ହୋଇ ପଦତ୍ୟାଗ କରିଥିବା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ । ଲେଙ୍କ ଅଧୀନରେ ଯେଉଁ ୬୦୦ ସୈନିକ ଓ ପାଇକ କାମ କରୁଥିଲେ, ସେମାନଙ୍କ ଭିତରୁ ୧୮୧ ଜଣ

ବେମାର ହୋଇ ଡାକ୍ତରଖାନାରେ ପଡ଼ି ରହିଲେ ଏବଂ ଅନ୍ୟ କେତେକ ରୋଗ ପ୍ରଭାବରୁ ଦୁର୍ବଳ ହୋଇପଡ଼ିଲେ । ବାହାରରୁ ଶୀଘ୍ର ସାହାଯ୍ୟ ନ ଆସିଲେ ଅବସ୍ଥା ଶୋଚନୀୟ ହୋଇପଡ଼ିବ—ଏହା ସେତେବେଳକୁ ହାକିମମାନେ ଉପଲବ୍ଧି କରିସାରିଥିଲେ ।

### କଟକରୁ ସୈନ୍ୟ ପଠାଇବା ଅନୁଚିତ

କଟକରେ ଯେଉଁ ସାମରିକ ଘାଟି ଥିଲା ସେଠାରୁ ସୈନ୍ୟ ପଠାଇବା ଅତି ଅସୁବିଧା ଥିବା ବିଷୟ ସରକାରଙ୍କୁ କମିଶନର ସାହେବ ଜଣାଇଲେ । କଟକରେ ସେତେବେଳକୁ ମାନ୍ଦ୍ରାଜ ନେଟିଭ ଇନ୍‌ଫାଣ୍ଟ୍ରିର ୪୦ ଦଳର ୪ଟି କମ୍ପାନୀ (୨୮୦) ଓ ୫ମ ଦଳର ୫ଟି କମ୍ପାନୀ (୩୫୦) ସୈନ୍ୟ କେବଳ ଥିଲେ । କଟକ, ପୁରୀ, ବାଲେଶ୍ୱର ଓ ୧୮ ଗଡ଼ଜାତର ରକ୍ଷା ପାଇଁ ଏହି ସାମରିକ ବ୍ୟବସ୍ଥା ନିଅଣ୍ଟ ଥିଲା କହିଲେ ଚଳେ । ଯଦି କଟକରୁ ସୈନ୍ୟ ସମ୍ବଲପୁରକୁ ଯାଆନ୍ତି, ତାହାହେଲେ ଅନ୍ୟ ସ୍ଥାନରୁ କଟକକୁ ସୈନ୍ୟ ଆମଦାନୀ ହେବା ନିତାନ୍ତ ଦରକାର ବୋଲି କମିଶନର ସରକାରଙ୍କୁ ଜଣାଇଲେ ।

## ଷଷ୍ଠ ଅଧ୍ୟାୟ

## ପୁଣି ସଂଘର୍ଷ

ଅବସ୍ଥା ଦିନକୁ ଦିନ ଖରାପ ହେବାକୁ ବସିଲା । ନଭେମ୍ବର ୨୫ ତାରିଖ ରାତିରେ ଦଳେ ବିଦ୍ରୋହୀ ସମ୍ବଲପୁର ସହର ପାଖରେ ପହଞ୍ଚିବା ଖବର ପାଇ ସରକାରୀ ପକ୍ଷର ଦଳେ ସୈନ୍ୟ

ସେମାନଙ୍କୁ ଧରିବାକୁ ବାହାରିଲେ; କିନ୍ତୁ ସତରେ ବିଦ୍ରୋହୀମାନଙ୍କୁ ଧରିବା ଆଦୌ ସମ୍ଭବ ହେଲା ନାହିଁ । ବିଦ୍ରୋହୀମାନେ କିଛି ସମୟ ଯୁଦ୍ଧ କରି ଜଙ୍ଗଲ ଭିତରେ ପଶି ଲୁଚିଗଲେ । ସରକାରଙ୍କ ତରଫରୁ ଦୁଇଜଣ ମଲେ ଓ ଆଠ ଜଣ ଆହତ ହେଲେ ।

ଏ ଘଟଣା ସହିତ ଡାକ୍ତର ମୁରଙ୍କ ହତ୍ୟା ସରକାରୀ ପକ୍ଷକୁ ବେଶି ଚିନ୍ତିତ କରି ପକାଇଲା । ହାନ୍‌ସନ୍‌ ସିନା ରକ୍ଷା ପାଇଗଲେ; କିନ୍ତୁ ତାଙ୍କର ସର୍ବସ୍ୱ ବିଦ୍ରୋହୀମାନେ ଛଡ଼ାଇ ନେଇ ଯାଇଥିଲେ । ଏହି ଘଟଣା ହାକିମମାନଙ୍କୁ ଭାରି ଅପମାନ ବୋଧ ହୋଇଥିବା ସମ୍ଭବ ।

କଟକରୁ ନାଟିଭ ଅଫିସର କମାଣ୍ଡିଂ ମେଜର ବେଟସ ସମ୍ବଲପୁର ଯିବାକୁ ବାହାରିଲା । ସଙ୍ଗରେ କଟକରେ ଥିବା ସୈନ୍ୟ ଓ ୪ଟି ତୋପ ମଧ୍ୟରୁ ୨ଟି ତୋପ ଓ ଗୋଳା ବାରୁଦ ପ୍ରଭୃତି ଯୁଦ୍ଧ ସରଞ୍ଜାମ ଧରିଥିଲେ । ସମ୍ବଲପୁରରେ ଡାକ୍ତର ଅଭାବ ଥିବାରୁ ପୁରୀର ଡାକ୍ତର ହିଗିନ୍‌ସଙ୍କୁ ମଧ୍ୟ ସଙ୍ଗରେ ନେଇଥିଲେ ।

ବେକ୍‌ବର୍ଣ୍ଣ ସାହେବ ଡିସେମ୍ବର ତା ୧୯ ରିଖରେ କାର୍ଯ୍ୟଭାର ଗ୍ରହଣ କରି କାଳବିଳମ୍ବ ନ କରି ସମ୍ବଲପୁର ଅଭିମୁଖରେ ଯାତ୍ରା କଲେ ।

ଡିସେମ୍ବର ତା ୨୯ ରିଖରେ ନାଗପୁରରୁ କାପଟେନ ଉଡ ସମ୍ବଲପୁରରେ ଦଳେ ଅଶ୍ୱାରୋହୀ ସୈନ୍ୟଙ୍କୁ ଧରି ପହଞ୍ଚିଲେ ।

## ସମ୍ବଲପୁର ନିକଟରେ ସଂଘର୍ଷ

ଡିସେମ୍ବର ତା ୩୦ ରିଖ ଦିନ ସକାଳେ କାପ୍‌ଟେନ୍‌ ଉଡ ୭୩ ଜଣ ଅଶ୍ୱାରୋହୀ ସୈନ୍ୟ ଓ ୨୦୦ ସିପାହୀଙ୍କୁ ଧରି ଅତି

ସତର୍କ ରହି ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଅଭିଯାନ ଆରମ୍ଭ କଲେ । ସେଦିନ ସମ୍ବଲପୁର ନିକଟରେ ଦଳେ ବିଦ୍ରୋହୀଙ୍କୁ ଧରି ସୁରେନ୍ଦ୍ର ଓ ତାଙ୍କ ଭାଇ (ଛବିଲ) ଲୁଚି ରହିଥିବା ଖବର ଜଡ୍ ପାଇଲେ । ଅତି ଗୋପନରେ ସୈନ୍ୟ ଚାଳନା କରି ଗୋଟିଏ ଅମ୍ବତୋଟା ଭିତରେ ବିଦ୍ରୋହୀମାନଙ୍କୁ ଆକ୍ରମଣ କଲେ । ପ୍ରଥମେ ଅଶ୍ୱାରୋହୀମାନେ ସେଠାରେ ପହଞ୍ଚି ଅତର୍କିତ ଭାବରେ ସୁରେନ୍ଦ୍ରଙ୍କ ଦଳ ଉପରେ ଚଢ଼ାଉ କଲେ । ସଂଘର୍ଷ ଚାଲିଥିବା ସମୟରେ ସିପାହୀମାନେ ମଧ୍ୟ ପହଞ୍ଚିଯିବାରୁ ଯୁଦ୍ଧ ଭୀଷଣ ଆକାର ଧାରଣ କଲା । ବିଦ୍ରୋହୀମାନେ ସେଠାରୁ ଛତ୍ରଭଙ୍ଗ ହୋଇ ଜଙ୍ଗଲ ଭିତରକୁ ଚାଲିଗଲେ । ବିଦ୍ରୋହୀଙ୍କ ଭିତରୁ ୫୩ ଜଣ ପ୍ରାଣ ହରାଇଲେ; ବହୁତ ଲୋକ ଆହତ ହେଲେ ଏବଂ ଓ୍ୱକେତେକ ମଧ୍ୟ ଧରାପଡ଼ିଲେ । ସୁରେନ୍ଦ୍ର ଭାଇ ଛବିଲ ଏହି ଯୁଦ୍ଧରେ ପ୍ରାଣ ତ୍ୟାଗ କଲେ । କିନ୍ତୁ ସୁରେନ୍ଦ୍ର ଖସି ପଳାଇଲେ । ସରକାରୀ ପକ୍ଷରୁ କାହାର କିଛି ବିଶେଷ କ୍ଷତି ହୋଇନାହିଁ । କେବଳ କାପ୍ତେନ ଜଡ଼ଙ୍କ ଦେହରେ ତୀର ବାଜି ସାମାନ୍ୟ ଆଘାତ ଲାଗିଥିଲା ।

ବିଦ୍ରୋହୀମାନେ ବଣ ଭିତରେ ପଶିଯିବା- ସେମାନଙ୍କ ପଛରେ ଗୋଡ଼ାଇବା ସମ୍ଭବ ନୁହେଁ ମନେକରି କାପ୍ତେନ ଜଡ୍ ସମ୍ବଲପୁର ସହରକୁ ଫେରି ଆସିଲେ ।

୧୮୫୮ ଜାନୁୟାରୀ ବେଳକୁ ସମ୍ବଲପୁର ଓ ଆଖପାଖ ଗଡ଼ଜାତମାନଙ୍କରେ ବିଦ୍ରୋହ ମନୋଭାବ ପୂର୍ଣ୍ଣ ମାତ୍ରାରେ ଦେଖା ଦେଲା । ଗଡ଼ଜାତ ରାଜାମାନେ ଉପରକୁ ସରକାରଙ୍କ ବଶ୍ୟତା ସ୍ୱୀକାର କରି ହାକିମମାନଙ୍କର ଆଦେଶକୁ ତାଲିମ କରିବାରେ ଲାଗିଥିଲେ ମଧ୍ୟ ବିଦ୍ରୋହୀମାନଙ୍କୁ ଦମନ କରିବା ମନୋଭାବ ସେମାନଙ୍କର ଆଦୌ ନ ଥିଲା କହିଲେ ଚଳେ । ଅତି ନିଃସଂଶ

ଅବସ୍ଥା ଆସିଗଲା ପରେ ଅବଶ୍ୟ କେତେକ ଜଣ ରାଜା ଇଂରେଜମାନଙ୍କର ଅନୁଗତ ରହିଥିଲେ। ରାଜା କ୍ଷତିପୂରଣ ଦଣ୍ଡରୁ ଅବ୍ୟାହତି ପାଇବା ପାଇଁ ଇଂରେଜ ପକ୍ଷ ନେଇଥିଲେ।

## ମଧୁ ଗୌନ୍ତିଆ ଧରାହେଲେ

ରେଢ଼ାଖୋଲ ଅନୁଗୁଳର ନିକଟରେ ଥିବାରୁ ଏବଂ ସମ୍ବଲପୁର-କଟକ ରାସ୍ତାରେ ଏହା ଏକ ସରକାରୀ ଘାଟି ଥିବାରୁ ସରକାରଙ୍କ ବିରୁଦ୍ଧରେ ପ୍ରକାଶ୍ୟ ଭାବରେ କିଛି କରିବାର ଉପାୟ ନ ଥିଲା। ତା ଛଡ଼ା ଡାକ୍ତର ମୁର୍‌ଙ୍କ ହତ୍ୟା ପରେ ସେଠାରେ ରାଜାଙ୍କୁ ସରକାରଙ୍କଠାରୁ ଯେଉଁ ବଡ଼ା ଚାଗିଦ ମିଳିଲା ସେଥିରେ ସେ ବିଚଳିତ ହୋଇ ପଡ଼ିଲେ। ଟ୍ରେମ୍‌ସନ୍ ସାହେବଙ୍କୁ ଆଶ୍ରା ଦେଇ ରକ୍ଷା କରିଥିବାରୁ ଏବଂ ତା ପରେ ସରକାରଙ୍କୁ ସହାୟ୍ୟ କରିବା ପାଇଁ ଦଳେ ପାଇକ ଯୋଗାଇ ଦେବାକୁ ତାଙ୍କ ପ୍ରତି ସରକାରଙ୍କର କୋପଦୃଷ୍ଟି ଅଳ୍ପ ପଡ଼ି ନ ଥିଲା। ରାଜା ମଧ୍ୟ ସରକାରଙ୍କ ଧମକରେ ଭୟ ପାଇଯାଇ ଡାକ୍ତର ମୁରଙ୍କୁ ଯେଉଁମାନେ ହତ୍ୟା କରିଥିଲେ ସେମାନଙ୍କୁ ଧରି ବାରେ ସରକାରଙ୍କୁ ସାହାଯ୍ୟ କରିଥିଲେ। ହତ୍ୟାକାରୀମାନଙ୍କ ନେତା ମଧୁ ଗୌନ୍ତିଆ ଓ ତାଙ୍କର ଅନ୍ୟ ତିନି ଜଣ ସହକର୍ମୀଙ୍କୁ ରେଢ଼ାଖୋଲ ରାଜା ଧରିନେଇ ସରକାରୀ ହାକିମମାନଙ୍କ ହାତରେ ସମର୍ପଣ କରିଦେଲେ। ରାଜାଙ୍କର ଏହି କାର୍ଯ୍ୟକୁ ଲୋକେ ଅତି ଘୃଣ୍ୟକର୍ମ ବୋଲି ମନେ କଲେ। ଲୋକଙ୍କ ଭିତରେ ଉତ୍ତେଜନା ଦେଖାଦେଲା। ଫଳରେ କଟକ-ସମ୍ବଲପୁର, ସମ୍ବଲପୁର—କଲିକତା, ସମ୍ବଲପୁର, ରାୟପୁର ରାସ୍ତା ବିପଦଜନକ ହୋଇ ପଡ଼ିଲା।

## ସରକାରୀ ସୈନ୍ୟ ଖାରଘାଟୀ ଧ୍ୱଂସ କଲେ

୧୮୫୮ ଖ୍ରୀଷ୍ଟାବ୍ଦ ଜାନୁଆରୀ ପ୍ରଥମାର୍ଦ୍ଧରେ କଟକରୁ ମେଜର ବେଟ୍‌ସ ସୈନ୍ୟସାମନ୍ତ ଧରି ସମ୍ବଲପୁରରେ ପହଞ୍ଚିବା ସାଙ୍ଗେ ସାଙ୍ଗେ ୭ ତାରିଖରେ ସମ୍ବଲପୁରରେ ଥିବା ସମସ୍ତ ସୈନ୍ୟବାହିନୀର କର୍ତ୍ତୃତ୍ୱ ଗ୍ରହଣ କଲେ । ସେତେବେଳକୁ ସମ୍ବଲପୁର ନିକଟସ୍ଥ ଖାରଘାଟୀଠାରେ ସୁରେନ୍ଦ୍ରଙ୍କ ଭାଇ ଉଦନ୍ତସାଏ ଯୁଦ୍ଧ ଆୟୋଜନ କରୁଥିଲେ । ଏହି ଖବର ପାଇବାମାତ୍ରେ ମେଜର ବେଟ୍‌ସ କାଳ ବିଳମ୍ବ ନ କରି ଉକ୍ତ ଘାଟିକୁ ଆକ୍ରମଣ କଲେ । ଉଦନ୍ତ ଯେଉଁ ଗ୍ରେଟିଆ ଅଡ଼ ତିଆରି କରିଥିଲେ ତାକୁ ଧ୍ୱଂସ କରିଦେଲେ । ଉଦନ୍ତଦଳର ୪ ଜଣଙ୍କୁ ମାରିଦେଲେ ଏବଂ କେତେକ ଯୁଦ୍ଧସରଞ୍ଜାମ ଓ ଗୋଳା ବାରୁଦ ହାତକରି ନେଲେ । କିନ୍ତୁ ଉଦନ୍ତ ସେଠାରୁ ଖସି ପଳାଇଥିଲେ ।

## ବେଟସ୍‌ଙ୍କ କୋଲାବିରା ଆକ୍ରମଣ

ମେଜର ବେଟସ ଖାରଘାଟୀଠାରୁ କୋଲାବିରା ଅଭିମୁଖରେ ଯାତ୍ରାକଲେ । ଏହି ସ୍ଥାନଟି ବିଦ୍ରୋହୀମାନଙ୍କର ପ୍ରଧାନ ଦୁର୍ଗ ଥିଲା । ଏହିଠାରେ ସବୁ ପ୍ରକାର ମନ୍ତ୍ରଣା ହୋଇ ବିଦ୍ରୋହର ଅନ୍ତଃଚାଳନ ଗୃହୀତ ହୋଇଥିଲା ।

କୋଲାବିରା ଗୌନ୍ତିଆ ସୁରେନ୍ଦ୍ର ସାଏଙ୍କୁ ପ୍ରକାଶ୍ୟ ଭାବରେ ସାହାଯ୍ୟ କରୁଥିଲେ । ସେଠାର ଲୋକେ ମଧ୍ୟ ବିଦ୍ରୋହରେ ଯୋଗ ଦେଇଥିଲେ । ବେଟ୍‌ସ କୋଲାବିରା ଆକ୍ରମଣ କରି ଦୁର୍ଗ ସହିତ ଗ୍ରାମଟିକୁ ଧ୍ୱଂସ କରିଦେଲେ । ଏହାପରେ କୋଲାବିରା ଗୌନ୍ତିଆ ଓ ଅନ୍ୟ ୧୩ (ତେର) ଜଣ ମୁଖିଆ ବିଦ୍ରୋହୀ ଆପେ ବେଟସଙ୍କଠାରେ ଅସ୍ତ୍ର ସମର୍ପଣ କଲେ । କୋଲାବିରା ଗୌନ୍ତିଆ ଅସ୍ତ୍ରସମର୍ପଣ କରିଯିବା ପରେ କୋଲାବିରାରେ ବିଦ୍ରୋହୀମାନଙ୍କ ଭିତରେ

ଝିକିଏ ହତାଶାଭାବ ଦେଖା ଦେଇଥିଲା । କିନ୍ତୁ ଗ୍ରାମର ଦୁର୍ଗ ଅପେକ୍ଷା ଦୁର୍ଭେଦ୍ୟ ବନଜଙ୍ଗଲ ଯୁଦ୍ଧପକ୍ଷରେ ସୁବିଧାଜନକ ଦେଖି ସେମାନେ ଏହି ବନଦୁର୍ଗକୁ ଆଶ୍ରୟ କରି ସରକାରଙ୍କୁ ବିବ୍ରତ କରିବାରେ ଲାଗିଲେ ।

## କାପ୍‌ଟେନ ଲେଙ୍କ ଅଭିଯାନ

ସମ୍ବଲପୁରର ଆଖପାଖ ଜଙ୍ଗଲ ଅଞ୍ଚଳରେ ବିଦ୍ରୋହୀମାନେ ଘାଟି କରି ରହିଥିବାରୁ ସେମାନଙ୍କୁ ଧ୍ୱଂସ କରିବାପାଇଁ ସରକାରୀ ଉଦ୍ୟମ ଆରମ୍ଭହୋଇ ଯାଇଥିଲା । ଝିଙ୍କିଟ୍‌ଘାଟି ଓ କୋଲାବିରା ଅଞ୍ଚଳରେ ବିଦ୍ରୋହ ଦେଇଥିଲା ବେଳେ କାପ୍‌ଟେନ ଲେ ୧୮୫୮ ଜାନୁଆରୀ ୦୪ ତାରିଖରେ ସମ୍ବଲପୁର ନିକଟସ୍ଥ ଜଙ୍ଗଲ ମଧ୍ୟରେ ଥିବା ଏକ ବିଦ୍ରୋହୀ ଘାଟି ଉପରେ ଆକ୍ରମଣ ଚଳାଇଲେ । ମାନ୍ଦ୍ରାଜ ନେଟିଭ୍ ଇନ୍‌ଫାଣ୍ଟ୍ରିର ୧୦୦ ଜଣ ସୈନ୍ୟ ଓ ରାମଗଡ଼ ବାଟାଲିୟନର ୩୦ ଜଣ ସୈନ୍ୟଙ୍କୁ ସେ ସାଙ୍ଗରେ ନେଇ ଅଭିଯାନ ଆରମ୍ଭ କଲେ । ଜଙ୍ଗଲ ଭିତରେ ପଥରର ଗଡ଼ବନ୍ଦୀ ନିର୍ମାଣ କରି ବିଦ୍ରୋହୀମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେଉଥିଲେ; ଦୂରରୁ ସରକାରୀ ସୈନ୍ୟବାହିନୀକୁ ଦେଖିଲେ । ସେମାନଙ୍କୁ ଜଙ୍ଗଲ ଭିତରର ପୂରେଇ ଧ୍ୱଂସ କରିଦେବା ଉଦ୍ଦେଶ୍ୟରେ ବିଦ୍ରୋହୀମାନେ ପାହାଡ଼ ଉପରକୁ ଗୁଞ୍ଜିଗଲେ । କାପ୍‌ଟେନ୍ ଲେ ପାହାଡ଼ ତଳେ ପହଞ୍ଚି ବିଦ୍ରୋହୀମାନଙ୍କ ଗତିବିଧି ଲକ୍ଷ୍ୟ କଲେ । ସେ ବୁଝିପାରିଲେ ଯେ ଏହି ଘୋର ଜଙ୍ଗଲ ଭିତରେ ପଶି ପଥରକାନ୍ଥକୁ ଧ୍ୱଂସ କରି ବିଦ୍ରୋହୀମାନଙ୍କୁ ଆକ୍ରମଣ କରିବା ସହଜ ହେବ ନାହିଁ । ବିଶେଷତଃ ବିଦ୍ରୋହୀମାନଙ୍କ ସଂଖ୍ୟା ସେମାନଙ୍କ ଅପେକ୍ଷା ବେଶି ଥିଲା । ସେଥିଯୋଗୁ ଆକ୍ରମଣ ଆଶା ଛାଡ଼ି ସେ ଧୀରେ ଧୀରେ ପଛଘୁଞ୍ଚା ଦେଇ ସମ୍ବଲପୁର ଅଭିମୁଖେ ଫେରିଗଲେ । ଉଦ୍ୟମ

କଲେ । ପାହାଡ଼ ଉପରୁ ବିଦ୍ରୋହୀମାନେ ଲେଙ୍କ ଏହି ଗତିକୁ ଲକ୍ଷ୍ୟ କରି ପ୍ରତିଆକ୍ରମଣ କରିବା ପାଇଁ ପାହାଡ ତଳକୁ ମାଡ଼ି ଆସିଲେ । ସେମାନେ ଭାବିଲେ ଲେ ନିଜକୁ ବଞ୍ଚାଇ ରଖିବାକୁ ପଛଘୁଞ୍ଚା ଦେଉଛନ୍ତି । ଏତିକିବେଳେ ତାଙ୍କ ଉପରେ ଆକ୍ରମଣ ଚଳାଇଲେ ସେ ଧ୍ୱଂସ ପାଇଯିବେ । ବିଦ୍ରୋହୀମାନେ ପାହାଡ ତଳକୁ ଖସି ଆସୁଥିବାର ଦେଖିଲେ ତାଙ୍କ ସୈନ୍ୟମାନଙ୍କୁ ଏକତ୍ରିତ କରି ପ୍ରତିଆକ୍ରମଣର ପ୍ରତିରୋଧ କରିବାକୁ ସଜବାଜ ହେଲେ ଏବଂ ଜଙ୍ଗଲ ନିକଟରୁ ଘୁଞ୍ଚି ଆସି ଖୋଲା ମଇଦାନରେ ଠିଆ ହେଲେ । ବିଦ୍ରୋହୀମାନେ ତାଙ୍କୁ ଗୋଡ଼ାଇ ମଇଦାନରେ ଆକ୍ରମଣ କଲେ । ବିଦ୍ରୋହୀମାନଙ୍କର ସଂଖ୍ୟା ପ୍ରାୟ ୧୫୦୦ ଥିବା ସରକାରୀ ହିସାବରୁ ଜଣାଯାଏ । ଲେଙ୍କର ମୋଟ ୧୩୦ ସୈନ୍ୟ ଥିଲେ । କିନ୍ତୁ ସେମାନଙ୍କ ହାତରେ ଭଲ ହାତ ହତିଆର ଥିବାରୁ ବିଦ୍ରୋହୀମାନେ ସଂଖ୍ୟାରେ ପ୍ରାୟ ୧୨ ଗୁଣା ଥିଲେ ମଧ୍ୟ ବିଶେଷ କିଛି କରିପାରିଲେ ନାହିଁ । ପୁରୁଣା ଭଙ୍ଗା ଦଦରା ନଳୀ ଓ ଧନୁଶର ଧରି ବିଦ୍ରୋହୀମାନେ ବା କି ଯୁଦ୍ଧ କରିବେ ? ଲଢ଼େଇରେ ବିଦ୍ରୋହୀମାନଙ୍କ ଭିତରୁ ୪ ଜଣ ଓ ସରକାରୀ ପକ୍ଷର ଜଣେ ମଲେ । ବିଦ୍ରୋହୀମାନେ ଖୋଲା ମଇଦାନରେ ବେଶୀ ସମୟ ଯୁଦ୍ଧ କରିବାକୁ ଇଚ୍ଛା ନ କରି ସ୍ୱଶକ୍ତିର ଅପଚୟରୁ ରକ୍ଷା ପାଇବା ପାଇଁ ପୁଣି ଜଙ୍ଗଲ ଭିତରକୁ ଲେଉଟିଗଲେ । ଲେ ବିଦ୍ରୋହୀମାନଙ୍କ ଉପରେ ଆଉ ଆକ୍ରମଣ ନ କରି ସମ୍ବଲପୁରକୁ ଫେରି ଆସିଲେ । ବନଜଙ୍ଗଲ ଯୁଦ୍ଧରେ ବନଜଙ୍ଗଲ ସହିତ ସଂପୃକ୍ତ ଥିବା ଲୋକଙ୍କ ଯେପରି କୃତିତ୍ୱ ଦେଖାଇ ପାରିବେ ଅନ୍ୟ ଲୋକ ସେପରି କରିପାରିବେ ନାହିଁ । ବିଶେଷତଃ ଜଙ୍ଗଲ ଭିତରେ ଲୁଚି କେତେ-ବେଳେ କି ରୂପରେ ବିଦ୍ରୋହୀମାନେ ମାଡ଼ି ଆସିବେ ତାହା କହିବା

ଦୁଃସାଧ୍ୟ । ସେହି ହେତୁ ସରକାର ପକ୍ଷ ଖୁବ୍ ସତର୍କତାର ସହିତ କାର୍ଯ୍ୟାନୁଷ୍ଠାନ କରୁଥିଲେ ।

---

## ସପ୍ତମ ଅଧ୍ୟାୟ

## ସମ୍ବଲପୁରରେ ଓଡ଼ିଶା କମିଶନର

ଓଡ଼ିଶାର କମିଶନର ଜି: ଏଫ୍.; କକବର୍ଣ୍ଣ ସାହେବ ଜାନୁଆରୀ ତା ୨୦ ରଖ ଦିନ ସମ୍ବଲପୁରରେ ପହଞ୍ଚିଲେ । ତାଙ୍କ ସାଙ୍ଗରେ ମେଜର ବ୍ରିଣ୍ଡହାମ୍‌ଙ୍କ ନେତୃତ୍ୱରେ ୫ମ ମାନ୍ଦ୍ରାଜ ନେଟିଭ ଇନ୍‌ଫାଣ୍ଟ୍ରିର ଦଳେ ସୈନ୍ୟ ଯାଇଥିଲେ । ମାନ୍ଦ୍ରାଜ ଗୋଲନ୍ଦାଜ ବାହିନୀର କାପଟେନ ଏଲ୍ ଭଇନଙ୍କ ନେତୃତ୍ୱରେ କେତୋଟି ତୋପ ମଧ୍ୟ ନିଆଯାଇଥିଲା । କକବର୍ଣ୍ଣ ସାହେବ ବହୁ କଷ୍ଟ ସହ୍ୟ କରି କଟକଠାରୁ ଅନୁଗୁଳ ବାଟେ ସମ୍ବଲପୁରରେ ପହଞ୍ଚିଲେ । ସ୍ଥାନେ ସ୍ଥାନେ ବିଦ୍ରୋହୀମାନେ ତାଙ୍କ ଶିବିର ଉପରେ ଆକ୍ରମଣ କରି ଜିନିଷପତ୍ର ନେଇ ପଳାଇବାର ଉଦ୍ୟମ କରିଥିଲେ । ରେ ଟି ଏ ଘାଟିରେ ଯେତେ ଖାଦ୍ୟଜିନିଷ ଥିଲା ସେସବୁ ବିଦ୍ରୋହୀମାନେ ଲୁଟ୍ କରି ନେଇ ଯାଇଥିଲେ । ବିଦ୍ରୋହୀମାନଙ୍କ ଡାକରେ କମିଶନର ସାହେବ ସିଧା ବାଟରେ ନ ଯାଇ ବୁଲି ବାଟରେ ସମ୍ବଲପୁରରେ ପହଞ୍ଚିଲେ । ସମୟ ସମୟରେ ସୈନ୍ୟ-ମାନଙ୍କ ପାଖରେ ଔଷଧର ଖାଦ୍ୟଜିନିଷ ମଧ୍ୟ ରହୁ ନଥିଲା । ଏତେ ଅସୁବିଧା ଭିତରେ ମଧ୍ୟ ମାନ୍ଦ୍ରାଜ ସୈନିକମାନେ ବିନା ଆପତ୍ତିରେ ଠିକଣା ଜାଗାରେ ଯାଇ ପହଞ୍ଚିଥିଲେ । ବାଟରେ ଗଡ଼ଜାତର ରାଜାମାନେ ଦାମ ନେଇ ସୈନ୍ୟମାନଙ୍କୁ ରସିଦ ଯୋଗାଇବାପାଇଁ

ସରକାରଙ୍କଠାରୁ ଦ୍ରୁତଅଜ୍ଞା ପାଇଥିଲେ । ଏହି ପରଓ୍ୱାନା ବଳରେ ସମ୍ବଲପୁର ଯିବା ପର୍ଯ୍ୟନ୍ତ କମିଶନରଙ୍କ ଦଳ ବହୁ ସ୍ଥାନରେ ସୁବିଧାରେ ରସିଦ ପାଇଥିଲେ ।

## ସିଂଘୋଡ଼ା ଲଢ଼େଇ

ସମ୍ବଲପୁରର ପଶ୍ଚିମକୁ ପ୍ରାୟ ଷାଠିଏ ମାଇଲ ଦୂରରେ ସିଂଘୋଡ଼ା ଘାଟି । ରାୟପୁର ଯିବା ବାଟରେ ଏହି ଘାଟିଟି ଥିବାରୁ ବିଦ୍ରୋହୀମାନେ ଏଠାରେ ନାନାପ୍ରକାର ଅସୁବିଧା କରୁଥିଲେ । ଡାକ ଛଡ଼ାଇବା ଏବଂ ସରକାରୀ ପକ୍ଷର ମାଲପତ୍ର ଲୁଟି କରିବା ପ୍ରଭୃତି କାମ ଏମାନେ ସହଜରେ କରୁଥିଲେ । କାପ୍ତାନ ସେକ୍ସପିଅରଙ୍କୁ ସମ୍ବଲପୁରଠାରୁ ରାୟପୁର ଯିବାପାଇଁ ଜରୁରୀ ଆଦେଶ ଦେବାରୁ ସେ ଦଳ ସୈନ୍ୟ ଧରି ରାୟପୁର ଅଡ଼େ ଚାଲିଲେ । ସିଂଘୋଡ଼ା ଘାଟି ପାଖରେ ବିଦ୍ରୋହୀମାନଙ୍କ ସହିତ ସରକାରୀ ସୈନ୍ୟଙ୍କର ଲଢ଼େଇ ହେଲା । ନାଗପୁର ଅଶ୍ୱାରୋହୀ ଦଳର କେତେ ଜଣ ସୈନ୍ୟଙ୍କୁ ନେଇ ସେକ୍ସପିଅର ବିଦ୍ରୋହୀ-ମାନଙ୍କୁ ଆକ୍ରମଣ କଲେ । ଘାଟିସ୍ଥଳରୁ ବିଦ୍ରୋହୀମାନେ ଏହାର ପ୍ରତିରୋଧ କଲେ । ଅଣା ଲଢ଼େଇ ପରେ ବିଦ୍ରୋହୀଦଳର ୧୧ (ଏଗାର ଜଣ ମଲେ, ୧୫ (ପନ୍ଦର) ଜଣ ଘାଏଲ ହେଲେ ଏବଂ ୩ (ତିନି) ଜଣ ଧରା ପଡ଼ିଲେ । ସରକାରୀ ପକ୍ଷର କି କ୍ଷତି ହୋଇଥିଲା ତାର ପରିମାଣ ଜଣା ଯାଇନାହିଁ । ସିଂଘୋଡ଼ା ଆକ୍ରମଣର ଫଳାଫଳ ଶେଷ ହେବା ପୂର୍ବରୁ ସେକ୍ସପିଅର ନାଗପୁର ଚାଲିଗଲେ । ତାଙ୍କ ସ୍ଥାନ ପୂରଣ କରିବା ପାଇଁ ସମ୍ବଲପୁରରୁ କାପ୍ଟେନ ଉଡ୍‌ବ୍ରିଜ୍ ଓ କାପ୍ଟେନ ଉଡ୍ ଦଳେ ମାନ୍ଦ୍ରାଜୀ ସୈନ୍ୟଙ୍କୁ ଧରି ସିଂଘୋଡ଼ା ଅଡ଼େ ଯାତ୍ରା କଲେ ।

## ପାହାଡ଼ ସିରଗିରଆ ଲଢେଇ

କାପ୍ଟେନ୍ ଉଡ଼ ଓ କାପ୍ଟେନ୍ ଉଡ଼୍ ବ୍ରିଜ୍ ସମ୍ବଲପୁରଠାରୁ ପ୍ରାୟ ୨୦ ( କୋଡ଼ିଏ) ମାଇଲ ଦୂରରେ ଥିବା ବରପାହାଡ଼ ପର୍ବତମାଳାର ପାଦଦେଶରେ ଥିବା ପହାଡ଼ ସିରଗିରଆ ନାମକ ଘାଟିଠାରେ ପହଞ୍ଚିଲେ । ସେଠାରେ ବିଦ୍ରୋହୀମାନେ ଅଡ୍ଡା ଜମାଇଥିବାରୁ ତାକୁ ଧ୍ୱଂସ କରିବାପାଇଁ ଫେବୃୟାର ୧୨ ତାରିଖ ଦିନ କାପ୍ଟେନ୍ ଉଡ଼୍ ବ୍ରିଜ୍ ବିଦ୍ରୋହୀମାନଙ୍କ ଉପରେ ହଠାତ୍ ଆକ୍ରମଣ କଲେ । ଉଭୟ ପକ୍ଷରୁ ଜୋରରେ ଲଢ଼େଇ ଚାଲିଲା । କାପ୍ଟେନ୍‌ଙ୍କ ସହ ତାଙ୍କ ନିକଟରେ ଥିବା ଦୁଇଜଣ ମାନ୍ଦ୍ରାଜୀ ସିପାହୀ ଏହି ଲଢ଼େଇରେ ସେଠାରେ ପ୍ରାଣ ହରାଇଲେ । କାପ୍ଟେନ୍‌ଙ୍କ ମୃତ୍ୟୁପରେ ସରକାରୀ ସିପାହୀମାନଙ୍କ ଭିତରେ ଭୟ ସଞ୍ଚାର ହୋଇଥିଲା । କିଏ କୁଆଡ଼େ ଛିନ୍ନଛତ୍ର ହୋଇ ଚାଲିଗଲେ । କାପ୍ଟେନ୍‌ଙ୍କ ମୃତଦେହ ଯୁଦ୍ଧଭୂମିରେ ପଡ଼ିରହିଲା । ରାମଗଡ଼ ବାଟାଲିଅନ୍‌ର ସିପାହୀ ମଥୁରା ପାଣ୍ଡେ ଓ ମାରିତବ୍ ଖାଁ କାପ୍ଟେନ୍‌ଙ୍କ ଶବକୁ ନେଇ ଆସିବା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କଲେ । ବିଦ୍ରୋହୀମାନେ ସେ ଦୁହିଙ୍କ ଉପରେ ଆକ୍ରମଣ କରି ଅସ୍ତ୍ରଶସ୍ତ୍ର କରି ପକାଇଲେ । ସେମାନେ ଏଥିରେ ଆଘାତ ମଧ୍ୟ ପାଇଲେ । ଶେଷରେ ନିରୁପାୟ ହୋଇ ଫେରି ଆସିଲେ । କାପ୍ଟେନ୍‌ଙ୍କ ଶବ ସେଠାରେ ପଡ଼ିରହିଲା । ସମ୍ବଲପୁରରେ ଏ ଖବର ପହଞ୍ଚିବା ମାତ୍ରେ କମିଶନର ଫର୍ବର୍ଣ୍ଣ ସାହେବ ବିଚଳିତ ହୋଇ ପଡ଼ିଲେ । ସାଙ୍ଗେ ସାଙ୍ଗେ କାପ୍ଟେନ ଲେଙ୍କ ଅଧିନାୟକତ୍ୱରେ ଦଳେ ଠାଣୁଆ ସୈନ୍ୟଙ୍କୁ ପାହାଡ଼ ଶିରଗିରିଆକୁ ପଠାଇଲେ । ସେଠାରେ ଅତି ଭୀଷଣ ଲଢ଼େଇ ହେଲା ।]

ବିଦ୍ରୋହୀମାନେ ନିବିଡ଼ ଜଙ୍ଗଲ ଭିତରେ ଦୁଇଟି ପାହାଡ଼ ମଧ୍ୟରେ ଥିବା ଖୋଲରେ ଗୁଜରି କରି ରହୁଥିଲେ । ଖୋଲ ମୁହଁରେ ୭ (ସାତ)ଫୁଟ ଉଚ୍ଚର ଗୋଟିଏ ଚାଣୁଆ ପଥର କାନ୍ଥ ଗଢ଼ିଥିଲେ । କାନ୍ଥର ଲମ୍ବ ପ୍ରାୟ ୩୦ (ତିରିଶ) ଫୁଟ ହେବ । ଦକ୍ଷିଣ ଅଞ୍ଚଳକୁ ପାହାଡ଼ ଉପରେ ଆଉ ଗୋଟିଏ ପଥର କାନ୍ଥ କରିଥିଲେ । ଏଠାରେ ତଳ କାନ୍ଥ ପାଖର ଘଟଣା ସବୁ ଦେଖାଯାଉଥିଲା । ପାହାଡଶିଖର ଅଳ୍ପ ଉପରେ ପୁଣି ଏକ କାନ୍ଥ ଗଢ଼ିଥିଲେ । ତଳର ଦ୍ୱାରକାନ୍ଥ ଆଗରେ ଥିବା ଜଙ୍ଗଲକୁ କାଟି ପରିଷ୍କାର ସଡ଼କଟିଏ କରିଥିଲେ । ଯଦି ବିପକ୍ଷ ଦଳର ସୈନ୍ୟମାନେ ସେ ବାଟରେ ଆସନ୍ତି, ତାହାହେଲେ ସେମାନଙ୍କୁ ଉପରୁ ସୁନ୍ଦର ଭାବରେ ଦେଖି ହେବ ଏବଂ ଅକ୍ଲେଶରେ ଗୁଳି ବର୍ଷଣ କରି ଧ୍ୱଂସ କରିହେବ । ଶତ୍ରୁ ପକ୍ଷକୁ ଗଛ ଆଢୁଆଳରେ ରହିବା ସୁବିଧା ସେଠାରେ ମିଳିବା ସମ୍ଭବ ନ ଥିଲା ।

ବ୍ରେକ୍ଲେ ନାମକ ଜଣେ ସୈନିକ ହାକିମ ଫେବୃୟାରୀ ୧୪ ତାରିଖ ଦିନ ଏହି ଘାଟି ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନଙ୍କ କୌଶଳକୁ ପଣ୍ଡ କରିଦେବା ପାଇଁ ସାହେବ ଏକ ପନ୍ଥା ଉଦ୍ଭାବନ କଲେ । ସୈନ୍ୟମାନଙ୍କୁ ତିନି ଦଳରେ ବିଭକ୍ତ କରିଦେଲେ । ଦଳେ ବାମ ପଟରେ, ଦଳେ ଡାହାଣ ପଟରେ, ଦଳେ ସାମନା ପଟରେ ରହି ପାହାଡ଼ ଉପରକୁ ଉଠିଲେ । ଦୁଇ କଡ଼ର ଦୁଇ ଦଳ ପାହାଡ଼ ଚଢିବା ସମୟ ଭିତରେ ସାମନା ଦଳ ବିଦ୍ରୋହୀମାନଙ୍କୁ ଯୁଦ୍ଧରେ ଲିପ୍ତ ରଖିବା, ଯୁଦ୍ଧ ଚାଲୁଥିଲା ବେଳେ ପାହାଡ଼ ଉପରୁ ଏହି ଦୁଇ ଦଳ ମାଡ଼ି ଆସି ଶତ୍ରୁକୁ ଆକ୍ରମଣ କରିବା ସ୍ଥିର ହେଲା ।

ବିଦ୍ରୋହୀମାନେ ସରକାରୀ ସୈନ୍ୟବାହିନୀର ଗତିବିଧି ପାହାଡ଼ ଉପରୁ ଲକ୍ଷ୍ୟ କରୁଥିଲେ । ସୈନ୍ୟଚାଳନାର କୌଶଳଟିକୁ ବିଦ୍ରୋହୀମାନେ ବୁଝିପାରି ନିଜବଳକୁ କଳିନେଲେ । ସେଠାରେ ରହିଲେ ବୃଥା କ୍ଷୟ ଛଡ଼ା ଅନ୍ୟ ଲାଭ ନାହିଁ ବୋଲି ଜାଣିପାରି ବିଦ୍ରୋହୀମାନେ ଲଢ଼େଇ ନ କରି ଘାଟି ଛାଡ଼ି ପଳେଇଲେ । ସେମାନଙ୍କର ବହୁତ ଜିନିଷପତ୍ର, ଗୋଳାବାରୁଦ ସରକାରୀ ସୈନ୍ୟବାହିନୀ ହାତରେ ପଡ଼ିଲା । କାପ୍‌ଟେନ୍ ଉଡ୍‌ବ୍ରିଜ୍‌ଙ୍କ ଶବକୁ ସରକାରୀ ସୈନ୍ୟମାନେ ଉଦ୍ଧାର କରିନେଲେ ।

---

## ୧୮୫୮ ଫେବୃଆରୀ ଆରମ୍ଭ ବେଳକୁ ଅବସ୍ଥା

୧୮୫୮ ଆରମ୍ଭ ବେଳକୁ ସମ୍ବଲପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ମୁଖିଆ ମୁଖିଆ ଲୋକେ ସୁରେନ୍ଦ୍ରଙ୍କୁ ପ୍ରକାଶ୍ୟଭାବରେ ସାହାଯ୍ୟ କରିବା ପାଇଁ ବାହାରିଲେଣି । ଭେଡ଼ନର ଜମିଦାର ବିଦ୍ରୋହରେ ଯୋଗ ଦେଲେଣି । ଘେସର ଜମିଦାର ହାତୀ ସିଂହ ସୁରେନ୍ଦ୍ରଙ୍କୁ ସବୁ ପ୍ରକାର ସାହାଯ୍ୟ କରୁଥିଲେ । ନିଜେ ସେମାନେ ବିଦ୍ରୋହରେ ନେତୃତ୍ୱ ନେଇ ସରକାରୀ ପକ୍ଷକୁ ହଇରାଣ କରୁଥିଲେ । ଲକ୍ଷଣିପୁରର ଜମିଦାର କମଳ ସିଂହ ଦାଓ ଓ ତାଙ୍କ ଭାଇ ଗଣେଶ୍ୱର ଦାଓ ସୁରେନ୍ଦ୍ରଙ୍କ ପ୍ରଧାନ ସହକର୍ମୀ ଭିତରେ ଗଣ୍ୟ ହେଉଥିଲେ । ଖରସାଲର ଜମିଦାର ପୂର୍ଣ୍ଣପ୍ରାଣରେ ବିଦ୍ରୋହରେ ଲିପ୍ତ ଥିଲେ । କୋଲାବିରାର ଜମିଦାର ବିଦ୍ରୋହର ସ୍ତମ୍ଭ ସ୍ୱରୂପ ଥିଲେ । ଲୋଇସିଙ୍ଗା ଜମିଦାରୀର ଲୋକେ ଜମିଦାରଙ୍କ ନେତୃତ୍ୱରେ ସରକାରଙ୍କ ବିରୁଦ୍ଧରେ ପ୍ରତ୍ୟକ୍ଷ ଲଢ଼େଇରେ ଯୋଗ ଦେଉଥିଲେ । ( ଏହି ଜମିଦାରବଂଶର ମଧୁ ଗଜକୁଅଁ ରେଢ଼ାଖୋଲ ଜଙ୍ଗଲ

ଭିତରେ ଡାକ୍ତର ମୁରକୁ ହତ୍ୟା କରିଥିଲେ ବୋଲି ସରକାର ଅଭିଯୋଗ କରିଥିଲେ ) ଗଡ଼ଜାତ ରାଜାମାନଙ୍କ ଭିତରେ ସମ୍ବଲପୁର ଜିଲ୍ଲାର ପୂର୍ବଦିଗରେ ଥିବା ଗଡ଼ଜାତର ରାଜାମାନେ ସୁରେନ୍ଦ୍ରଙ୍କୁ ପ୍ରାୟ ନିରପେକ୍ଷ ରହି ବିଶେଷ କିଛି ସାହାଯ୍ୟ କରି ନାହାନ୍ତି । ପଶ୍ଚିମ ଅଞ୍ଚଳର ରାଜାମାନେ ଲୁଣା ଅଧିକେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ । ସମ୍ବଲପୁର ରାଜ୍ୟପୁଞ୍ଜ ମଧ୍ୟସ୍ଥ ଗଡ଼ଜାତର ରାଜାମାନେ ବିଦ୍ରୋହୀମାନଙ୍କୁ ଆଶ୍ରୟ ଦେଉଥିଲେ ।

## ବାର ପାହାଡ଼ ଆକ୍ରମଣ

ବିଦ୍ରୋହୀମାନଙ୍କୁ ଦମନ କରିବା ପାଇଁ ସରକାର ତରଫରୁ ଅତି କଡ଼ାକଡ଼ି ବ୍ୟବସ୍ଥା ଅବଲମ୍ବନ କରାଗଲା । ଜିଲ୍ଲାର ବିଭିନ୍ନ ଅଞ୍ଚଳକୁ ବିଭିନ୍ନ ସେନାନାୟକମାନଙ୍କ ଅଧୀନରେ ଦଳେ ଦଳେ ସୈନ୍ୟ ପଠାଗଲା । ଯେ କୌଣସି ପ୍ରକାରେ ବିଦ୍ରୋହୀମାନଙ୍କୁ ପରାସ୍ତ କରି ତାଙ୍କୁ ଧରି ଆଣିବା ଉଦ୍ଦେଶ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଘାଟି ପ୍ରସ୍ତୁତ କରି ସୈନ୍ୟ ମୁତୟନ କରାଗଲା । ବିଦ୍ରୋହୀମାନେ ବଣ ଜଙ୍ଗଲରେ ଲୁଚି ରହି ଯୁଦ୍ଧ କରୁଥିବାରୁ ସରକାରୀ ସୈନ୍ୟଦଳ ସେମାନଙ୍କ ବିରୁଦ୍ଧରେ ଅଭିଯାନ କଲାବେଳରୁ ବହୁତ ଅସୁବିଧା ଭୋଗ କରିବାକୁ ହେଉଥିଲା । ବିଦ୍ରୋହୀମାନେ ବଣ ଜଙ୍ଗଲରେ ଆଶ୍ରୟ ନେଇ ସରକାରୀ ପକ୍ଷ ଉପରେ ଆକ୍ରମଣ କରି ବହୁତ କ୍ଷତି କରୁଥିଲେ । ବାର ପାହାଡ଼ ଅଞ୍ଚଳ ବିଦ୍ରୋହୀମାନଙ୍କର ଏକ ପ୍ରଧାନ ଅଡ୍ଡା ଥିଲା ।

ଫେବୃଆରି ମାସରେ କାପ୍ଟେନ ୱୁଡବୋର୍ଲ୍ସ ଦଳେ ମାନ୍ଦ୍ରାଜୀ ସୈନ୍ୟଙ୍କୁ ଧରି ବାର ପାହାଡ଼ ଭିତରେ ପଶି ବିଦ୍ରୋହୀମାନଙ୍କ ଉପରେ ଆକ୍ରମଣ କଲେ । ବିଦ୍ରୋହୀମାନେ ଦଳ ଦଳ ହୋଇ

ପାହାଡ଼ ଜଙ୍ଗଲ ଭିତରେ ଲୁଚିରହି ଅତର୍କିତ ଭାବରେ ଶତ୍ରୁ ଉପରକୁ ବନ୍ଧୁକ ଚଳାଉଥିଲେ । ସମତଳ ଭୂମିରୁ ଉଠାଣି ଉପରକୁ ଗଲାବେଳକୁ ସରକାରୀ ସୈନ୍ୟ ବିଦ୍ରୋହୀମାନଙ୍କ ତୀର ବନ୍ଧୁକରେ ହଠାତ୍ ଆକ୍ରମଣର ସମ୍ମୁଖୀନ ହେଉଥିଲେ । ଘର ପାହାଡ଼ ଜଙ୍ଗଲ ଅଞ୍ଚଳରେ କିଛିଦିନ ଯୁଦ୍ଧ ଲାଗିବା ପରେ ବିଦ୍ରୋହୀମାନେ ପଛକୁ ହଟି ଯାଇଥିଲେ । ସେମାନଙ୍କର ବହୁତ ଜିନିଷପତ୍ର, ଗୋଳା ବାରୁଦ ସରକାରୀ ପକ୍ଷଙ୍କ ହାତରେ ପଡ଼ିଥିଲା ।

## ବାମଣ୍ଡା ଅଭିଯାନ

ଘାରପାହାଡ଼ରୁ ବିଦ୍ରୋହୀମାନଙ୍କୁ ତଡ଼ିବା ପରେ ସରକାରୀ ପକ୍ଷଙ୍କ ମନରେ ଟିକିଏ ସାହସ ଜନ୍ମିଲା । ସେମାନେ ସମ୍ବଲପୁର ଜିଲ୍ଲା ଓ ଆଖପାଖର ଗଡ଼ଜାତ ଭିତରେ ବିଦ୍ରୋହୀମାନଙ୍କୁ ଶିକାର କରିବା ଉଦ୍ଦେଶ୍ୟରେ ଦୃଢ଼ ବ୍ୟବସ୍ଥା ଅବଲମ୍ବନ କଲେ । ବାମଣ୍ଡାର ଶ୍ରୀକୃଷ୍ଣ ବେହେରା ବିଦ୍ରୋହୀମାନଙ୍କର ନେତୃତ୍ୱ ନେଇଥିଲେ । ରାଜା ତାଙ୍କୁ ଭିତରେ ସାହାଯ୍ୟ କରୁଛନ୍ତି ବୋଲି ସରକାରୀ ହାକିମମାନେ ଖବର ପାଇଲେ । କମିଶନର ସାହେବ ରାଜାଙ୍କ ପାଖକୁ ଚିଠି ଲେଖି ଜଣାଇ ଦେଲେ ଯେ ରାଜା ଯଦି ବିଦ୍ରୋହୀମାନଙ୍କୁ କୌଣସିପ୍ରକାର ସାହାଯ୍ୟ କରନ୍ତି ତାହାହେଲେ ଅନୁଗୋଳ ରାଜାଙ୍କ ଅବସ୍ଥା ଭଳି ତାଙ୍କ ଅବସ୍ଥା ହେବ । ପ୍ରାୟ ଆଠ ନଅ ବର୍ଷ ତଳେ ଅନୁଗୋଳ ରାଜା ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ଠିଆ ହେବାରୁ ତାଙ୍କ ଗଡ଼କୁ ଧ୍ୱଂସ କରି ତାଙ୍କୁ ଧରିନେଇ ବନ୍ଦୀ କରି ତାଙ୍କ ରାଜ୍ୟକୁ ଖାସ କରି ଦେଇଥିଲେ । ଅତି ଅଳ୍ପ ସମୟ ପୂର୍ବରୁ ଏହି ଘଟଣା ଘଟିଥିବାରୁ ସରକାରଙ୍କ ପକ୍ଷରୁ ଏଭଳି ଧମକବାଣୀ ଶୁଣିବା ପରେ ବାମଣ୍ଡା ରାଜା

ଦେବିଗଲେ । ସରକାରୀ ଉପାଧି ଓ ପ୍ରଶଂସାପତ୍ର ଲାଭର ଲୋଭ ମଧ୍ୟ ତାଙ୍କୁ ଦେଖା ହୋଇଥିଲା । ରାଜା କେବଳ ସୁବିଧା ଅପେକ୍ଷାରେ ବସିଥିଲେ । ଯଦି ସୁରେନ୍ଦ୍ରଙ୍କ ଦଳ ବଳଶାଳୀ ହୋଇଯାଏ ତାହା-ହେଲେ ତାଙ୍କ ସହିତ ଯୋଗ ନ ଦେଲେ ଭବିଷ୍ୟତରେ ବିପଦ ଆଶଙ୍କା କରିବା ସ୍ୱାଭାବିକ । ଯଦି ସୁରେନ୍ଦ୍ର ହାରି ଯାଆନ୍ତି ତାହାହେଲେ ତାଙ୍କର ( ରାଜାଙ୍କର ) ଅସ୍ତିତ୍ୱ ସରକାର ସ୍ୱୀକାର କରିବେ କି ନାହିଁ ତାହା ମଧ୍ୟ ତାଙ୍କୁ ଚିନ୍ତା କରିବାକୁ ପଡ଼ିଥିଲା । ଦୁଇ ନାଆରେ ଗୋଡ ଦେବା ଅବସ୍ଥା ତାଙ୍କର ଉପସ୍ଥିତ ହୋଇଥିଲା । ସେ ସରକାରଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ଶ୍ରୀକୃଷ୍ଣ ଓ ତାଙ୍କ ଦଳକୁ ସେ ଧରାଇ ଦେବେ । ଯଦି ସରକାରୀ ସୈନ୍ୟ ବାମଣ୍ଡାକୁ ଆସନ୍ତି ତାହାହେଲେ ରାଜା ପୂରାପୂରି ସରକାରଙ୍କୁ ସାହାଯ୍ୟ କରି ବିଦ୍ରୋହ ଦମନରେ ଅଂଶ ଗ୍ରହଣ କରିବେ ବୋଲି ସରକାରଙ୍କୁ ଜଣାଇଲେ । ମେଜର ଇଲିଙ୍ଗହାମ୍ ସାହେବ ଦଳେ ସୈନ୍ୟ ଧରି ବାମଣ୍ଡା ଭିତରେ ପଶି ବିଦ୍ରୋହୀମାନଙ୍କ ଘାଟିସ୍ଥାନ-ଗୁଡ଼ିକୁ ଆକ୍ରମଣ କଲେ । ବହୁତ ଗାଁଗଣ୍ଡା ପୋଡିଦେଇ ଧ୍ୱଂସ କରିଦେଲେ । ବିଦ୍ରୋହୀ ପ୍ରଜାମାନଙ୍କ ଭିତରୁ କେତେଜଣ ପ୍ରାଣ ହରାଇଲେ । କଲିକତା-ବୋମ୍ବେ ଡାକ ରାସ୍ତାକୁ ବିଦ୍ରୋହୀମାନେ ବନ୍ଦ କରିଦେବାରେ ଆଗରୁ ସମର୍ଥ ହୋଇଥିଲେ । ମେଜର ଇଲିଙ୍ଗହାମ୍ ଉକ୍ତ ରାସ୍ତାକୁ ନିରାପଦ କରିଦେଇ ଡାକ ଚାଲିବାର ବ୍ୟବସ୍ଥା କଲେ । ବିଦ୍ରୋହୀମାନଙ୍କ ଭିତରୁ କେତେ ଜଣ ମୁଖିଆ ଲୋକ ଧରା ପଡ଼ିଲେ । ପରେ ବିଚାର ହୋଇ ଏମାନଙ୍କ ଭିତରୁ କେତେଜଣ ଫାଶି ଦଣ୍ଡ ପାଇଲେ ।

ବାମଣ୍ଡା ଅଭିଯାନରେ ରୁପ୍ ସିଂ ନାମକ ଜଣେ ସରକାରୀ ଡେପୁଟି ହାକିମ ସରକାରଙ୍କ ପକ୍ଷରୁ ଖୁବ୍ ଦକ୍ଷତାର ସହିତ

କାର୍ଯ୍ୟ କରିଥିଲେ । ପରେ ତାଙ୍କୁ ସରକାର ଉପାଧି ଓ ଜାଗିର ଦେଇଥିଲେ । ବାମଣ୍ଡାର ରାଜା ମଧ୍ୟ ତାଙ୍କୁ କେତେଖଣ୍ଡ ଗ୍ରାମ ଜାଗିର ଦେଇଥିଲେ । ଏହି ଘଟଣାର କେତେବର୍ଷ ( ତିନି ଚାରି ବର୍ଷ ) ପରେ ସରକାର ଖବର ପାଇଲେ ଯେ ରୁପସିଂ ବାମଣ୍ଡା ରାଜାଙ୍କ ଠାରୁ ଘୁସ୍ ସ୍ୱରୂପ ଏହି ଗ୍ରାମଗୁଡିକ ଜାଗିର ପାଇଛନ୍ତି । ବିଦ୍ରୋହୀମାନଙ୍କ ସହିତ ବାମଣ୍ଡା ରାଜା ବିଦ୍ରୋହରେ ଲିପ୍ତ ଥିବା କଥାକୁ ଗୋପନୀୟ ରଖିବା ପାଇଁ ରାଜା କୁଅଁରଙ୍କ ଡେପୁଟି ସାହେବଙ୍କୁ ଏହି ଲାଞ୍ଚ ଦେଇଥିଲେ । ସରକାରଙ୍କ ତରଫରୁ ଏହାର ଅନୁସନ୍ଧାନ ମଧ୍ୟ ହୋଇଥିଲା । ରୂପ ସିଂହଠାରୁ କୈଫିୟତ ମଧ୍ୟ ତଲବ ହୋଇଥିଲା । ରାଜା ମଧ୍ୟ ଏହି ବିଷୟରେ ସରକାରଙ୍କୁ ଏହି ଜାଗିର ଦେବାର କାରଣ ଜଣାଇଥିଲେ ।

## ବିଭିନ୍ନ ଅଞ୍ଚଳରେ ଅଭିଯାନ

କାପ୍ତନ ନୁଜେର ଓ ଲେଫ୍‌ଟେନାଣ୍ଟ ରବିନସନଙ୍କ ମାନ୍ଦ୍ରାଜ ସୈନ୍ୟଦଳ ବହୁ ସ୍ଥାନରେ ବିଦ୍ରୋହୀମାନଙ୍କୁ ପରାସ୍ତ କରିଥିଲେ ।

ବର୍ତ୍ତମାନ ସରକାରଙ୍କ ଦମନ ବ୍ୟବସ୍ଥା ଟିକିଏ କଠୋର ଆକାର ଧାରଣ କଲା । ଗାଁ ଗଣ୍ଡା ପୋଡ଼ି ଧ୍ୱଂସ କରିବାରେ ସୈନ୍ୟମାନେ ପଛେଇଲେ ନାହିଁ । ଯାହାକୁ ପାଇଲେ ତାକୁ ଗୁଳିକରି ମାରିଲେ । ଗାଁ ଗଣ୍ଡାରେ ରାସ୍ତା ଘାଟରେ ଯାହାକୁ ବିଦ୍ରୋହୀ ବୋଲି ସନ୍ଦେହ କଲେ ତାକୁ ମାରିଲେ । କେତେକ ସ୍ଥାନରେ ରାସ୍ତାକଡ଼ ଗଛ ଉପରେ ଶବକୁ ଟାଙ୍ଗିଦେଇ ମଧ୍ୟ ଆସିଥିଲେ ।

ଏ ଭିତରେ କଟକର ସେନାଧ୍ୟକ୍ଷ ମେଜର ବେଟ୍‌ସଙ୍କ ମୃତ୍ୟୁ ହୋଇଯିବାରୁ ସରକାରୀ ଦଳରେ ଟିକିଏ ଅଦଳ ବଦଳ ହେଲା ।

ଓଭେଟ୍‌ସଙ୍କ ସ୍ଥାନରେ ମେଜର ହ୍ୱଇଣ୍ଡହାମ୍ ନିଯୁକ୍ତ ହେଲେ ଏବଂ ହ୍ୱଇଣ୍ଡହାମ୍‌ଙ୍କ ସ୍ଥାନରେ ନଂ ୪୦ ମାନ୍ଦ୍ରାଜୀ ସୈନ୍ୟ ଦଳର ଅଧ୍ୟକ୍ଷ ମେଜର ଟାଇଲର ନିଯୁକ୍ତ ହେଲେ ।

ସମ୍ବଲପୁର, ଘୁମୁସର, ବୌଦ୍ଧ ଓ ଅନ୍ୟାନ୍ୟ ନିକଟସ୍ଥ ଗଡ଼ଜାତମାନଙ୍କରୁ ପାଇକ ସଂଗ୍ରହ କରି ସମ୍ବଲପୁରଠାରେ ଏକତ୍ର କରାଗଲା । ସେମାନଙ୍କୁ ସରକାରୀ ଖଜଣାଖାନା ଜଗିବା, ସାଧାରଣ ପୋଲିସ କାମ କରିବା, ରାସ୍ତା ଜଗିବା ପ୍ରଭୃତି କାମରେ ଲଗେଇ ଦିଆଗଲା । ଯେଉଁ ସୈନିକମାନେ ଏହି ସବୁ କାମରେ ଲାଗିଯାଇଥିବା ହେତୁ ଯୁଦ୍ଧପାଇଁ ବାହାରିପାରୁ ନ ଥିଲେ ସେମାନେ ଏବେ ପାଇକମାନେ ଆସିଯିବା ପରେ ଅଭିଯାନ କାର୍ଯ୍ୟ ନିମନ୍ତେ ମୁକ୍ତ ହେଲେ ।

ଡ଼ାଏର୍ ସାହେବ ଦଳେ ପାଇକ ସୈନ୍ୟଙ୍କୁ ଧରି ବିଦ୍ରୋହୀମାନଙ୍କ ଜାଗା ଭିତରେ ପଶିବାକୁ ଆରମ୍ଭ କଲେ । ସେ କେତେକ ଗାଁ ପୋଡ଼ି ଧ୍ୱଂସ କରି ଦେଇ କେତେକ ବିଦ୍ରୋହୀଙ୍କୁ ଧରିଲେ ।

ଦେଓଗାଁ ନିକଟରେ ନଦୀ ରାସ୍ତାଟିକୁ ବିଦ୍ରୋହୀମାନେ ଦଖଲ କରିଯାଇଥିଲେ । ଡାକ ଓ ଲୋକ ଯିବା ଆସିବା ଏ ବାଟରେ ପ୍ରାୟ ବନ୍ଦ ହୋଇ ଯାଇଥିଲା । ଦଳେ ସୈନ୍ୟ ଦେଓଗାଁ ଆକ୍ରମଣ କରି ବିଦ୍ରୋହୀମାନଙ୍କ ଠାରୁ ରାସ୍ତାଟିକୁ ନିରାପଦ କରି ଦେଲେ ।

ରାମଗଡ଼ ବାଟାଲିଅନ୍‌ର ଜମାଦାର ହରନାଥ ସିଂ ଏହି ବିଦ୍ରୋହ ଦମନରେ ଅଦ୍ଭୁତ ଉତ୍ସାହ ଦେଖାଇଥିଲେ । ଦେଶୀ ପାଇକ ଓ ସୈନିକଙ୍କୁ ପୁରାପୁରି କାମରେ ଲଗେଇ ନିଜେ ଖୁବ୍ ଉତ୍ସାହରେ କାମ କରିଥିଲେ । ସରକାର ସେଥିରେ ସନ୍ତୁଷ୍ଟ ହୋଇ ତାଙ୍କୁ ପୁରସ୍କାର ମଧ୍ୟ ଦେଇଥିଲେ ।

ଫେବୃଆରୀ (୧୮୫୮) ମାସ ଶେଷ ଅଡ଼କୁ ସମ୍ବଲପୁରର ଅବସ୍ଥା ଟିକିଏ ଶାନ୍ତ ପଡ଼ିଥିବାର ଅନୁମାନ ହୁଏ। ସରକାରୀ ସୈନ୍ୟମାନେ ବିଭିନ୍ନ ସ୍ଥାନରେ ବିଦ୍ରୋହୀମାନଙ୍କୁ ଆକ୍ରମଣ କରି କବଜ କରିଥିବା ଖବର ସରକାରୀ ହାକିମମାନଙ୍କ ପାଖରେ ପହଞ୍ଚୁଥିଲା। ଓଡ଼ିଶା କମିଶନର ମିଃ କକ୍‌ବର୍ଣ୍ଣ ନିଜେ ସମ୍ବଲପୁରରେ ରହି ସବୁ ପ୍ରକାର ବ୍ୟବସ୍ଥା କରୁଥିଲେ। ଗଡ଼ଜାତ ଅଞ୍ଚଳରୁ ପାଇକ ସଂଗ୍ରହ କରିବା, ରାଜାମାନଙ୍କୁ ତାକିଦ କରିବା, ଉପର ହାକିମମାନଙ୍କ ସହିତ ଯଥାସମୟରେ ପତ୍ରବିନିମୟ କରିବା ଇତ୍ୟାଦି ବିଷୟରେ କମିଶନର ବଡ଼ ତତ୍ପର ଥିବାରୁ ବିଦ୍ରୋହ ଦମନ କାର୍ଯ୍ୟ ଶୃଙ୍ଖଳିତ ଭାବରେ ଚାଲିଲା।

ବିଦ୍ରୋହର ମୁଖିଆମାନଙ୍କ ଭିତରୁ ଅନେକ ୧୮୫୮ ଫେବୃଆରୀ ଶେଷ ସୁଦ୍ଧା ସମ୍ବଲପୁର ଜିଲ୍ଲା ଓ ନିକଟ ଗଡ଼ଜାତ ଅଞ୍ଚଳରେ ନିଜର ସଂଗଠନକୁ ଦୃଢ଼ କରିବାରେ ଲାଗିଲେ।

---

## ଅଷ୍ଟମ ଅଧ୍ୟାୟ

### କମିଶନର-କକ୍‌ବର୍ଣ୍ଣଙ୍କ ରାଜ୍ୟରକ୍ଷା ବ୍ୟବସ୍ଥା ଓ ସିପାହୀଙ୍କ ସ୍ୱାସ୍ଥ୍ୟ

କମିଶନର କକବର୍ଣ୍ଣ ସାହେବ ସମ୍ବଲପୁରରେ ରହି ବିଦ୍ରୋହ ଦମନର ଯେଉଁ ବ୍ୟବସ୍ଥା ଅବଲମ୍ବନ କରିଥିଲେ, ସେଥିରେ ତାଙ୍କର କର୍ମକୁଶଳତାର ପରିଚୟ ମିଳେ। ରାୟପୁର, କଟକ ଓ ବ୍ରହ୍ମପୁର ଆଡ଼ୁ ଯେଉଁ ସୈନ୍ୟ ସମ୍ବଲପୁରକୁ ଆସୁଥିଲେ,

ସେମାନେ ବଣ ଜଙ୍ଗଲ ବାଟରେ ସହଜରେ ଆସିପାରୁ ନ ଥିଲେ; ଏପରି କୋଡ଼ିଏ ଦିନ ଲେଖାଏଁ ବାଟରେ ରହିବାକୁ ପଡ଼ୁଥିଲା । ବାଟରେ ଶହ ଶହ ଲୋକ ରହିବା ନିମନ୍ତେ ଚଟିଘର ଯଥେଷ୍ଟ ନ ଥିବାରୁ ସୈନିକମାନେ ଖୋଲା ଜାଗାରେ ଆଶ୍ରୟ ନେଉଥିଲେ । ଏହାଦ୍ୱାରା ବହୁ ଲୋକ ବେମାର ପଡ଼ିଯାଉଥିଲେ । ଏତଦ୍ଭିନ୍ନ ବଣ ଜଙ୍ଗଲ ପାହାଡ଼ ଜାଗା; ସେଥିରେ ପୁଣି ଖୋଲା ଜାଗାରେ ଶୋଇବାକୁ ହେଉଥିବାରୁ ସୈନିକମାନଙ୍କର ସ୍ୱାସ୍ଥ୍ୟ ଏକାବେଳକେ ନଷ୍ଟ ହୋଇ ଯାଉଥିଲା । ଚିକିତ୍ସାର ବ୍ୟବସ୍ଥା ମଧ୍ୟ ସନ୍ତୋଷଜନକ ନ ଥିଲା କହିଲେ ଚଳେ । ବଟୁଆଧାରୀ କବିରାଜମାନଙ୍କ ସାହାଯ୍ୟ ସେତେବେଳେ ବେଶୀ ଦରକାର ପଡ଼ୁଥିଲା । କାରଣ ଡାକ୍ତରୀ ବିଦ୍ୟାର ପ୍ରସାର ଓଡ଼ିଶାରେ ଆଦୌ ନ ଥିଲା କହିଲେ ଚଳେ । କଲିକତାରେ କମ୍ପାଉଣ୍ଡରୀ ପଢି ଡାକ୍ତରୀ ଉପାଧି ପାଇ କେତେକ ଲୋକ ସରକାରଙ୍କ ଅଧୀନରେ କାମ କରୁଥିଲେ । ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ସରକାରୀ ସୈନ୍ୟ ବିଭାଗରେ ଚିକିତ୍ସକ ରୂପେ ନିଯୁକ୍ତ କରାଯାଇଥିଲା । ଅବଶ୍ୟ କେତେଜଣ ଗୋରା ଡାକ୍ତର ଥିଲେ; କିନ୍ତୁ ସେମାନଙ୍କ ସଂଖ୍ୟା ଖୁବ୍ କମ୍ ଥିଲା । ଗୋରା ହାକିମମାନେ କଳା ଡାକ୍ତରମାନଙ୍କଠାରୁ ଔଷଧ ଖାଇବାକୁ ସେତେ ପସନ୍ଦ କରୁ ନ ଥିଲେ । କିନ୍ତୁ କଳା ଡାକ୍ତର ଯୋଦ୍ଧାଙ୍କ ବିଶେଷ ଉପକାରରେ ଆସୁଥିଲେ । ବାଟରେ ଡାକ୍ତରଙ୍କୁ ବେମାର ହେଲେ ଆଉ ଅନ୍ୟ କିଛି ଆଶା ନ ଥିଲା ।

## ରାସ୍ତା ସଫା ବ୍ୟବସ୍ଥା

ଏହିସବୁ ଅବସ୍ଥା ଦୂର କରିବା ପାଇଁ କମିଶନର ସାହେବ ସୈନ୍ୟ ଗମନାଗମନର ଯେମିତି ଅସୁବିଧା ନ ହୁଏ, ତାର

ବ୍ୟବସ୍ଥା କରିଥିଲେ । ଯେଉଁ ଯେଉଁ ଗଡ଼ଜାତ ଭିତରେ ପଶି ସୈନ୍ୟବାହିନୀ ଯାଉଥିଲେ, ସେହିସବୁ ଗଡ଼ଜାତର ରାଜାମାନଙ୍କ ଉପରେ ପରୁଆନା ଜାରି ହେଲା ଯେ ସେମାନେ ସୈନ୍ୟ ଯାଇ ପାରିଲା ଭଳି ରାସ୍ତାକୁ ଚଉଡ଼ା କରି, ଗଛପତ୍ର ହାଣି, ସଫା କରି ରଖିବେ, ୫ କି ୬ ମାଇଲ ଦୂରରେ ଚଟିଘର ତିଆରି କରିବେ; ଏଥିରେ ଯେପରି ଶହ ଶହ ସୈନିକ ରହି ପାରିବେ, ସେଥିପ୍ରତି ଦୃଷ୍ଟି ଦେବେ । ପାଟଣା, ବୌଦ, ସୋନପୁର, ବାମଣ୍ଡା, ରେଢ଼ାଖୋଲ ପ୍ରଭୃତି ରାଜାମାନେ ଏଥିପ୍ରତି ବିଶେଷ ଧ୍ୟାନ ଦେଉଥିଲେ । ୧୮୫୮ ସାଲର ପ୍ରଥମ ପାଦରେ ସବୁଆଡ଼ର ବାଟ ପରିଷ୍କାର ହୋଇଯାଇଥିଲା । ବିଶେଷତଃ ଘୁମୁସରର ସିବନ୍ଦୀମାନେ ଏ ଦିଗରେ ବହୁତ ସାହାଯ୍ୟ କରିଥିଲେ ।

---

## ଘୁମୁସର ସିବନ୍ଦୀ ଦଳ

ଘୁମୁସର ସିବନ୍ଦୀ ଦଳ ବଣ ଜଙ୍ଗଲର ଲୋକଙ୍କୁ ନେଇ ଗଠିତ ହୋଇଥିବାରୁ ଗଡ଼ଜାତ କି ସମ୍ବଲପୁରରେ ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଉ ନ ଥିଲା । ସେମାନେ ମଧ୍ୟ ପାହାଡ଼, ଜଙ୍ଗଲ ଭିତରେ ସ୍ୱଚ୍ଛନ୍ଦରେ ବୁଲି ଲଢ଼େଇ କରି ପାରୁଥିଲେ । ଗୋରା ଓ ଅନ୍ୟ ପ୍ରଦେଶର ସିପାହୀମାନଙ୍କ ତୁଳନାରେ ଏମାନଙ୍କର ଦରମା ମଧ୍ୟ ଖୁବ୍ କମ ଥିଲା ।

ଘୁମୁସର ସିବନ୍ଦୀ ଦଳରେ ପ୍ରଥମେ ୫୮୧ ( ପାଞ୍ଚ ଶହ ଏକାଅଶୀ ଜଣ ) ସିବନ୍ଦୀ ଥିଲେ ।

ସୁବାଦାର—ଜଣ ୩୦ ଦରମା ମାସକୁ ଟ ୩୦୲
ଜମାଦାର—ଜଣ ୧୫ ... ଟ ୧୫୲
ହାବିଲଦାର—୫୦ ... ଟ ୧୦୲
ନାୟକ—ଜଣ ୪୦ ... ଟ ୮୲
ବ୍ୟୁଗଲ୍‌ବାଲା(ତୁରୀବାଲା)ଜଣେ ଟ ୬୲
ପାଇକ—ଜଣ୪୪୦ ... ଟ ୫୳

ଓଡ଼ିଶା ପାଇକ କମ୍ପାନୀର ସୈନିକମାନଙ୍କର ଦରମା ମଧ୍ୟ ଏହି ହାରରେ ଦିଆଯାଉଥିବାର ଜଣାଯାଏ ।

ଘୁମୁସରର ସରକାରୀ ତହସିଲଦାର ଦୀନବନ୍ଧୁ ମହାନ୍ତି (ପଟ୍ଟନାୟକ) ଏହି ସିବନ୍ଦୀମାନଙ୍କ ତଦାରଖ ଓ ସେବାରେ ନିଯୁକ୍ତ ହୋଇଥିଲେ । ଘୁମୁସର-ବୌଦ୍ଧ ସୀମା ପାରହେବା ପର୍ଯ୍ୟନ୍ତ ଦୀନବନ୍ଧୁ ମହାନ୍ତି ସିବନ୍ଦୀମାନଙ୍କୁ ଉତ୍ତମରୂପେ ତଦାରଖ କରୁଥିଲେ । ଏହି ତହସିଲଦାର ଘୁମୁସରରେ ଶାନ୍ତିଶୃଙ୍ଖଳା ରକ୍ଷା କରିଥିବାରୁ ଓ ସିପାହୀ ବିଦ୍ରୋହ ଦମନରେ ବେଶି ସାହାଯ୍ୟ କରିଥିବାରୁ ସରକାର ତାଙ୍କୁ 'ଡେପୁଟି କଲେକ୍ଟର' କରି ଦେଇଥିଲେ ଏବଂ ଖଣ୍ଡିଏ ଗାଁ ନିଷ୍କର ଜାଗିର ସ୍ୱରୂପ ଦେଇଥିଲେ ।

ଘୁମୁସର ସିବନ୍ଦୀ ଦଳ, ଗଡ଼ଜାତ ରାଜାମାନଙ୍କ ପାଇକ ଦଳ, ଓଡ଼ିଶା ପାଇକ କମ୍ପାନୀ, ରାମଗଡ଼ ବାଟାଲିଅନର ଦଳ, ମାନ୍ଦ୍ରାଜ ଦେଶୀ ପଦାତିକ ଦଳ, ନାଗପୁର ଘୋଡ଼ାସବାର ଦଳ— ଏମାନେ ସମ୍ବଲପୁରରେ ଜୁଟି ହୋଇ ବିଦ୍ରୋହୀଙ୍କ ଦମନରେ ଲାଗିଗଲେ ।

## ବିଭିନ୍ନ ସ୍ଥାନରେ ସାମରିକ ଘାଟୀ

ଜୁଲାଇ ବିଭିନ୍ନ ସ୍ଥାନରେ କମିଶନର ସାହେବ ସୈନ୍ୟ ଦଳକୁ ରଖାଇଲେ । ଉପଦ୍ରୁତ ଅଞ୍ଚଳର ଛଅଟା ଜାଗାରେ ପ୍ରଧାନ ଘାଟୀ ବସିଗଲା । ଏହା ଛଡ଼ା ଆଉ ୧୧ଟି ସ୍ଥାନରେ ୧୧ଟି ଫାଣ୍ଡି ସ୍ଥାପିତ ହେଲା । ପ୍ରତ୍ୟେକ ଫାଣ୍ଡିରେ ରାମଗଡ଼ ବାଟାଲିଅନର ୨୫ ଜଣ ବଛା ବଛା ସିପାହୀ ରହିଲେ । ରାୟପୁର-ସମ୍ବଲପୁର, ନାଗପୁର-ସମ୍ବଲପୁର, କଲିକତା-ସମ୍ବଲପୁର, କଟକ-ସମ୍ବଲପୁର—ଏହି ଚାରି ପ୍ରଧାନ ରାସ୍ତା ଯେପରି ବିଦ୍ରୋହୀମାନଙ୍କ ଉପଦ୍ରବରୁ ମୁକ୍ତ ରହେ, ସେ ଦିଗରେ ମଧ୍ୟ କମିଶନର ବ୍ୟବସ୍ଥା କରିଥିଲେ ।

ମେଜର ଇଣ୍ଡହାମ୍ ମୃତ ମେଜର ବେଟ୍ସଙ୍କ ସ୍ଥାନ ପୂରଣ କରିବା ପରେ ପରେ ବିଦ୍ରୋହୀମାନଙ୍କର ପ୍ରଧାନ ଘାଟୀଗୁଡ଼ିକ ଉପରେ ସେ ଆକ୍ରମଣ କରିଥିଲେ ଏବଂ ରାସ୍ତାଗୁଡ଼ିକୁ ଖୋଲି ରଖିବା ପାଇଁ ସୈନ୍ୟ ମୁତୟନ କରିଥିଲେ ।

## ବିଦ୍ରୋହୀ ଜମିଦାରଙ୍କ ଜମିଦାରୀ ବାଜ୍ୟାପ୍ତ

କକ୍‌ବର୍ଣ୍ଣ ସାହେବ ମାର୍ଚ୍ଚ ମାସ ବେଳକୁ ସମ୍ବଲପୁର ଅବସ୍ଥାକୁ ପ୍ରାୟ ନିଜ ଆୟତ୍ତକୁ ନେଇ ଆସିଥିଲେ । ଯେଉଁ ଜମିଦାରମାନେ ସୁରେନ୍ଦ୍ରଙ୍କୁ ସାହାଯ୍ୟ କରୁଥିଲେ, ସେମାନଙ୍କ ଜମିଦାରୀ ବାଜ୍ୟାପ୍ତ କରି ଖାସ କରିଦେବା ଆଦେଶ ଘୋଷଣା କଲେ । ଏଥିରେ ଜମିଦାର ଓ ଗୌନ୍ତିଆମାନଙ୍କ ଭିତରେ ଗୁଞ୍ଜନ ଖେଳିଗଲା । ଗଡ଼ଜାତର ରାଜାମାନେ ମଧ୍ୟ ଭବିଷ୍ୟତରେ ପ୍ରମାଦ ଥିବାର ଆଶଙ୍କା କଲେ ।

ଏହିସବୁ ଜମିଦାରୀ ଓ ଗୌନ୍ତିଆଇ ଉପରେ ସରକାରଙ୍କର କୋପଦୃଷ୍ଟି ପଡ଼ିଲା । ଭେଡ଼େନ୍, ଲକ୍ଷ୍ମଣପୁର, ଘେସ, ଖରସ'ଲ, କୋଡ଼ବଗା, ଖିଣ୍ଡା, କୋଲାବିରା, ଲୋଇସିଙ୍ଗା ପ୍ରଭୃତି ଜମିଦାରୀ ବାଜ୍ୟାପ୍ତି ହୋଇଥିବାର ଘୋଷଣା ହେଲା ।

## କର୍ଣ୍ଣେଲ ଫଷ୍ଟର୍‌ଙ୍କ କାର୍ଯ୍ୟଭାର ଗ୍ରହଣ

ଏହାପରେ ସମ୍ବଲପୁରର ଅବସ୍ଥା ଉପରକୁ ଟିକିଏ ଥଣ୍ଡା ପଡିଲା ପରି ଦେଖାଗଲା । ସରକାରୀ ପରିଚାଳନାରେ ମଧ୍ୟ ଟିକିଏ ପରିବର୍ତ୍ତନ ଆସିଲା । ମେଜର ବେଟ୍ସଙ୍କ ମୃତ୍ୟୁ ପରେ ମେଜର ଇଲଣ୍ଡହାମ୍ ଅସ୍ଥାୟୀ ଭାବରେ ଜିଲ୍ଲାର ପ୍ରଧାନ ସେନାଧ୍ୟକ୍ଷ ହୋଇଥିଲେ । କର୍ଣ୍ଣେଲ ଫଷ୍ଟର ସ୍ଥାୟୀଭାବରେ ଜିଲ୍ଲା ସେନାଧ୍ୟକ୍ଷ ନିଯୁକ୍ତ ହେଲେ । ତାଙ୍କୁ ଅଧିକ କ୍ଷମତା ଦିଆଗଲା । ଜିଲ୍ଲାର ସାଧାରଣ ଶାସନଭାର ମଧ୍ୟ ତାଙ୍କ ହାତରେ ରହିଲା । ଫଷ୍ଟର ମାର୍ଚ୍ଚ ମାସ ୨୯ ତାରିଖରେ ସମ୍ବଲପୁରରେ କାର୍ଯ୍ୟଭାର ଗ୍ରହଣ କରିବାକୁ ପହଞ୍ଚିଲେ । ସେ ଆସିଯିବା ପରେ କମିଶନର ସାହେବ ଟିକିଏ ନିଶ୍ଚିନ୍ତ ହେଲେ ଏବଂ ସମ୍ବଲପୁରରେ ତାଙ୍କର ଆଉ ଦରକାର ନ ଥିବା ଅନୁଭବ କରି କଟକକୁ ଫେରିଗଲେ । ଫଷ୍ଟର କମିଶନର-କ୍ଷମତା ପାଇଲେ ।

## କର୍ଣ୍ଣେଲ ଫଷ୍ଟରଙ୍କ ତତ୍ପରତା

ଫଷ୍ଟର ଓଡ଼ିଶା ବାହାରେ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକରି ବିଶେଷ ଦକ୍ଷତା ଅର୍ଜ୍ଜନ କରିଥିଲେ । ପୁଣି ଏ ଦେଶର ଲୋକଙ୍କର ମତିଗତି ଭଲ ଭାବରେ ବୁଝି ନେଇଥିଲେ । କ'ଣ କଲେ ଲୋକେ ସରକାରଙ୍କୁ ମାନିବେ, ସେକଥା ତାଙ୍କୁ ଭଲ ଜଣା ଥିଲା ।

## ଦରବାର

ସମ୍ବଲପୁର ଅଞ୍ଚଳର ଆଖପାଖରେ ଥିବା ଗଡ଼ଜାତ ରାଜାମାନେ ଏହି ବିଦ୍ରୋହରେ, ସପକ୍ଷରେ ହେଉ ବା ବିପକ୍ଷରେ ହେଉ, ବିଶେଷ ଭାବରେ ସମ୍ପୃକ୍ତ ଥିବାରୁ ସେମାନଙ୍କୁ ନିଜ ଆୟତ୍ତରେ ଆଣିବା ପାଇଁ ସେ ପ୍ରଥମେ ଉଦ୍ୟମ କଲେ । ସେ ସମ୍ବଲପୁରରେ ଦରବାର କରିବାରୁ ସେଥିରେ ରାଜାମାନେ ଯୋଗ ଦେଇ ସରକାରଙ୍କ ପ୍ରତି ଅନୁରକ୍ତି ଜ୍ଞାପନ କଲେ । ଯେଉଁମାନେ ଆସିପାରିଲେ ନାହିଁ, ସେମାନଙ୍କୁ ତାଗିଦ କରି ଦିଆଗଲା । ଏହି ଦରବାର ପରେ ରାଜାମାନେ ସରକାରଙ୍କୁ ବିଦ୍ରୋହ ଦମନରେ ବିଶେଷ ଭାବରେ ସାହାଯ୍ୟ କରିବେ ବୋଲି ଅନୁମାନ କରାଗଲା । କେତେକ ରାଜା ନିଜର ପାଇକଦଳ ମଧ୍ୟ ସମ୍ବଲପୁର କମିଶନରଙ୍କ ଅଧୀନରେ କାର୍ଯ୍ୟ କରିବା ପାଇଁ ପଠାଇଲେ । ଗଡ଼ଜାତ ରାଜାମାନଙ୍କ ଆନୁଗତ୍ୟର ପୁଣି ଅଧିକା କିଛି ନୂତନ ନମୁନା ମିଳିଲା ।

## ଉଜଲ ସାଏ ଧରା ହେଲେ

ସୁରେନ୍ଦ୍ରଙ୍କ ଭାଇ ଉଜଲ ସାଏ ପାଟଣା ଜମିଦାରୀ ଭିତରେ ରହି ବିଦ୍ରୋହୀଦଳ ସଂଗଠନ କରୁଥିଲେ । ପାଟଣା ରାଜା ଲୁଅଡ଼େ ତାଙ୍କୁ ସାହାଯ୍ୟ କରୁଥିଲେ । କମିଶନର କର୍ଣ୍ଣେଲ ଫଷ୍ଟର ଉଜଲ ସାଏଙ୍କୁ ଆଶ୍ରା ଓ ସାହାଯ୍ୟ ଦେଉଥିବା ଅଭିଯୋଗରେ ପାଟଣା ରାଜାଙ୍କୁ ଶହେ ଟଙ୍କା ଜୋରିମାନା ଧାର୍ଯ୍ୟ କଲେ । ପାଟଣାରାଜା ଭୟରେ ଉଜଲ ସାଏଙ୍କୁ ଧରିଆଣି କମିଶନରଙ୍କ ହାତରେ ସମର୍ପଣ କରିଦେଲେ ।

ପାଟଣାରାଜାଙ୍କ ଏହି ରାଜଭକ୍ତି ହାକିମଙ୍କ ମନରେ ବହୁତ ଆନନ୍ଦ ଜାତ କରିଥିଲା । ପୂର୍ବେ ଧାର୍ଯ୍ୟ କରିଥିବା ଜରିମାନା ମାଫ କରିଦେବାକୁ କମିଶନର ଫଷ୍ଟର ସରକାରଙ୍କଠାରୁ ଲେଖିଲେ । ଲାଟସାହେବ ଖୁସି ହୋଇ ଜରିମାନା ମାଫ କରିଦେଲେ ଏବଂ ରାଜାଙ୍କ ପ୍ରତି ସରକାରଙ୍କର ସୌହାର୍ଦ୍ଦ୍ୟ ଓ କୃତଜ୍ଞତା ଜଣାଇଲେ ।

ପାଟଣା, କେଉଁଝର, ବେଢ଼ାଖୋଲ, ସୋନପୁରଙ୍କ ଆନୁଗତ୍ୟ ଆଚରଣ ଦେଖି ଅନ୍ୟ ରାଜାମାନେ ଡରିଗଲେ । ପୂର୍ବରୁ ଅନୁଗୁଳ ରାଜା ତ ରାଜ୍ୟ ହରେଇଥିଲେ, ବାମଣ୍ଡା ତ ସାବଧାନ ପାଇଥିଲେ, ପାଟଣାରାଜାଙ୍କ ଉପରେ ଜରିମାନାଧାର୍ଯ୍ୟ ଗଡ଼ଜାତ ରାଜାମାନଙ୍କୁ ବିଚଳିତ କରିଦେଲା ।

## ବିଦ୍ରୋହୀଙ୍କ ଲୁଟପାଟ

ଉପରକୁ ବିଦ୍ରୋହବହ୍ନି ଶାନ୍ତ ପଡିଥିଲା ପରି ଜଣାଯାଉଥିଲେ ମଧ୍ୟ ତାହା ଏକାବେଳକେ ନିର୍ବାପିତ ହୋଇ ନ ଥିଲା । ସୁରେନ୍ଦ୍ର ଓ ତାଙ୍କ ସାନ ଭାଇ ଉଦନ୍ତଙ୍କୁ ଧରିବା ସହଜ ହୋଇ ନ ଥିଲା । ଜିଲ୍ଲାର ବିଭିନ୍ନ ସ୍ଥାନରେ ସୁରେନ୍ଦ୍ରଙ୍କ ଦଳକୁ ଲୋକେ ଲୁଟପାଟ ଆରମ୍ଭ କରି ଗାଁଗଣ୍ଡା ପୋଡ଼ି ଦେଉଥିଲେ ।

## ସରକାରୀ ସୈନ୍ୟ ଭିତରେ ବିଦ୍ରୋହ ?

କର୍ଣ୍ଣେଲ ଫଷ୍ଟର କାର୍ଯ୍ୟଭାର ଗ୍ରହଣ କରିବା ପରେ ଦରକାର ଭଳି ଯେଉଁ ସବୁ କାର୍ଯ୍ୟାନୁଷ୍ଠାନ କଲେ ତାର ଫଳ ସ୍ୱରୂପ ବିଦ୍ରୋହ ଦମନର ବିଶିଷ୍ଟ ଭାଗ ସମ୍ପାଦିତ ହୋଇ ସାରିଲାଣି ବୋଲି ସେ ଭାବିଲେ । ଏହି ହେତୁ ସମ୍ବଲପୁରରେ ଯେତେ ସଂଖ୍ୟାରେ

ସିପାହୀ ଥିଲେ, ସେତେ ଅଧିକ ବାହିନୀ ଦରକାର ନାହିଁ ବୋଲି ମତ ବ୍ୟକ୍ତ କଲେ । ସେ ଆସିଲାବେଳେ ଶେଖାବତ ବାଟାଲିଅନକୁ ସାଙ୍ଗରେ ଆଣିଥିଲେ । ରାମଗଡ଼ ବାଟାଲିଅନ ଦଳ ଆଗରୁ ସମ୍ବଲପୁରରେ ଥିଲେ । ଘୁମୁସର ସିବନ୍ଦୀ ଦଳ ମଧ୍ୟ ଭଲ କାମ କରୁଥିଲେ । ଗଡ଼ଜାତ ରାଜାମାନେ ମଧ୍ୟ ନିଜର ପାଇକଦଳ ପଠାଇଥିଲେ । ଶେଖାବତ ଦଳ, ରାମଗଡ଼ ଦଳ, ସିବନ୍ଦୀଦଳ ଓ ଗଡ଼ଜାତ ପାଇକଦଳ ଛଡ଼ା ଅନ୍ୟ ସମସ୍ତଙ୍କୁ ସମ୍ବଲପୁରରୁ ପଠାଇ ଦେବାପାଇଁ ସେ ବ୍ୟବସ୍ଥା କଲେ । ଓଡ଼ିଶା ପାଇକ କମ୍ପାନୀ, ମାନ୍ଦ୍ରାଜ ପଦାତିକ ଦଳ ଓ ରାୟପୁର ଦଳ ଭିତରେ ଏଥିଯୋଗୁଁ ଅସନ୍ତୋଷ ଦେଖା ଦେଇଥିଲା । ଅବସ୍ଥା ଏପରି ହୋଇଥିଲା ଯେ ଟିକିଏ ଅସାବଧାନତା ଘଟିଥିଲେ ଯେ କୌଣସି ମୁହୂର୍ତ୍ତରେ ଏମାନେ ମଧ୍ୟ ବିଦ୍ରୋହ କରିଥାଆନ୍ତେ । ବିଶେଷତଃ ଯେଉଁମାନେ ବହୁତଦିନ ଧରି ବଣ ଜଙ୍ଗଲରେ ବୁଲି ହଇରାଣ ହୋଇଗଲେ, ସେମାନେ ଏଥିରେ ବିଶେଷ ଅସନ୍ତୁଷ୍ଟ ହେଲେ । କିନ୍ତୁ ପରେ ଏମାନଙ୍କ ସଂଖ୍ୟା ହଠାତ୍ ହ୍ରାସ ନ କରି କ୍ରମେ ହ୍ରାସ କରିବା ବ୍ୟବସ୍ଥା ଅବଲମ୍ବନ କରିବାରୁ ଏହି ଅସନ୍ତୋଷ ମନୋଭାବ ଦୂର ହୋଇଥିଲା ।

---

## ବିଦ୍ରୋହର ତୀବ୍ରତା ହ୍ରାସ
## ସୁରେନ୍ଦ୍ରଙ୍କୁ ହାତ କରିବା ଉପାୟ

ସୁରେନ୍ଦ୍ର ସାଏଙ୍କ ଦଳ ବିରୁଦ୍ଧରେ ସରକାରୀ ଅଭିଯାନର ତୀବ୍ରତା ବୃଦ୍ଧି ପାଇବାରୁ ସୁରେନ୍ଦ୍ର ସାଏଙ୍କୁ ସମ୍ବଲପୁର ଜିଲ୍ଲା ଓ ଗଡ଼ଜାତର ବଣଜଙ୍ଗଲ ଭିତରେ ବୁଲି ଆତ୍ମରକ୍ଷା କରିବାକୁ

ପଡ଼ୁଥିଲା । ୧୮୬୧ ବେଳକୁ ସୁରେନ୍ଦ୍ରଙ୍କର ଶକ୍ତି ବହୁ ପରିମାଣରେ କମିଯାଇଥିଲା । ତାଙ୍କର ବ୍ୟକ୍ତିଗତ ପ୍ରଭାବ ଯେ ବୃଦ୍ଧି ପାଉଥିଲା ଏଥିରେ ସନ୍ଦେହ ନାହିଁ । କିନ୍ତୁ ଗୋଟିଏ ବିଦ୍ରୋହକୁ ସଂଗଠିତ ଭାବରେ ଚଳାଇବା ପାଇଁ ଯେତିକି ଅର୍ଥଶକ୍ତି ପ୍ରୟୋଜନ ତାହା ତାଙ୍କ ପାଖରେ ଯଥେଷ୍ଟ ଭାବରେ ନ ଥିଲା । ଯେଉଁ ଗଡ଼ଜାତ ରାଜାମାନେ ତାଙ୍କୁ ସାହାଯ୍ୟ କରୁଥିଲେ ସେମାନେ ପୁଣି ସମୟ ସୁବିଧା ଦେଖି ସରକାରଙ୍କ ପକ୍ଷକୁ ପ୍ରକାଶ୍ୟ ଭାବରେ ଆସିଗଲେ । ଯେଉଁ ଗୌନ୍ତିଆମାନେ ତାଙ୍କ ପକ୍ଷରେ ଥିଲେ ସେମାନଙ୍କର ସମ୍ପତ୍ତିବାଡ଼ି ସରକାର ବାଜ୍ୟାପ୍ତ କରି ନେବାରୁ ସେମାନଙ୍କର ମନର ଦମ୍ଭ ମଧ୍ୟ କେତେକାଂଶରେ କମିଗଲା । ଏହି କାରଣରୁ ସୁରେନ୍ଦ୍ରଙ୍କର ଲୋକଶକ୍ତି ମଧ୍ୟ କମିଯିବା ଦେଖାଗଲା । ଯେଉଁମାନେ ତା ସଙ୍ଗରେ ରହିଲେ ସେମାନଙ୍କୁ ପୋଷିବା ସୁରେନ୍ଦ୍ରଙ୍କ ପକ୍ଷରେ ଗୋଟିଏ ପ୍ରଧାନ ସମସ୍ୟା ହେଲା ।

## ବିଦ୍ରୋହୀଙ୍କ ଦ୍ୱାରା ଲୁଟତରାଜ

ବିଦ୍ରୋହୀମାନେ ଅନ୍ୟ ଉପାୟ ନ ଦେଖି ଜିଲ୍ଲାର କେତେକ ସ୍ଥାନରେ ଗାଁଗଣ୍ଡା ପୋଡ଼ି ଲୁଟପାଟ କଲେ । ଯେଉଁ ଗୌନ୍ତିଆ ଓ ମୁଖିଆମାନେ ସରକାରଙ୍କୁ ସାହାଯ୍ୟ କରୁଥିଲେ ସେମାନଙ୍କର ସମ୍ପତ୍ତି ଲୁଟି କଲେ । କେତେକ ସ୍ଥାନରେ ସରକାର ପକ୍ଷର ଲୋକଙ୍କୁ ହତ୍ୟା ମଧ୍ୟ କଲେ । ଏହିସବୁ ଗାଁ ଗାଁ ଲୁଟତରାଜ ଓ ହତ୍ୟାକାଣ୍ଡ ଛଡ଼ା ବିଦ୍ରୋହୀମାନେ ୧୮୬୧ର ଶେଷଭାଗରେ ଆଉ ବେଶୀ କିଛି କରିପାରି ନାହାନ୍ତି । ସେ ସମୟକୁ ସମ୍ବଲପୁର ଜିଲ୍ଲା ପ୍ରାୟ ଶାନ୍ତ ପଡ଼ିଯାଇଥିଲା କହିଲେ ଚଳେ ।

## ସରକାରଙ୍କ କୌଶଳ ନୀତି

୧୮୬୧ରେ ମେଜର ଏଚ୍. ବି. ଇମ୍ପି ସମ୍ବଲପୁରରେ ଡେପୁଟି କମିଶନର ପଦରେ ନିଯୁକ୍ତ ହେଲେ । ତାଙ୍କୁ କଟକର କମିଶନରଙ୍କ ଅଧୀନରେ କାମ କରିବାକୁ ପଡ଼ୁଥିଲା । ଜିଲ୍ଲାର ଅବସ୍ଥା ଟିକିଏ ଶାନ୍ତ ପଡ଼ିବାରୁ ବିଦ୍ରୋହୀମାନଙ୍କ ବିରୁଦ୍ଧରେ ଯୁଦ୍ଧ ଅଭିଯାନ ଆଉ ଚଳାଇବା ବୁଦ୍ଧିମନ୍ତର କାର୍ଯ୍ୟ ହେବ ନାହିଁ ବୋଲି ସରକାରୀ ମହଲରେ ବିଚାର ହେଲା । ଯୁଦ୍ଧ ହେଲେ ସରକାରଙ୍କର ବହୁତ କ୍ଷତି ଓ ନଷ୍ଟ ହେବ, ପୁଣି ଏହାଦ୍ୱାରା ଲୋକଙ୍କ ଅନୁଗତ୍ୟ ସହଜରେ ପାଇବା ମଧ୍ୟ ସମ୍ଭବ ହେବ ନାହିଁ । ବୃଥା କ୍ଷୟରୁ ରକ୍ଷା ପାଇବା ପାଇଁ ସରକାର ବିଦ୍ରୋହୀମାନଙ୍କ ପ୍ରତି ଉଦାର ମନୋଭାବ ପୋଷଣ କରିବା ନୀତି ଅବଲମ୍ବନ କଲେ । ମେଜର ଇମ୍ପି ସମ୍ବଲପୁରର କର୍ତ୍ତୃତ୍ୱ ହାତକୁ ନେବା ପରେ ପରେ ବିଦ୍ରୋହୀମାନଙ୍କ ସହିତ ସଂଯୋଗ ସ୍ଥାପନ କରିବା ଉଦ୍ୟମ କଲେ ।

## କ୍ଷମା ଘୋଷଣା

ସରକାରୀ ମନୋଭାବ ଉଦାର ହେବାର ଦେଖାଯିବାରୁ ବିଦ୍ରୋହୀମାନଙ୍କ ଭିତରୁ କେତେ ଜଣ ବିଦ୍ରୋହ ପନ୍ଥାରୁ ଅଲଗା ହୋଇଯିବାକୁ ଇଚ୍ଛା ପ୍ରକାଶ କଲେ । ୧୮୬୧ର ଶେଷ ପାଦ ଆଡ଼କୁ ସରକାର ଘୋଷଣା କଲେ ଯେ ଯେଉଁମାନେ ସରକାରଙ୍କଠାରେ ବିନାସର୍ତ୍ତରେ ଆତ୍ମସମର୍ପଣ କରିବେ ସେମାନେ ଦଣ୍ଡରୁ ଅବ୍ୟାହତି ପାଇବେ ଏବଂ ଯେଉଁମାନଙ୍କର ସମ୍ପତ୍ତି ବାଜ୍ୟାପ୍ତ ହୋଇଛି ସେମାନଙ୍କୁ ସେମାନଙ୍କ ସମ୍ପତ୍ତି ଫେରାଇ ଦିଆଯିବାର ପ୍ରତିଶ୍ରୁତି ମଧ୍ୟ ଦିଆଗଲା । କେବଳ ସୁରେନ୍ଦ୍ର, ତାଙ୍କ ପୁଅ ମିତ୍ରଭାନୁ ଓ ତାଙ୍କ

ଭାଇ ଉଦ୍‌ଦନ୍ତ ଏହି ଘୋଷାଣାର ସୁବିଧା ଭୋଗ କରିପାରିବେ ନାହିଁ ବୋଲି ସ୍ପଷ୍ଟଭାବରେ ଜଣାଇ ଦିଆଗଲା ।

ସରକାରଙ୍କ ମିଳାମିଶା ନୀତିକୁ ବିଦ୍ରୋହୀମାନଙ୍କ ମଧ୍ୟରୁ ଘେସର ଜମିଦାର କୁଞ୍ଜର (କୁଞ୍ଜଲ)ସିଂହ ଓ ତାଙ୍କ ଭାଇ ହାତୀ ସିଂହ, ଲକ୍ଷ୍ମୀପୁରର ଜମିଦାର କମଳ ସିଂଦାଓ ଓ ତାଙ୍କ ଭାଇ ଖଗେଶ୍ୱର ସିଂଦାଓ ଗ୍ରହଣ କଲେ ନାହିଁ । ସେମାନଙ୍କଠାକୁ ମେଜର ଇମ୍ପି ଦୂତ ପଠାଇଥିଲେ । କିନ୍ତୁ ସେମାନେ ଉତ୍ତରରେ କହିଲେ ଯେ ସୁରେନ୍ଦ୍ରଙ୍କୁ ସମ୍ବଲପୁରର ରାଜା ବୋଲି ସ୍ୱୀକାର କଲେ କେବଳ ସେମାନେ ସରକାରଙ୍କ କଥା ଶୁଣିବେ । ଏମାନେ ସୁରେନ୍ଦ୍ରଙ୍କ ଅନ୍ତରଙ୍ଗ ସହକର୍ମୀ ଥିବାରୁ ସରକାର ସୁରେନ୍ଦ୍ରଙ୍କ ମନୋଭାବ ମଧ୍ୟ ଥିଏରୁ ସହଜରେ ବୁଝିପାରିଲେ ।

୧୮୬୧ ଶେଷ ବେଳକୁ ସମ୍ବଲପୁରରେ ଯେତେ ସରକାରୀ ସୈନ୍ୟ ଜଲ୍ଲତମାମ ବର୍ଷି ହୋଇ ଥିଲେ, ସେଥିରେ ଯୁଦ୍ଧ ଅଭିଯାନ ଯେ ସହଜରେ ଚଳିପାରନ୍ତା ଏଥିରେ ସନ୍ଦେହ ନାହିଁ । କିନ୍ତୁ କ୍ଷତି ମଧ୍ୟ କମ୍ ହୁଅନ୍ତା ନାହିଁ । ମେଜର ଇମ୍ପି ସରକାରଙ୍କଠାରେ ଏହି ଅବସ୍ଥାଟିକୁ ସ୍ପଷ୍ଟ ଭାବରେ ଉପସ୍ଥାପିତ କରିବାରୁ ସରକାର ତାଙ୍କୁ ଉଦାର-ନୀତି କାର୍ଯ୍ୟରେ ପରିଣତ କରିବାକୁ ଉତ୍ସାହ ଦେଲେ ।

୧୮୬୧ର ଶେଷ ଅଂଶକୁ ବିଦ୍ରୋହୀମାନଙ୍କ ଭିତରୁ କେତେ ଜଣ ମୁଖିଆ ଆତ୍ମସମର୍ପଣ କଲେ ।

ମେଜର ଇମ୍ପି ସୁରେନ୍ଦ୍ରଙ୍କ ଭାଇ ଓ ପୁଅଙ୍କୁ ଜଣାଇଲେ ଯେ ଯଦି ସେମାନେ ଆତ୍ମସମର୍ପଣ କରନ୍ତି ତାହାହେଲେ ସେମାନେ

ସରକାରୀ କ୍ଷମା ପାଇବେ ଏବଂ ସେମାନଙ୍କର ଭରଣ ପୋଷଣ ପାଇଁ ସରକାର ବ୍ୟବସ୍ଥା କରିବେ । ସରକାରଙ୍କଠାରୁ ଏହି ପ୍ରତିଶ୍ରୁତି ପାଇବାରୁ ଉଦ୍ଦନ୍ତ ସାଏ ଓ ଧ୍ରୁବ ସାଏ ( ସୁରେନ୍ଦ୍ରଙ୍କ ଭାଇମାନେ ) ୧୮୬୨ ଜାନୁଆରୀ ତା ୧୮ ରିଖ ଦିନ ଆତ୍ମସମର୍ପଣ କଲେ ।

ଏ ଦୁଇ ଭାଇଙ୍କ ଆତ୍ମସମର୍ପଣ ଯୋଗୁଁ ସରକାରୀ ମହଲରେ ସନ୍ତୋଷଭାବ ଦେଖାଗଲା । ବିଦ୍ରୋହୀମାନଙ୍କ ଆତ୍ମସମର୍ପଣ କାର୍ଯ୍ୟରେ ସ୍ୱୟଂ ଉଦ୍ଦନ୍ତଙ୍କୁ ମେଜର ଇମ୍ପି ନିଯୁକ୍ତ କଲେ । ଉଦ୍ଦନ୍ତଙ୍କୁ ସରକାରୀ ଦୂତ ରୂପେ ବିଦ୍ରୋହୀମାନଙ୍କଠାକୁ ପଠାଇଲେ ଏବଂ ସରକାରୀ କ୍ଷମାନୀତିକୁ ଗ୍ରହଣ କରିବା ଦ୍ୱାରା ସେମାନଙ୍କର ମଙ୍ଗଳ ହେବ ବୋଲି ବୁଝାଇବାକୁ ତାଙ୍କୁ କୁହାଗଲା ।

ସେତେବେଳକୁ ସମ୍ବଲପୁର ଜିଲ୍ଲାର ଦକ୍ଷିଣତୀରରେ ସୁରେନ୍ଦ୍ର ଥିଲେ ।

୧୮୬୨ ମସିହା ମଇ ମାସର ତା ୪ ରିଖରେ ସୁରେନ୍ଦ୍ର ଗୋଟିଏ ଚିଠି ମେଜର ଇମ୍ପିଙ୍କଠାକୁ ପଠାଇଲେ । ସେଥିରେ ସେ ନିଜର ଅବସ୍ଥା, ତାଙ୍କର ଦାବୀ ଓ ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରର ଅଭିଯୋଗ ବର୍ଣ୍ଣନା କରିଥିଲେ । ଡେପୁଟି କମିସନର ଇମ୍ପି ସାହେବ ତାର ଉତ୍ତରରେ ତାଙ୍କର ( ସୁରେନ୍ଦ୍ରଙ୍କର ) ଦାବୀର ଭବିଷ୍ୟତ କଥା ଉଲ୍ଲେଖ କରି ନିଜ ସ୍ୱାର୍ଥ ଦୃଷ୍ଟିରୁ ଆତ୍ମସମର୍ପଣ କରିବା ପାଇଁ ଅନୁରୋଧ କଲେ । ଜମାଦାର ରାଜକୁମାର ମିଶ୍ରଙ୍କ ଜରିଆରେ ଏହି ଉତ୍ତର ଗଲା । ଜମାଦାରଙ୍କୁ ଇମ୍ପି ସାହେବ ଯେଉଁ ଚିଠି ଦେଇଥିଲେ ତାହା ଏଠାରେ ଦିଆଗଲା ।

## ଡେପୁଟି କମିଶନରଙ୍କ ଜମାଦାରଙ୍କୁ ଚିଠି

"ଇତ୍ତଲସାର ରାଜକୁମାର ମିଶ୍ର ଜମାଦାର ପୁଲିସ ମୁତଲନେ ଲେଖନପୁର ବଲୀସିଂ ଅତଭାସନ୍ଦଃ—

ଅଗେ ଅବସି ତୁମ୍ଭର ମାଏ ଅବସି ବାବୁ ସୁରେନ୍ଦ୍ରଂ ସାଏବଂର ପହୁଞ୍ଚି ହାଲମାଲୁମ ହେଲା କୀ, ସୁରନ୍ଦଂର ସାହେବଙ୍କର ଉସଦା ଅଛି ମିଲୀବାର ମାଏକ ବସବବେଲୁଧିଂ ଦାହ ସଦାର ଏ ଅତେଡ଼ର ସେ ଅଡ଼ର କଥା ନାହାକ ଅପଣେ ଖିଅଲରେ ଅଣୁ ଅଛନ୍ତି କୀ ଯହଁରେ ତ ହକୁମଂନା ମସ୍ଯଂବର ହେଉଅଛି । ଅନଏବ ତୁମ୍ଭକୁ ଲେଖା ଯାଉଅଛି କୀ । ଫୌରନ ବେଲ ଦେଇ ତାଙ୍କୁ ସମଝ୍ୟଂ କର ମିଲଇ ଦୀଅ । ଅର ତାଙ୍କୁ ମଧ୍ୟ ଏହି କଥା ସମୁଝ୍ୟଂଇ ଦେବାର ଗୃହୀ ଭୀ । ସିବାଏ ହଜୁରଙ୍କ କହୀବାର ଅଉ କାହାର କଥା । ନ ଶୁଣିବେ । ସେ ଖିଅଲ କରବେ କ କଣ୍ଟୁସ ପ୍ରକାରେ ସେ ମନାସ୍ତ୍ର ହେଉକୀ ଯେ ବେଲ ହସୁରର ହୁକୁମ ତୁମ୍ଭଠାଂର କହିବ ଅଥବା ଇହି ଭେଯିବ ମାଏକ ଶୁଣିବାରେ ଅସୁଅଛି ଭୀ । ଭଗବାନ ନାଏକ ଗୌଟିଅ ଅପଣା ଖଉର-ଖାହିରୁ ଯ ଇଅଛି । ଯେବେ ଫିଲ ହକୀଗତ ସେ ତୁମ୍ଭର ପାସକୁ ଅଥବା ବାବୁ ସୁରେନ୍ଦ୍ରଂର ସାଏବଂର ପାସକୁ ପହୁଞ୍ଚିବ ତ । ଯାଣିବ କୀ ଏ କଥାରେ ହଜୁରକୁ ମାମପୁର ନାହିଁ ଶିମୁଯାବା ନାହିଁ । ଅଭର ମଧ୍ୟ ସୁରେନ୍ଦର ସାଏକୁଂ ସାଫ ଓ୍ୟାକଫ କର ଦେବକୀ ସେ ଏବେ ଅସିବେ ଭୀ ନାହି । ଅଭର ଏପଲ ଯବାବ ତୁମ୍ଭେ ଫଉରନ ଭେଯିବ କନ୍ତୁ ଫେର ଏ ଦଫେ ଯବାବର ସିବାଏ ଅଉ କେଉଁଭ କଛି ତାକଂର ପାସକୁ ଲେଖାଯିବ ନାହିଁ । ମେହେରବାନଗିଂ ତମାମ ହେଲା । ମାଏକ ଏହା ସେ ଦଫା

ଏପରି ମେହେରବାନସିଂର ସମ୍ପର୍କରେ ଓ ତାଙ୍କର କିସମତେଛ ଅଛି । ସଂକ୍ଷ ତା ୫ ରିଖ ମଇ ସନ ୧୮୬୨ ମସିହା ।

ଇଜଲିସନ୍ସ ମେଯଂର ହେସଟିଙ୍ଗ ଯୁବରାଟିନ ଇମ୍ପି ସାହେବ ଡ଼େପୋଟି କମିସ୍ନର ବାହାଦୁର ସମ୍ବଲପୁର ।

। ସ୍ୱା । କୃଷ୍ଣଚରଣ ଦାସ ଓ ନାରାୟଣ ପଟ୍ଟନାୟକ ମୋହରରଏ ।”

ସୁରେନ୍ଦ୍ର ସାଏଙ୍କୁ କହିଥୋଷ୍ଟ ସରକାରଙ୍କ ଉଦାର ନୀତିକୁ ମାନିନେବା ପାଇଁ ପ୍ରବର୍ତ୍ତାଇବାକୁ ତାଙ୍କ ଭାଇ ଉଦନ୍ତଙ୍କୁ ଦାକ୍ଷିଣ ଖୀର ଅଡ଼େ ଇମ୍ପି ସାହେବ ପଠାଇଲେ । ଲକ୍ଷ୍ମଣପୁରର ଜମିଦାର କମଳ ସିଂହ ଦାଓ ତ ଅସ୍ତ୍ରସମର୍ପଣ ସପକ୍ଷରେ ନ ଥିଲେ । ସୁରେନ୍ଦ୍ର ସାଏ ଏହି ଅବସ୍ଥା ଦେଖି ବୃଥା ଯୁଦ୍ଧରୁ ନିଜକୁ ଓ ସହକର୍ମୀମାନଙ୍କୁ ରକ୍ଷା କରିବା ନିମନ୍ତେ ଆତ୍ମସମର୍ପଣ କରିବା ଇଚ୍ଛା ପ୍ରକାଶ କରିବାରୁ କମଳ ସିଂହ ଆପତ୍ତି କଲେ । ବହୁ ପରାମର୍ଶ ପରେ ସୁରେନ୍ଦ୍ର ସାଏ କମିଶନରଙ୍କୁ ଜଣାଇଲେ ଯେ, ସରକାର ଯଦି ତାଙ୍କର ସମ୍ବଲପୁର ଗାଦୀର ଦାବୀ ସ୍ୱୀକାର କରିନେବେ, ତାହାହେଲେ ଦଳବଳ ସହିତ ସେ ଅସ୍ତ୍ରସମର୍ପଣ କରିବେ । ଇମ୍ପି ସାହେବ ସୁରେନ୍ଦ୍ରଙ୍କ ଏହି ପ୍ରସ୍ତାବରେ ଆଦୌ ରାଜିହେଲେ ନାହିଁ ଏବଂ ସ୍ୱ ସ୍ୱାର୍ଥରେ ଅସ୍ତ୍ରସମର୍ପଣ କରିବା ସୁରେନ୍ଦ୍ରଙ୍କ କର୍ତ୍ତବ୍ୟ ବୋଲି ଉତ୍ତର ଦେଲେ । ଲଖନପୁରର ଜମାଦାରଙ୍କ ଜରିଆରେ ସେ ଯେଉଁ ପରୁଆନା ସୁରେନ୍ଦ୍ରଙ୍କଠାକୁ ପଠାଇଲେ, ସେଥିରୁ ସ୍ପଷ୍ଟ ଜଣାଯାଉଛି ଯେ ସରକାର ସୁରେନ୍ଦ୍ରଙ୍କ ସମ୍ବଲପୁର ରାଜଗାଦି ପାଇବା ଦାବୀକୁ ସମ୍ପୂର୍ଣ୍ଣ ରୂପେ ଅଗ୍ରାହ୍ୟ କରିଛନ୍ତି । ବିଭିନ୍ନ ଦିଗରେ ସୈନ୍ୟ ପ୍ରେରଣ କରି ବିଦ୍ରୋହୀମାନଙ୍କୁ ଧ୍ୱଂସ କରିବା ଆୟୋଜନ ମଧ୍ୟ ସରକାର ସେତେବେଳକୁ କରି-

ସାରିଥିଲେ । ଏ ଅବସ୍ଥାରେ ଆତ୍ମସମର୍ପଣ ଛଡ଼ା ସୁରେନ୍ଦ୍ର ସାଏଙ୍କ ଅନ୍ୟ ଉପାୟ ନ ଥିଲା ।

## ସୁରେନ୍ଦ୍ରଙ୍କୁ ଡେପୁଟି କମିଶନରଙ୍କ ଉତ୍ତର

"ରଫିଅଲ ପନ୍ନ୍ୟା ବ ବୁ ଶୁରେନ୍ଦ୍ରର ସାଏ ବାଫି ଅଡବାସନ୍ଦ ! ଅଜ ଦନ ତୁମ୍ଭ ଅରଯି ଲେଖିତ ଚଳିତ ମାସ ତା ୩ ରଖିର ହୁଜୁରରେ ପହୁଞ୍ଚି ମୁଲାହିଯା ବାଦ ଶକଲ ହାଲ ମାଲୁମ ହେଲା ତୁମ୍ଭେ ଯେ ଲେଖିଅଛ ରଜା ଓ ଜମିଦାରମାନଙ୍କୁ ପଠାଇବା ନୀମନ୍ତେ ଏସ ତକଲେ ହେବାର ନୁହେଁ କାରଣ କଉଣସି ରଙ୍ଗୀ ଲୋକଙ୍କୁ ମିଳାଇବା ନିମନ୍ତେ କଉଣସି ରଜା ଓ ଜମିଦାରମାନଙ୍କୁ ସରକାର ପଠାଇବେ ନାହିଁ କି ନ ପଠାଇବେ ଓ ହଯୁରଙ୍କୁ ନାରାଯିଗି ହେଲା ତୁମ୍ଭେ ଯେ ସରକାରର ଗୁନ୍ନ୍ୟାଗାର ଥିଲ ଏପର ଧୂମାଧାମ ପାଇ ଅରଯ କଲ ଗୁନ୍ନ୍ୟାଗାରକୁ ଲାଝିଂ ଭାବନା କରି ହଯୁରର ଗୋଡ଼ତଳେ ପଡେ ଓ ଯ୍ୟାଚ ମାଦ କଲା ରଖେ ଓ ପରକଥା ହଯୁରର ମେହରବାନଙ୍କି ଉପରେ ଏ ଏଥିପୂର୍ବ ପତ୍ରଓ୍ୟାନା ଯେ ତୁମ୍ଭଙ୍କୁ ଲେଖା ହୋଇଥିଲା କି ରାଜଗିର କଥା ଖିଥିଲ ଲୁଚ୍ଛଡ଼କର ମଯୁର ମେହବାନଗିଂ ଶରକାର ଉପରେ କି ଯଙ୍ଗପର ଶରକାର ହୁକୁମ କରେ ନୀଧଡକ ହୋଇ ଅଶି ମିଳବା ପାଇକା ଯେମନ୍ତେ ଗୁନ୍ନ୍ୟା ଲୋକଙ୍କୁ ଗୃହିଂ କଣା ଏପର ତୁମ୍ଭେ ଅସି ମିଳ ଥେରେ ହଯୁରର ଓ୍ୟାଦାବ ନା ରହିଲା କୀ ତୁମ୍ଭର କଉଣସି ପରତ ଗଲିଫ ହେବ ନାହିଂ ମାନକ ଯାଣିବାର ଗୃହି କୀ ଅଜ ଦୀନ ତୁମ୍ଭର ଅରଯି ପହୁଞ୍ଚିବାରୁ ତୁମ୍ଭର ମିଳୀବାର ମିଅଦ ଗଣା ଯାଉଛି କୀ ଯେ ପୂର୍ବରେ ପତ୍ରଓ୍ୟାନା ଲେଖା ଯାଇଥିଲା ଅଗର ପାଂଣି କରଣି ବା ଅଥବା କୌଣସି ଶବାବରୁ ଦେର ପାୟା

ଯାଏ ତେବେ ମୁଁ ପାରା ନାହିଁ ଏବେ ତୁମ୍ଭେ ଅରକଥା ଶୁଣ ଛାଡ଼ି କର ସାଫ ଜବାବରେ ଲେଖକି ଅମ୍ଭେ ଶମଲପୁର ମୁକାମରେ ମିଳୀବା ପାଇ ହାଜର ହେବା କି ନାହିଁ ଅର ଯାଣିବ କୀ ଏ ପରୱାନା ସିବାଏ ଅର ପରୱାନା ଯିବ ନାହିଁ ପଣ ତୁମ୍ଭର ନେକ କୀସିମତ ତୁମ୍ଭ ଅଖତିଅର ଅଛୁ ଏ ଶିଧା କଥା ଅର ଅବୀତଶାଣର କଥା ତୁମ୍ଭର ଭାଇ ଓ ପୁଅ ସବୁ ଅସି ହଜୁରରେ ମିଳୀଲେ ଓ ଗାଡ଼ିଦୀନ ହଜୁରର କଦମରେ ଥାଇ ଖଇମକାନ୍ଦରି କରୁଅଛନ୍ତି ତୁମ୍ଭେ ଜଙ୍ଗଲ ପାହାଡ଼ ଫେରୁ ଅଛ ତା ୫ ରକ ମାହେ ମଇ ସ ୧୮୬୨ ମସିହା ଇଙ୍ଗଲଶ ମେଜର ହେଶଟୀଙ୍ଗ ବଡଗଟନ ଇମ୍ପି ସାହେବ ଡିପୋଟୀ କମୀନର ବାହାଦୁର । ମୁ । ଶମଲପୁର । ମୁ କୃଷ୍ଣଚନ୍ଦ୍ର ଦାସ ଓ ନାରାଏଣ ପଣ୍ଡନ ଏକ ମୋହରାନ ।'

# ନବମ ଅଧ୍ୟାୟ

## ସୁରେନ୍ଦ୍ରଙ୍କ ଆତ୍ମସମର୍ପଣ

ଇମ୍ପି ସାହେବଙ୍କ ପରୱାନାରେ କ୍ଷମା ଓ ଜାଗିର ପୁନଃ ପ୍ରାପ୍ତିର ଆଶା ଥିବାରୁ ବିଦ୍ରୋହୀ ସରଦାର ତାକୁ ଏକାବେଳକେ ପ୍ରତ୍ୟାଖ୍ୟାନ କରିବାକୁ ମନ ବଳାଇଲେ ନାହିଁ । ସେ ସମୟର ଅବସ୍ଥାରେ ମଧ୍ୟ ସେ ଏହା ପ୍ରତ୍ୟାଖ୍ୟାନ କରି ଦେଇଥାନ୍ତେ ବୋଲି ମନେ ହୁଏ ନାହିଁ । ଉତ୍ତର-ଭାରତରେ, ବିହାରରେ ଓ ଅନ୍ୟାନ୍ୟ ସ୍ଥାନମାନଙ୍କରେ ସିପାହୀ ବିଦ୍ରୋହ ପୂର୍ବ ଦମନ ହୋଇ ସାରିଥିଲା । ସରକାର ସେଆଡ଼ରୁ ନିଶ୍ଚିନ୍ତ ହୋଇ ଯାଇଥିବାରୁ ଗୋରାଅଧିକ ସୈନ୍ୟ ଆଣି ସମ୍ବଲପୁରରେ ରୁଜୁ କରିବା ମଧ୍ୟ ସହଜ ହୋଇଯାଇ-ଥିଲା । ଏସବୁ ଅବସ୍ଥା ଦେଖି ସୁରେନ୍ଦ୍ର ଆତ୍ମସମର୍ପଣ କରିବା ପାଇଁ ପୁଣି ଇଚ୍ଛା ପ୍ରକାଶ କଲେ । ଏହିକାବେଳେ କମଳ ସିଂହ ପୁଣି ଅପରି

ଉଠାଇ ନିଜର କ୍ଷତି ହୋଇଥିବା କଥା ବଖାଣିଲେ । ସୁରେନ୍ଦ୍ର ଇମ୍ପି ସାହେବଙ୍କୁ ଖବର ଦେଲେ ଯେ କମଳ ସିଂହଙ୍କର ଅନୁଚରମାନେ ଆତ୍ମସମର୍ପଣ କରିବା ସପକ୍ଷରେ ନାହାନ୍ତି । ସେଥିପାଇଁ ସେମାନେ ତାଙ୍କୁ ଛାଡ଼ୁ ନାହାନ୍ତି । କିନ୍ତୁ ଯଦି ସେମାନଙ୍କ ହାତଖର୍ଚ୍ଚ ବାବଦ କିଛି ଦିଆଯାଏ, ତାହାହେଲେ ସେମାନେ ସନ୍ତୁଷ୍ଟ ହୋଇଯିବେ । ଇମ୍ପି ସାହେବ ସୁରେନ୍ଦ୍ରଙ୍କ କଥା ଅନୁସାରେ ପାଞ୍ଚଶହ ଟଙ୍କା ପଠାଇଲେ । ସୁରେନ୍ଦ୍ର ସେ ଟଙ୍କା କମଳ ସିଂହଙ୍କ ଅନୁଚରମାନଙ୍କ ଭିତରେ ବାଣ୍ଟି ଦେଇ ସେମାନଙ୍କୁ ବୁଝାବୁଝି କରି ୧୮୬୨ ମେ ମାସରେ ଆତ୍ମସମର୍ପଣ କଲେ ।

## ସୁରେନ୍ଦ୍ରଙ୍କ କୁଟୁମ୍ବ ପାଇଁ ବ୍ୟବସ୍ଥା

ସରକାର "ବିଦ୍ରୋହୀ"ମାନଙ୍କୁ ସନ୍ତୁଷ୍ଟ ରଖି ସମ୍ବଲପୁର ଓ ଗଡ଼ଜାତ ଅଞ୍ଚଳରେ ଶାନ୍ତି ସ୍ଥାପନ କରିବା ପାଇଁ ଉଦ୍ୟମ କଲେ । ଯୁଦ୍ଧ ପରିଚାଳନାରେ ଯେତେ ଖର୍ଚ୍ଚ ହେବ ଓ ଯେତେ ମାନସିକ ଅଶାନ୍ତି ସୃଷ୍ଟି ହେବ ତା ତୁଳନାରେ ଶାନ୍ତି ପ୍ରତିଷ୍ଠା ଦିଗରେ ଯାହା ଖର୍ଚ୍ଚ ହେବ ତାହା ନିଶ୍ଚୟ କମ ହେବ ବୋଲି ଅସିଷ୍ଟାଣ୍ଟ କମିଶନର ଇମ୍ପି ସାହେବଙ୍କ ଦୃଢ଼ ଧାରଣା ହେଲା । ମୁଖ୍ୟ ବିଦ୍ରୋହୀମାନଙ୍କ ଭିତରୁ ଅଧିକାଂଶ ଜମିଦାର ଶ୍ରେଣୀର । ସେମାନଙ୍କ ନିଜ ନିଜର ସ୍ୱାର୍ଥ ନେଇ ଅସନ୍ତୋଷ ଥିଲା । ଯଦି ସେହି ଅସନ୍ତୋଷର କାରଣକୁ ନିର୍ମୂଳ କରି ଦିଆଯାଏ ତାହା ହେଲେ ସମ୍ବଲପୁରରେ ଶାନ୍ତି ସ୍ଥାପନ ହେବା ସମ୍ଭବ ହେବ । ଏହି କଥା ଇମ୍ପି ସରକାରଙ୍କୁ ଜଣାଇଲେ ।

ସୁରେନ୍ଦ୍ର ସାଏଙ୍କ ବଂଶ ପୂର୍ବରୁ ଖିଣ୍ଡାକୁ ମିଶାଇ ଦୁଇଖଣ୍ଡି ବଡ଼ ଗ୍ରାମ ସମ୍ବଲପୁର ରାଜାଙ୍କଠାରୁ ଖୋରାକ ପୋଷାକ ବାବଦ ପାଇଲେ । ସୁରେନ୍ଦ୍ରଙ୍କ ସମ୍ବଲପୁର ରାଜଗାଦୀ

ଦାବୀକୁ ସରକାର ସ୍ୱୀକାର ନ କରିବାରୁ ସେ ବିଦ୍ରୋହ କରିଥିଲେ । ଯଦି ତାଙ୍କୁ ଅଧିକା କିଛି ଅର୍ଥିକ ସାହାଯ୍ୟ ଦିଆଯାଏ ତାହାହେଲେ ସେ ଶାନ୍ତ ରହିବାର ସମ୍ଭାବନା ଥିବାର ବିଚାର ମଧ୍ୟ ଅସ୍ୱାଭାବିକ ନୁହେଁ ।

ସୁରେନ୍ଦ୍ରଙ୍କୁ ବିସ୍ତୃତ ଜମି ନ ଦେଇ କିଛି ଦେଲେ ଚଳିବ ଏହି ଧାରଣା ସରକାରୀ ମହଲରେ ହେବା ଅସମ୍ଭବ ନୁହେଁ । ବିଦ୍ରୋହୀମାନଙ୍କୁ ସରକାର ପୁରସ୍କାର ଦେଉଛନ୍ତି ଏହି ଧାରଣା ମଧ୍ୟ ଲୋକଙ୍କ ମନରେ ଜାଗ୍ରତ ହେବା ଉଚିତ ନୁହେଁ ବୋଲି ଭାବି ସରକାର ମହିଁ ମହିଁଆ ନଜରରେ ସୁରେନ୍ଦ୍ରଙ୍କ କୁଟୁମ୍ବଙ୍କୁ କିଛି ସାହାଯ୍ୟ ଦେବାକୁ ସ୍ଥିର କଲେ ।

ସୁରେନ୍ଦ୍ରଙ୍କ ପୁଅ ମିତ୍ରଭାନୁଙ୍କୁ ଜାଗିର ସ୍ୱରୂପ ଦୁଇ ଖଣ୍ଡ ଗ୍ରାମର ଚୌଧୁରାଇ ସତ୍ତ୍ୱ ଦେଲେ । ସେ ଜଣେ ଗଡ଼ଜାତ (ବଣେଇ) ରାଜାଙ୍କ କନ୍ୟାଙ୍କୁ ବିବାହ କରିଥିବାରୁ ତାଙ୍କର ଚଳାଚଳ ପାଇଁ ବାର୍ଷିକ ଟ ୧୦୦୦୲ ( ଏକ ହଜାର ଟଙ୍କା ) ପେନସନ ଦେବାକୁ ସରକାର ସ୍ଥିର କଲେ । ଦୁଇଖଣ୍ଡ ଗ୍ରାମର ଆୟ ବାର୍ଷିକ ପ୍ରାୟ ଟ ୫[illegible]୲ ଏବଂ ମାସିକ ଟ ୪୦୲ ବା ଟ ୩୫୲ ଦେଲେ ବାର୍ଷିକ ପେନସନ ଟ ୧୦୦୲କୁ ଆସିଯିବ ବୋଲି ସରକାରୀ ସିଦ୍ଧାନ୍ତ ହେଲା ।

ସୁରେନ୍ଦ୍ରଙ୍କୁ ମଧ୍ୟ ବାର୍ଷିକ ଏକ ହଜାର ଟଙ୍କା ପେନସନ ଦେବା ସ୍ଥିର ହେଲା ।

ସୁରେନ୍ଦ୍ରଙ୍କ ଭାଇ ଉଦନ୍ତ ଜିଲ୍ଲାରେ ଶାନ୍ତି ସ୍ଥାପନ କରିବାରେ ସରକାରଙ୍କୁ ସାହାଯ୍ୟ କରିବା ପ୍ରତିଶ୍ରୁତି ଦେଲେ ଏବଂ ଜିଲ୍ଲାର ବିଭିନ୍ନ ସ୍ଥାନ ପରିଭ୍ରମଣ କରି ବିଦ୍ରୋହୀମାନଙ୍କୁ ବୁଝେଇବାରେ ଲାଗିଲେ । ତାଙ୍କୁ ସରକାର ଏହି କାର୍ଯ୍ୟରେ ନିଯୁକ୍ତ ମଧ୍ୟ କଲେ ।

ବିଦ୍ରୋହୀମାନଙ୍କୁ ଆତ୍ମ ସମର୍ପଣ କରିବା ନିମନ୍ତେ ପ୍ରବର୍ତ୍ତାଇବାକୁ କେତେ ଜଣ ବିଶିଷ୍ଟ ଲୋକ ମଧ୍ୟ ବାହାରିଲେ । ସେମାନଙ୍କ ମଧ୍ୟରୁ

କେତେଜଣ ବିଦ୍ରୋହୀମାନଙ୍କୁ ଭିତର ସାହାଯ୍ୟ ଦେଉଥିଲେ । ସେମାନଙ୍କ ଭିତରେ ରଙ୍ଗେଲର ଶ୍ରୀଲୋଚନାଥ ପଣ୍ଡା ପ୍ରଧାନ । ସେ ବିଦ୍ରୋହୀମାନଙ୍କୁ ସାହାଯ୍ୟ କରୁଥିଲେ ଏବଂ ନିଜେ ସେଥିରେ ଲିପ୍ତ ଥାଇ ଲୁଟତରାଜ, ନରହତ୍ୟା ପ୍ରଭୃତି କରିଥିବା ଅଭିଯୋଗରେ ଅଭିଯୁକ୍ତ ହୋଇଥିଲେ । ସେ ଆତ୍ମସମର୍ପଣ କରି ସରକାରଙ୍କଠାରେ ଅନୁଗତ୍ୟ ସ୍ୱୀକାର କଲେ । ତାଙ୍କୁ ପର୍ଣ୍ଣ କ୍ଷମା ମିଳିଲା । ସେ କେତେଜଣ ବିଦ୍ରୋହୀଙ୍କୁ ଆତ୍ମସମର୍ପଣ କରିବା ପାଇଁ କହିବୋଧି ଆଣିଥିବାରୁ ସରକାର ତାଙ୍କୁ ପୁରସ୍କାର ଦେଇ ଥିଲେ । ପୂର୍ବରୁ ତାଙ୍କର ମୋଟେ ଦୁଇ ଖଣ୍ଡ ଗ୍ରାମ ଥିଲା । ତାଙ୍କୁ ଜମିଦାର କରି ଦେଇ ୪୦ ବର୍ଷ ପାଇଁ ଅଧା ଜମାରେ ୧୯ ( ଉଣେଇଶ ) ଖଣ୍ଡ ଖାଲସା ଗ୍ରାମ ସରକାର ଦେଲେ । ଅରଦାର ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ମଧ୍ୟ ସେହିଭଳି ପୁରସ୍କାର ମିଳିଲା ।

ଦୀର୍ଘ ପାଞ୍ଚବର୍ଷ ( ୧୮୫୭ ଠାରୁ ୧୮୬୨ ) ଭିତରେ ବିଦ୍ରୋହ ଯୋଗୁଁ ସମ୍ବଲପୁର ଜିଲାର ବହୁତ କ୍ଷତି ହୋଇ ଯାଇଥିଲା । ବହୁତ ଗ୍ରାମ ପୋଡ଼ି ଧ୍ୱଂସ ହୋଇ ଯାଇଥିଲା । କି ବଡ଼ କି ସାନ ସମସ୍ତେ ଭୀତତ୍ରସ୍ତ ହୋଇ ରହୁଥିଲେ । ବିଦ୍ରୋହୀ ଓ ସରକାର ଉଭୟ ପକ୍ଷର ଧକ୍କା ସାଧାରଣ ଲୋକଙ୍କୁ ସହ୍ୟ କରିବାକୁ ପଡ଼ୁଥିଲା । ସରକାରଙ୍କର ପୋଡ଼ା—ଜଳା ନୀତି ଲୋକଙ୍କ ଭିତରେ ବେଶି ଆତଙ୍କ ସୃଷ୍ଟି କରିଥିଲା । ଏଥିରେ କେତେ ଉତ୍ତ୍ୟକ୍ତ ହୋଇ ବିଦ୍ରୋହୀମାନଙ୍କୁ ଲୋକେ ସାହାଯ୍ୟ କରିଥିଲେ ।

## ବିଦ୍ରୋହୀଙ୍କ କୌଶଳ ? ଶାନ୍ତ ନା ଅଶାନ୍ତ ?

ସୁରେନ୍ଦ୍ର ଓ ତାଙ୍କର ଭାଇମାନେ ସରକାରଙ୍କ ହାତରେ ଆତ୍ମସମର୍ପଣ କରିବା ଭିତରେ କିଛି ଉଦ୍ଦେଶ୍ୟ ଥିବା ମଧ୍ୟ ସମ୍ଭବ

ହୋଇପାରେ । ମୁଖ୍ୟ ବିଦ୍ରୋହୀମାନଙ୍କର ଅସନ୍ତୋଷର କାରଣ ଦୂର କରିବା ଦିଗରେ ସରକାର ଯେଉଁ ନୀତି ପୋଷଣ କଲେ ତାର ସୁବିଧା ନେଇ ପୋଡ଼ା ଘରୁ "କୁଟା କେରାଏ ମିଳିଲେ ମଧ୍ୟ ଲାଭ" ନ୍ୟାୟରେ ସେମାନେ ସରକାରଙ୍କ ସହିତ ସହଯୋଗ କଲେ । କିନ୍ତୁ ଭିତରେ ଭିତରେ ବିଦ୍ରୋହବହ୍ନିକୁ ଜଳ୍ପୀବୀତ ରଖା ଯାଇଥିଲା । ସୁରେନ୍ଦ୍ର, ତାଙ୍କ ଭାଇମାନେ ଓ ଅନ୍ୟାନ୍ୟ କେତେକ ଜମିଦାର ଆତ୍ମସମର୍ପଣ କରିଥିଲେ ମଧ୍ୟ ଲକ୍ଷଣପୁରର ଜମିଦାର ବଂଶର କମଳ ସିଂହ ଆତ୍ମସମର୍ପଣ କରି ନ ଥିଲେ । ତାଙ୍କୁ ଅଳ କରି ଆତ୍ମସମର୍ପଣ କରିଥିବା ବିଦ୍ରୋହୀମାନେ ସରକାରଙ୍କଠାରୁ ଅଧିକା କିଛି ସୁବିଧା ଟାଣି ଆଣିବା ଉପଯୁକ୍ତ କଲେ ।

କିନ୍ତୁ ଆସିଷ୍ଟାଣ୍ଟ କମିଶନର ଇମ୍ପି ସାହେବଙ୍କ ଦୃଢ଼ ଧାରଣା ହୋଇଥିଲା ଯେ ବିଦ୍ରୋହୀମାନଙ୍କ ପିଠିରେ ଟିକିଏ ହାତ ବୁଲାଇ ଆଶ୍ୱାସନା ଦେଲେ ସେମାନେ ଆଉ ଗଣ୍ଡଗୋଳ କରିବେ ନାହିଁ । କିନ୍ତୁ ପରେ ସୁରେନ୍ଦ୍ର ପୁନର୍ବାର ଅଶାନ୍ତି ସୃଷ୍ଟି କରିବାରୁ ତାଙ୍କର ଧାରଣା ଠିକ୍ ନୁହେଁ ବୋଲି ସେ ସରକାରୀ ମହଲରେ ସମାଲୋଚିତ ହୋଇଥିଲେ ।

---

## ଦଶମ ଅଧ୍ୟାୟ

### ବିଦ୍ରୋହର ଅବସାନ

୧୮୬୨ ଖ୍ରୀଷ୍ଟାବ୍ଦର ଶେଷ ପର୍ଯ୍ୟନ୍ତ କମଳ ସିଂଙ୍କ ଛଡ଼ା ଅନ୍ୟ ମୁଖିଆ ବିଦ୍ରୋହୀମାନେ ଆତ୍ମସମର୍ପଣ କରି ସାରିଥିଲେ ।

ଜିଲ୍ଲାରେ ଶାନ୍ତି ବିରାଜି ଥିବାର ଅଭାସ ପାଇ ସରକାର ପକ୍ଷ ଟିକିଏ ଖୁସି ହୋଇଥିଲେ ।

୧୮୬୩ ଅପ୍ରେଲ ତା ୩୦ ରିଖରେ ସମ୍ବଲପୁର ଜିଲ୍ଲାକୁ ନୂଆକରି ଗଠିତ ହୋଇଥିବା ମଧ୍ୟପ୍ରଦେଶ ସହିତ ମିଶାଇ ଦିଆଗଲା । ଏହି ଘଟଣା ନେଇ ସମ୍ବଲପୁର ଓ ଆଖପାଖ ଗଡଜାତମାନଙ୍କର ରାଜା, ଜମିଦାର ଓ ପ୍ରଜାମାନେ ବିଚଳିତ ହୋଇ ପଡ଼ିଲେ । ସରକାରଙ୍କ ଏହି ବ୍ୟବସ୍ଥାର ପ୍ରତିବାଦ ମଧ୍ୟ ହେଲା । ଲୋକଙ୍କ ମନରେ ଅଶାନ୍ତିଭାବ ଜାଗ୍ରତ ହେଲା । ସରକାର ଲୋକଙ୍କ ସୁଖ ସୁବିଧା ପ୍ରତି ଧ୍ୟାନ ଦେଉ ନାହାନ୍ତି ବୋଲି ଧାରଣା ହେଲା । ଜିଲ୍ଲାରେ ପୁଣି ଅଶାନ୍ତି ମୁଣ୍ଡ ଟେକି ଉଠିଲା ।

## ସୁରେନ୍ଦ୍ରଙ୍କର ପୁନର୍ବାର ରାଜଗାଦୀ ଦାବୀ

ସମ୍ବଲପୁର ଜିଲ୍ଲାରେ ଅଶାନ୍ତି ଲାଗି ରହିଥିବାରୁ ଅନ୍ତତଃ ପକ୍ଷେ ସ୍ଥାୟୀ ଶାନ୍ତି ସ୍ଥାପନ ଉଦ୍ଦେଶ୍ୟରେ ସମ୍ବଲପୁର ରାଜଗାଦୀ ସୁରେନ୍ଦ୍ର ସାଏଙ୍କୁ ଦିଆଯାଉ—ଏହି ମର୍ମରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ସରକାରଙ୍କଠାରେ ଦାବୀ ହେଲା । ବହୁ ଜମିଦାର, ଗୌନ୍ତିଆ ଓ ସାଧାରଣ ଲୋକ ସରକାରଙ୍କୁ ଏହି ବିଷୟରେ ଆବେଦନ ମଧ୍ୟ କଲେ । ମଧ୍ୟପ୍ରଦେଶର ଗଡଜାତ ବିଭାଗର ଚିଫ୍ କମିଶନର ସାର୍ ରିଚାର୍ଡ଼ ଟେମ୍ପଲ ଜିଲ୍ଲାର ଅବସ୍ଥା ଦେଖିବା ପାଇଁ ଆସିଲେ । ସେହି ସୁବିଧାରେ ଲୋକେ ତାଙ୍କଠାରେ ଦରଖାସ୍ତ କଲେ ଯେ ସରକାରଙ୍କ ଖଜଣା, ଟିକସ ପ୍ରଭୃତି ସେମାନଙ୍କୁ ବାଧୁଛି ଏବଂ ସରକାରୀ ପରିଚାଳନାରେ ସେମାନେ ସନ୍ତୁଷ୍ଟ ହୋଇ-ପାରୁନାହାନ୍ତି । ଜିଲ୍ଲାରେ ଶାନ୍ତି ସ୍ଥାପନ କରିବା ଦିଗରେ ସରକାର

ମଧ୍ୟ ସମର୍ଥ ହୋଇପାରୁ ନ ଥିବାରୁ ପ୍ରଜାଙ୍କର ବହୁତ କ୍ଷତି ହେଉଛି । ଯଦି ସୁରେନ୍ଦ୍ରଙ୍କୁ ସମ୍ବଲପୁର ରାଜଗାଦୀରେ ବସାଇ ଦିଆଯାଏ, ତାହାହେଲେ ଜିଲ୍ଲାରେ ଅଶାନ୍ତିର କାରଣ ଆଉ ରହିବ ନାହିଁ ; ତାଙ୍କର ପ୍ରଭାବରେ ଶାନ୍ତି ପୁନର୍ବାର ସ୍ଥାପିତ ହୋଇପିବ, ଲୋକେ ସୁଖଶାନ୍ତିରେ ରହିବେ ।

ଏହି ଦରଖାସ୍ତ ଓ ଅନ୍ୟାନ୍ୟ ନିବେଦନର ସରକାରୀ ଅନୁସନ୍ଧାନ ସାର୍ ରେମ୍ପେଲ କଲେ । ସରକାର ଭାବିଲେ, ସୁରେନ୍ଦ୍ରଙ୍କୁ ସମ୍ବଲପୁର ରାଜଗାଦୀରେ ବସାଇବା ପାଇଁ ଏବଂ ସରକାରଙ୍କ ରାଜ୍ୟ ପରିଚାଳନା ନୀତିର ବିରୋଧ କରି ଯେଉଁ ଦାବୀ ସବୁ ହେଉଛି, ତା ପଛରେ ସୁରେନ୍ଦ୍ରଙ୍କ ହାତ ରହିଛି । ଉଭେଇ ଥରେଇ ସରକାରଙ୍କଠାରୁ ନିଜ ଦାବୀ ହାସଲ କରିବା ପାଇଁ ସୁରେନ୍ଦ୍ର ସାଏ କୌଶଳ ଅବଲମ୍ବନ କରିଛନ୍ତି ଏବଂ ତାଙ୍କ ଆତ୍ମସମର୍ପଣ ମଧ୍ୟ ଏକ ଛଳନା ବୋଲି ସରକାର ସନ୍ଦେହ କଲେ । ସେ ଦରଖାସ୍ତରେ ଯେଉଁ ମୁଖିଆ ଲୋକଙ୍କର ଦସ୍ତଖତ ହୋଇଥିଲା ତାହା ସେମାନେ ଅସ୍ୱୀକାର କଲେ । ଫଳରେ ସୁରେନ୍ଦ୍ରଙ୍କୁ ରାଜଗାଦୀ ଦେବାପାଇଁ ସାଧାରଣଙ୍କ ତରଫରୁ ଯେଉଁ ଦାବୀ ହୋଇଥିଲା, ତାକୁ ସରକାର ଅଗ୍ରାହ୍ୟ କଲେ ।

## ପୁନର୍ବାର ଧରପଗଡ଼

୧୮୬୪ ର ମଝିବେଳକୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ପୁଣି ଅଶାନ୍ତି ଦେଖାଦେଲା । କମଲ ସିଂଙ୍କ ଦଳ ପୁଣି ଠେକି ଉଠିଲେ । ଯେଉଁମାନେ ବିଦ୍ରୋହ ଆରମ୍ଭରୁ ସରକାରଙ୍କୁ ସାହାଯ୍ୟ କରୁଥିଲେ ସେମାନଙ୍କ ଉପରେ ଏମାନଙ୍କର ଆଖି ପଡିଲା । ଛଅ ସାତ ମାସ ଭିତରେ ବହୁ ଗ୍ରାମ ଲୁଣ୍ଠିତ ହେଲା । ଡେପୁଟି କମିଶନରଙ୍କଠାରୁ

ଏହି ସମୟରେ ବିଦ୍ରୋହୀମାନେ ଜଣାଇଲେ ଯେ ସୁରେନ୍ଦ୍ରଙ୍କୁ ରାଜ-ଗାଦିରେ ନ ବସାଇବା ପର୍ଯ୍ୟନ୍ତ ବିଦ୍ରୋହ ଲାଗି ରହିଥିବ । ସରକାରଙ୍କ ବିରୁଦ୍ଧରେ ଅନ୍ୟାନ୍ୟ ଓକେତେକ ଷଡ଼ଯନ୍ତ୍ରର ସନ୍ଧାନ ଲୁଅଟେ଼ ଦେବକାର ପାଇଥିଲେ । ଏଥିରୁ ଲୁଅଟେ଼ ଜଣାଯାଉ-ଥିଲା ଯେ, ୧୮୬୨ରେ ସୁରେନ୍ଦ୍ରଙ୍କର ଆତ୍ମସମର୍ପଣ ଏକ ଧୂର୍ତ୍ତ-ଚାଲି ମାତ୍ର ।

୧୮୬୩ର ଶେଷ ଆଡ଼କୁ ଉଚ୍ଚସରକାରୀ ହାକିମମାନେ ଦେଖିଲେ ଯେ ପୂର୍ବେ ଯେଉଁ କୋମଳ ନୀତି ଅବଲମ୍ବନ କରାଯାଇଥିଲା ତାହା ଭୁଲ । ବିଦ୍ରୋହୀମାନଙ୍କ ପ୍ରତି ଯଦି କଠୋର ନୀତି ଅବଲମ୍ବନ କରାଯାଇ ଥାଆନ୍ତା ତାହାହେଲେ ପୁନର୍ବାର ଅଶାନ୍ତିର ସମ୍ମୁଖୀନ ହେବା ପାଇଁ ପଡ଼ି ନ ଥାଆନ୍ତା । ଅଳ୍ପ କାଳ ବିଳମ୍ବ ନ କରି ସୁରେନ୍ଦ୍ର ଓ ତାଙ୍କ ଅନୁଚରମାନଙ୍କୁ ଗିରଫ କରିବାପାଇଁ ସରକାରୀ ହାକିମମାନେ ଉଦ୍ୟମ କଲେ ।

## ସୁରେନ୍ଦ୍ର ପ୍ରଭୃତି ଗିରଫ

୧୮୬୪ରେ ମେଜର କମ୍ବରଲେଜ୍ ସମ୍ବଲପୁରକୁ ଡେପୁଟି କମିସନର ହୋଇ ଆସିଲେ । ଜିଲ୍ଲାର ଦୁଇଜଣ ଉଚ୍ଚ ପୋଲିସ କର୍ମଚାରୀ ଷ୍ଟୁଅର୍ଟ ଓ ବେରିଲ୍‌ଙ୍କର ସୁରେନ୍ଦ୍ରଙ୍କ ସମ୍ବନ୍ଧରେ ଭଲ ଧାରଣା ନ ଥିଲା । ସେମାନେ କହୁଥିଲେ ଯେ ଜିଲ୍ଲାର ବିଭିନ୍ନ ସ୍ଥାନରେ ଯେଉଁ ଅଶାନ୍ତି ହେଉଛି ତାହାର ମୂଳରେ ସୁରେନ୍ଦ୍ର ନିଜେ ଅଛନ୍ତି; ପ୍ରତ୍ୟକ୍ଷ ଓ ପରୋକ୍ଷରେ ସେ କୌଶଳ କରି ବିଦ୍ରୋହୀମାନଙ୍କ ସହିତ ଯୋଗ ଦେଉଛନ୍ତି । ପୂର୍ବର ଜିଲ୍ଲା କମିଶନର ମେଜର ଇମ୍ପେ ସୁରେନ୍ଦ୍ରଙ୍କୁ ନିର୍ଦ୍ଦୋଷ ମନେକରି ତାଙ୍କ-

ଛିଂ ଓ କୋହଲି ନୀତି ଧରିବାରୁ ଏହିସବୁ ଅନର୍ଥ ଘଟୁଛି । ସୁରେନ୍ଦ୍ର ଉପରେ ନିର୍ଲିପ୍ତ ବୋଲି ପରିଚୟ ଦେଇ ଭିତରେ ଭିତରେ ବହୁତ ଅଶାନ୍ତି ସୃଷ୍ଟି କରୁଛନ୍ତି । କମ୍ବରଲେଜ୍ ଅସିବାପରେ ଏହି ଦୁଇଜଣ ପୋଲିସ ଅଫିସର ସୁରେନ୍ଦ୍ରଙ୍କୁ ଧରିବା ସପକ୍ଷରେ ଯୁକ୍ତି କଲେ । ସରକାର ଏଥିରେ ରାଜି ହେବାରୁ ସୁରେନ୍ଦ୍ର ଓ ତାଙ୍କ କୁଟୁମ୍ବର ଲୋକଙ୍କୁ ଧରିବା ପାଇଁ ପୁଣି ଉଦ୍ୟମ ହେଲା । ସୁରେନ୍ଦ୍ର ଓ ତାଙ୍କ ଦୁଇଭାଇ ଧ୍ରୁବ ଓ ମେଦିନୀ, ଖଗେଶ୍ୱର ଦାଓ ଓ ତାଙ୍କ ଦୁଇ ଭାଇ, ଲୋକନାଥ ପଣ୍ଡା, ଧରଣୀ ମିଶ୍ର, ଶ୍ରୀଧାଙ୍କର ମଲ୍ଲିକ, ମିତ୍ରଭାନୁ ପ୍ରଭୃତିଙ୍କୁ ଧରିବାପାଇଁ ପରିକଳ୍ପନା ପ୍ରସ୍ତୁତ ହେଲା । ସେତେବେଳେ ମିତ୍ରଭାନୁ ତାଙ୍କ ଶଶୁର ବଣଇର ରାଜାଙ୍କଠାକୁ ଯାଇଥିଲେ । ସେ ସମ୍ବଲପୁର ଫେରିଲେ ପରିକଳ୍ପନା କାର୍ଯ୍ୟକାରୀ କରିବା ସ୍ଥିରହେଲା । ୧୮୬୪ ଜାନୁଆରୀ ତା ୨୨ ରିଖରେ ମିତ୍ରଭାନୁ ସମ୍ବଲପୁରକୁ ଫେରିବାରୁ ସରକାର ତରଫରୁ କାର୍ଯ୍ୟାନୁଷ୍ଠାନ ଅରମ୍ଭ ହେଲା ।

ସେତେବେଳକୁ ମିତ୍ରଭାନୁ କଡ଼ଗାଁରେ ଥିଲେ । ଧ୍ରୁବ ସାଏ ତାଙ୍କ ପରିବାରଙ୍କୁ ଧରି ତ୍ରିବଲ୍ଲରେ ରହୁଥିଲେ । ତଲ୍ଲବ୍‌ରେ ମେଦିନୀ ସାଏ ଓ ତାଙ୍କ ପରିବାର ବାସ କରୁଥିଲେ । ବାମଣ୍ଡାରେ ଖଗେଶ୍ୱର ରହୁଥିଲେ । ପୌଷ ପୂର୍ଣ୍ଣିମୀ ଦିନ ଓଡ଼ିଶାରେ ସର୍ବତ୍ର ପୁଷ୍ୟାଭିଷେକ ପର୍ବ ପାଳିତ ହୁଏ । ଲୋକେ ଆନନ୍ଦରେ ସେ ଦିନଟି କଟାନ୍ତି । କେତେକ ଅନୁନ୍ନତ ଶ୍ରେଣୀର ଲୋକ ମଦିରାଦି ପାନ କରି ନୃତ୍ୟଗୀତାଦିରେ ସମୟ କଟାନ୍ତି । ସରକାର, ମୋହନ ସିଂହ ଓ ଦୟାନିଧି ମେହେର ନାମରେ ଦୁଇଜଣ ଗୁପ୍ତଚରଙ୍କୁ ବିଦ୍ରୋହର ସମ୍ବାଦ ସଂଗ୍ରହ କରିବାପାଇଁ ନିଯୁକ୍ତ କରିଥିଲେ । ଏମାନେ ପୋଲିସଙ୍କୁ ବିଦ୍ରୋହୀମାନଙ୍କ ଅବସ୍ଥାନ ସମ୍ବନ୍ଧରେ ଖବର ଦେଲେ । ପୌର୍ଣ୍ଣମୀ ଦିନ ସୁରେନ୍ଦ୍ରାଦି ଆମୋଦ ପ୍ରମୋଦରେ କାଳଯାପନ କରୁଥିଲେ

ଏବଂ ଏହି ସମୟରେ ଅତର୍କିତ ଭାବରେ ସେମାନଙ୍କ ଉପରେ ଆକ୍ରମଣ କଲେ ସହଜରେ ସେମାନଙ୍କୁ ଧରିହେବ ଏହି ଭାବନାରେ ସରକାରୀ ଦଳ ସମ୍ବଲପୁରରୁ ରାତିରେ ବାହାରିବା ସ୍ଥିର କଲେ । ଡେପୁଟି କମିଶନରଙ୍କ ଘରେ ଷ୍ଟୁଆର୍ଟ ବେବଲ୍‌ଙ୍କ ସହ ଦୁଇଜଣ ଇଂରେଜ ଅଧିବାସୀ ଓ ଇଂରେଜ ସିଭିଲ ସର୍ଜନ ଡାକ୍ତର ଗ୍ରାସ୍ ମୋହନ ସିଂହ ଓ ଅଳ୍ପ କେତେଜଣ ବିଶ୍ୱସ୍ତ ସିପାହୀ ଜାନୁଆରୀ ତା ୨୩ ରିଖ ରାତିରେ ସମ୍ମିଳିତ ହେଲେ । ସେଠାରୁ ଅତି ଗୁପ୍ତରେ ରାତି ୧୦ଟା ସମୟରେ ନଦୀ କୂଳେ କୂଳେ ଖଡ଼ଗାଁ ଦିଗରେ ଅଗ୍ରସର ହେଲେ । ଅଳ୍ପ ସମୟ ମଧ୍ୟରେ ସେଠାରେ ପହଞ୍ଚି ସେମାନେ ଅତର୍କିତ ଭାବରେ ସୁରେନ୍ଦ୍ରଙ୍କ ଘର ଘେରାଉ କରି ମିତ୍ରଭାନୁଙ୍କୁ ଧରିନେଲେ । ସେତେବେଳେ ସୁରେନ୍ଦ୍ର ସେଠାରେ ନ ଥିଲେ । ସୁରେନ୍ଦ୍ରଙ୍କ ବିଶ୍ୱସ୍ତ କର୍ମୀ ଓ ପରାମର୍ଶଦାତା ଧରଣୀ ମିଶ୍ରଙ୍କୁ ମଧ୍ୟ ଗିରଫ କରିନେଲେ । ଗୃହର ସମସ୍ତଙ୍କୁ ଗୃହ ଭିତରେ ଅଟକ କରି ରଖିଲେ । ଏମାନେ ପାଟିତୁଣ୍ଡ କଲେ ଅନ୍ୟମାନେ ଖସି ପଳାଇବେ ଏଥିପାଇଁ ଏହି ବ୍ୟବସ୍ଥା ହୋଇଥିଲା । ସେଠାରୁ ଡାକ୍ତର ଗ୍ରାସ୍‌ଙ୍କ ନେତୃତ୍ୱରେ ଦଳେ ସିପାହୀଙ୍କୁ ଲୋକନାଥ ପଣ୍ଡାଙ୍କୁ ଧରିବାପାଇଁ ପଠାଗଲା । ଖଡ଼ଗାଁଠାରୁ ତଲାବ୍ ଗ୍ରାମଟି ସାତ ମାଇଲ ଦୂର । ବେବଲ୍ ଓ ଷ୍ଟୁଆର୍ଟଙ୍କ ନେତୃତ୍ୱରେ ଦଳେ ସିପାହୀ ତଲାବରେ ରାତି ଅଧ ବେଳେ ପହଞ୍ଚି ଉଦ୍‌ବନ୍ତ ଓ ମେଦିନୀ ସାଏଙ୍କୁ ଧରିନେଲେ । ଏଠାରୁ ପାଞ୍ଚ ମାଇଲ ଦୂରରେ ଥିବା ତବଲା ଗ୍ରାମରେ ପହଞ୍ଚି ଧ୍ରୁବ ସାଏ ଓ ତାଙ୍କର ପୁତ୍ରମାନଙ୍କୁ ଧରିନେଲେ । କମ୍ବରଲେଜ୍ ଓ ବେବଲ୍ ଦଳେ ସିପାହୀଙ୍କୁ ଧରି ରାତାରାତି ବୋଣ୍ଡାଅଡ଼େ ଦୌଡ଼ିଲେ । ପ୍ରତ୍ୟୁଷରେ ସେଠାରେ ପହଞ୍ଚି ଖଗେଶ୍ୱର ଓ ତାଙ୍କ ଭାଇମାନଙ୍କୁ ଧରିନେଲେ । ସୁରେନ୍ଦ୍ରଙ୍କ ଘର ତଲାସ କରି କେତେକ

କାଗଜପତ୍ର ଜବତ କଲେ ଏବଂ ଖଡଗେଶ୍ୱର ଦାଓଙ୍କ ଘରୁ କେତେଗାଟି ଖଣ୍ଡା ଓ କେତେକ ତୋପର ମସଲା ଜବତ ପାଇଲେ । ସୁରେନ୍ଦ୍ରଙ୍କୁ ଭୁବନଗଠାରେ ଗିରଫ କରିଥିବାର ବି ଅନୁମାନ ହୁଏ । ସେହିମାସ ତା୨୬ରିଖ ଦିନ ଏହି ୧୫ ଜଣ ସୁରେନ୍ଦ୍ର, ଧ୍ରୁବ, ମେଦିନୀ, ଉଦ୍ଧବନ୍ତ, ମିତ୍ରଭାନୁ, ଧ୍ରୁବଙ୍କ ସ୍ତ୍ରୀ ବସୁଅ, ଖଡଗେଶ୍ୱର ଓ ତାଙ୍କର ଦୁଇଭାଇ, ଲୋକନାଥ ପଣ୍ଡା, ଧରଣୀ ମିଶ୍ର ଓ ଶ୍ରୀଧାକର ମଲ୍ଲିକଙ୍କୁ ରାୟପୁରକୁ ସୈନ୍ୟପହରା ଦେଇ ପଠାଗଲା ଏବଂ ସେଠାରେ ଏମାନଙ୍କ ବିରୁଦ୍ଧରେ ହୋଇଥିବା ମକଦ୍ଦମାର ବିଚାର ହେବାର ସ୍ଥିର ହେଲା ।

ଏହାପରେ କୁଞ୍ଜଲ ସିଂହଙ୍କ ଭାଇ ହାତୀ ସିଂହଙ୍କୁ ବିଦ୍ରୋହୀ ମାନଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ଗିରଫ କରାଗଲା ।

ସମ୍ବଲପୁର ଓଡ଼ିଶା ଅଧୀନରେ ଥିବା ପର୍ଯ୍ୟନ୍ତ ଓଡ଼ିଶା ଅଫିସରମାନେ ମିଳାମିଶା ନୀତିକୁ ଅବଲମ୍ବନ କରିଥିବାରୁ ସୁରେନ୍ଦ୍ରଙ୍କ ପ୍ରତି କଠୋର ବ୍ୟବହାର ହେଉ ନ ଥିଲା । ମଧ୍ୟ-ପ୍ରଦେଶ ସହିତ ୧୮୬୧ରେ ମିଶିଯିବା ପରେ ସେଠାର ହାକିମମାନେ ଓଡ଼ିଶା ହାକିମମାନଙ୍କ ନୀତିକୁ ବଦଳାଇ ଦେଲେ ଏବଂ କଠୋର ନୀତି ଅବଲମ୍ବନ କଲେ । ଏହା ଦ୍ୱାରା ସେମାନେ ଜିଲ୍ଲାରେ ଅତି ଅଳ୍ପକାଳ ମଧ୍ୟରେ ଶାନ୍ତି ଆଣି ପାରିଲେ ବୋଲି ସରକାର ସେମାନଙ୍କ କାର୍ଯ୍ୟକୁ ପ୍ରଶଂସା କଲେ ।

ସୁରେନ୍ଦ୍ର ପ୍ରଭୃତି ଗିରଫ ହେବା ପରେ ମୃତ୍ୟୁଞ୍ଜୟ ପାଣିଗ୍ରାହୀ ଜଗବନ୍ଧୁ ହୋତା ଓ ପଦନାଭ ଗୁରୁ ଗିରଫ ହେଲେ ଏବଂ ସେମାନଙ୍କୁ ମଧ୍ୟ ବିଚାର ପାଇଁ ରାୟପୁରକୁ ସରକାର ପଠାଇ ଦେଲେ ।

କୁଞ୍ଜଲ ସିଂହଙ୍କୁ ଧରିବା ପାଇଁ ସରକାର ଉଦ୍ୟମ କଲେ । କିନ୍ତୁ ଏଥିରେ ସଫଳ ହୋଇ ପାରିଲେ । ତାଙ୍କ ଭାଇ ହାତୀ ସିଂହ

(ହଠି ସିଂହ)ଙ୍କୁ ପୋଲିସ ଗିରଫ କଲେ ଏବଂ ସେ ନିଜ ଭାଇଙ୍କୁ ଆଶ୍ରୟ ଦେଇଥିବା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ମୋକଦ୍ଦମା ହେଲା ।

ତଲ କୋର୍ଟରେ ବିଭିନ୍ନ ବିଚାର ଓ ଦଣ୍ଡ, ରାଜଦ୍ରୋହ, ଦଙ୍ଗାହଙ୍ଗାମା, ଲୁଟତରାଜ, ନରହତ୍ୟା ପ୍ରଭୃତି ଅଭିଯୋଗକୁ ଏକତ୍ର କରି ଏହାପରି ତିନିଭାଗରେ ମୋଟାମୋଟି ଅଭିଯୋଗ ହେଲା ।

(୧) ୧୮୬୨ ଡିସେମ୍ବରଠାରୁ ୧୮୬୪ ଜାନୁଆରୀ ପର୍ଯ୍ୟନ୍ତ ଏହି ସମୟ ଭିତରେ ଏବଂ ଏହା ପୂର୍ବରୁ ଇଂରେଜ ରାଜତ୍ୱ ବିରୁଦ୍ଧରେ ଯୁଦ୍ଧ କରିବା ପାଇଁ ଆୟୋଜନ କରୁଥିଲେ । ଭାରତୀୟ ପିନାଲ କୋଡ଼ର ୧୦୯ ଧାରା ଅନୁସାରେ ଅଭିଯୋଗ ହେଲା ।

(୨) ଉପରୋକ୍ତ ଅପରାଧରେ ସହଯୋଗ କରିଥିବା ଅଭିଯୋଗ ୧୦୯, ୧୨୩ ଦଫା ପିନାଲ କୋଡ଼ ।

(୩) ଇଂରେଜ ରାଜତ୍ୱ ବିରୁଦ୍ଧରେ ଯୁଦ୍ଧ କରିବା ଆୟୋଜନକୁ ଗୋପନ ରଖିବା ଅଭିଯୋଗ ।

ଏହି ସମ୍ପର୍କରେ ପୋଲିସ ତରଫରୁ ବହୁ ସାକ୍ଷ୍ୟ ସଂଗ୍ରହ କରି ଦାଖଲ କରାଯାଇଥିଲା । ସୁରେନ୍ଦ୍ରଙ୍କ ଦସ୍ତଖତ ଥିବା କେତେକ ଚିଠିପତ୍ର ମଧ୍ୟ ଦାଖଲ ହୋଇଥିଲା । ରାୟପୁରର ଡେପୁଟି କମିସନର କାପ୍ଟେନ୍ ଏଫ୍. ଏ. ଫଙ୍କସନ୍ ( Captain; F: A: Function ) ବିଚାର କରି ସୁରେନ୍ଦ୍ର, ଉଦ୍ଧବନ୍ତ ଓ ଖଗେଶ୍ୱରଙ୍କୁ ପ୍ରଥମ ଦଫାରେ ଦୋଷୀ ସାବ୍ୟସ୍ତ କଲେ ଏବଂ ସେମାନଙ୍କୁ ଯାବଜ୍ଜୀବନ ଦେଶାନ୍ତର ଓ ସମସ୍ତ ସମ୍ପତ୍ତି ବାଜ୍ୟାପ୍ତ ଦଣ୍ଡ ଦେଲେ । ଧ୍ରୁବ, ମେଦନୀ, ଲୋକନାଥ, ଖଙ୍କାକର, ମୃତ୍ୟୁଞ୍ଜୟ, ଜଗବନ୍ଧୁଙ୍କୁ ୨ୟ ଓ ୩ୟ ଦଫାରେ ଦୋଷୀ ସାବ୍ୟସ୍ତ କରି ସୁରେନ୍ଦ୍ରଙ୍କ ଭଳି ଦଣ୍ଡ ବିଧାନ କଲେ ।

ଧରଣୀ ମିଶ୍ର, ପଦନାଥ ଗୁରୁ, ମୋହନ ଦାଶ, ମୀନକେତନଙ୍କୁ ୩ୟ ଦଫାରେ ଦୋଷୀ କରି ସାତବର୍ଷ ଦେଶାନ୍ତର ଦଣ୍ଡ ଦେଲେ । ୧୮୬୪ ଜୁନ୍ ତା ୨୪ ରିଖରେ ଏହି ରାୟ ଦିଆଯାଇଥିଲା ।

ଅସାମୀମାନେ ମଧ୍ୟପ୍ରଦେଶର ଜୁଡ଼ିସିଅଲ୍ କମିସନର ଜନ୍ ସ୍କାର୍‌ଲେଟ୍ କେମ୍ପବେଲ୍ ( John Scarlett Campbell)ଙ୍କ-ଠାରେ ଅପିଲ କଲେ ଏବଂ ଏହି ହାକିମ ୧୮୬୪ ଅଗଷ୍ଟରେ ଅପିଲର ରାୟ ଦେଲେ । ତଳ କୋର୍ଟର ରାୟକୁ କାଏମ ନ କରି ଅସାମୀମାନଙ୍କୁ ସବୁଦଫାରେ ନିର୍ଦ୍ଦୋଷ ବୋଲି ଘୋଷଣା କଲେ । ପୋଲିସଙ୍କ ସବୁପ୍ରମାଣକୁ ଅଗ୍ରାହ୍ୟ କରିଦେଲେ; କିନ୍ତୁ ଅସାମୀମାନେ ପ୍ରଭାବଶାଳୀ ଲୋକ ଥିବାରୁ ଏବଂ ଜିଲ୍ଲାରେ ଘନ ଘନ ଅଶାନ୍ତି ଘଟୁଥିବାରୁ ଶାନ୍ତି ଓ ଶୃଙ୍ଖଳା ପ୍ରତିଷ୍ଠା ପାଇଁ ସୁରେନ୍ଦ୍ର, ଉଦ୍‌ବନ୍ତ, ଧ୍ରୁବ, ମେଦିନୀ, ମିତ୍ରଭାନୁ; ଖଗେଶ୍ୱରଙ୍କୁ ୧୮୧୮ର ୩ୟ ନମ୍ବର ରେଗୁଲେସନ ଅନୁସାରେ ଅନିର୍ଦ୍ଦିଷ୍ଟ କାଳପାଇଁ ଅଟକ ରାଜବନ୍ଦୀ ରୂପେ ରଖିଲେ ଏବଂ ଅନ୍ୟମାନଙ୍କୁ ଖଲାସ କରିଦେଲେ । ସୁରେନ୍ଦ୍ର ପ୍ରଭୃତିଙ୍କୁ ୧୮୬୩ରେ ଯେଉଁ ପେନ୍‌ସନ ଦିଆଯାଇଥିଲା ତାହା ରଦ କରି ଦିଆଗଲା । ପୋଲିସ ଅଶାନ୍ତି ଓ ଲୁଟତରାଜକୁ ବନ୍ଦ କରିବାରେ ଅପାରଗ ହେବାରୁ ନିଜ ଦୋଷ ଦୁର୍ବଳତାକୁ ଘୋଡ଼ାଇବା ପାଇଁ ଅଯଥା ଅନେକଗୁଡ଼ିଏ ମିଛପ୍ରମାଣ ଯୋଗାଡ଼ କରିଛନ୍ତି ବୋଲି ହାକିମ ମତ ଦେଇଛନ୍ତି ।

ସୁରେନ୍ଦ୍ର ପ୍ରଭୃତିଙ୍କୁ ପ୍ରଥମେ ରାୟପୁର ଜେଲରେ ଅଟକବନ୍ଦୀ କରି ରଖାଗଲା । ରାୟପୁର ନିକଟସ୍ଥ ଅଞ୍ଚଳରେ ସାଏଙ୍କର ମନ୍ଦ ପ୍ରଭାବ ଥିବାରୁ ଭବିଷ୍ୟତ ଅଶାନ୍ତି ଆଶଙ୍କାରେ ୧୮୬୪ ନଭେମ୍ବର

ତା ୧୯ ବର୍ଷରେ ସେମାନଙ୍କୁ ନାଗପୁରକୁ ବଦଳି କରାଗଲା । ସହର ନିକଟସ୍ଥ ଅସିର୍‌ଗଡ଼ ଦୁର୍ଗରେ ଏମାନଙ୍କୁ ୧୮୭୬ରେ ସ୍ଥାୟୀ ଭାବରେ ରଖାଗଲା ।

---

## ଏକାଦଶ ଅଧ୍ୟାୟ

### ବିଦ୍ରୋହ ବ୍ୟାପିବାର କାରଣ

୧୮୨୭ରେ ମହାରାଜ ସାଏଙ୍କର ମୃତ୍ୟୁ ସବରି ସମ୍ବଲପୁରର ସାଧାରଣ ଶାସନର ଅବସ୍ଥା ସେତେ ଭଲ ନ ଥିଲା । ପ୍ରଜାମାନେ ଗରିବ ଥିଲେ; ଗୌନ୍ତିଆ ଓ ଅନ୍ୟାନ୍ୟ ଶ୍ରେଣୀର ଜମିଦାର, ଧନୀ, ଓ ପ୍ରଭାବଶାଳୀ ଲୋକେ ରାଜା ଓ ନଅରର ମୁଖିଆ ଲୋକଙ୍କୁ ହାତକରି ନାନା ପ୍ରକାର ଅତ୍ୟାଚାର ଓ ଶୋଷଣ କରୁଥିଲେ । ବେଠି ବେଗାରି, ମାଗଣି, ଶୋଷଣ ଶାସନକୁ କଳୁଷିତ କରି ଦେଇଥିଲା । ରାଜାଙ୍କୁ ସନ୍ତୁଷ୍ଟ କରି ପାରିଲେ ଯେ କୌଣସି ଲୋକ ଅଳ୍ପ ସମୟ ମଧ୍ୟରେ ବହୁ ଜମି, ଜମିଦାରୀ ଓ ଧନସମ୍ପତ୍ତି ସଂଗ୍ରହ କରି ପାରୁଥିଲା । ଜୋର ଯାର ମୁଲକ ତାର ନୀତିହିଁ ଚଳୁଥିଲା । ଏହା ଯେ କେବଳ ଏହି ରାଜାଙ୍କର ଅମଳର ବିଶେଷତ୍ୱ ଏହା ନୁହେଁ । ଦେଶରେ ସାଧାରଣ ଭାବରେ ଗଡ଼ଜାତମାନଙ୍କରେ ଏହି ରୀତିହିଁ ଦେଖା ଯାଉଥିଲା । ଗଡ଼ଜାତ ରାଜାମାନେ ପୂର୍ବର ସ୍ୱାଧୀନତା ହରାଇ ଥିବାରୁ ପ୍ରଜାଙ୍କ ପ୍ରତି ନିଜର କର୍ତ୍ତବ୍ୟ ଓ ଦାୟିତ୍ୱ ଭୁଲିଯାଇ ଥିଲେ । କେବଳ ଖଜଣା ଆଦାୟ କରି ଲୋକ ଦେଖାଣିଆ ଭାବରେ ଶାସନର ଖୋଳକୁ ରକ୍ଷା କରୁଥିଲେ । ପ୍ରଜାମାନଙ୍କର ସମୂହ ଉନ୍ନତି ପ୍ରତି ଦୃଷ୍ଟି ଦେବା କର୍ତ୍ତବ୍ୟ ବୋଲି

ଅନେକ ରାଜା ଉପଲବ୍ଧି କରୁ ନ ଥିଲେ । ଫଳରେ ଦେଶରେ ଦାରିଦ୍ର୍ୟ, ଅଶିକ୍ଷା, ଅତ୍ୟାଚାର ଓ ଉପଦ୍ରବ ରାଜତ୍ୱ ହିଁ ଦେଖା-ଯାଉଥିଲା ।

କେହି କେହି କହନ୍ତି, ନାରାୟଣ ସିଂହ ରାଜା ମହାରାଜାମାନଙ୍କ ନଅର ଭିତରେ ଜଣେ ବ୍ୟବହର୍ତ୍ତ ଥିଲେ । ତାଙ୍କର ବୟସ ମଧ୍ୟ ବେଶୀ ହୋଇଯାଇଥିଲା । ସେ ମଧ୍ୟ ଅପୁତ୍ରିକ ଥିଲେ । ଶାସନ ପରିଚାଳନା କରିବା ପାଇଁ ତାଙ୍କର ଯୋଗ୍ୟତା ନ ଥିଲା । ତୁଅତେ ସେ ନିଜେ ରାଜସିଂହାସନରେ ବସିବା ପାଇଁ ଅମଙ୍ଗ ଥିଲେ । କିନ୍ତୁ ତାଙ୍କୁ ନାମକୁ ମାତ୍ର ରାଜା କରି ବସାଇ ଦେଲେ ଦେଶରେ ଅଶାନ୍ତି ଘଟିବ ନାହିଁ, ଏହି ଆଶାରେ ସରକାର ତାଙ୍କୁ ମନୋନୀତ କରିଥିଲେ । ଫଳରେ ସରକାରଙ୍କ ଏହି ଆଶା ସଫଳ ହେଲା ନାହିଁ । ରାଜା ଅପାରଗ ଥିବାରୁ ତାଙ୍କର ପାତ୍ରମନ୍ତ୍ରୀମାନେ ପୂର୍ବ ପରି ଶାସନରେ ଯଥେଚ୍ଛାଚାରିତା ଦେଖାଇଲେ । ଗୌନ୍ତିଆ ଓ ଜାଗିରଦାରମାନେ ପ୍ରଜାଙ୍କ ଉପରେ ନାନା ପ୍ରକାର ଅତ୍ୟାଚାର କରି ନାନା ଭାବରେ ଧନ ଶୋଷଣ କରିବାକୁ ଲାଗିଲେ । ରାଜା ଓ ରାଜ କର୍ମଚାରୀ ମାନଙ୍କର ପ୍ରିୟପାତ୍ରମାନେ ଛୋଟ ଛୋଟ ଗୌନ୍ତିଆ, ଜାଗିରଦାର ଓ ପ୍ରଜାଙ୍କ ଉପରେ ଅତ୍ୟାଚାର କଲେ । ନଜରାନା, ବେଠି, ମାଗଣ, ଶୋଷଣ, ପେଷଣର ସ୍ରୋତ ଛୁଟିଲା । ପ୍ରଜା-ମାନେ ନିର୍ଦ୍ଧାରିତ ରାଜସ୍ୱର ପ୍ରାୟ ପାଞ୍ଚ ଛଅ ଗୁଣ ଅଧିକ ଦେଉ-ଥିଲେ । ରାଜାଙ୍କ ରାଜସ୍ୱ ମଧ୍ୟ ଅତ୍ୟଧିକ ପରିମାଣରେ ବୃଦ୍ଧି ପାଇଲା । ଲୋକେ କର ଭାରରେ ପେଷି ହୋଇଗଲେ । ରାଜକୋଷକୁ ପୂର୍ବରୁ ବାର୍ଷିକ ଆୟ ଚାରିଲକ୍ଷ ଟଙ୍କା ଆସୁଥିଲା । ଏହା ଅଳ୍ପ ମାସରେ ବୃଦ୍ଧି ପାଇ ପ୍ରାୟ ସାତଲକ୍ଷ ହେଲା । ଏହାଛଡ଼ା ବହୁ ମୂଲ୍ୟବାନ ହୀରା ମଧ୍ୟ ରାଜକୋଷକୁ ଆସୁଥିଲା । ହୀରାକୁଦରୁ ବଡ଼

ଯେଉଁ ବିଂଝାଲ୍ ଓ ଗଣ୍ଡ ଜମିଦାରମାନଙ୍କର ଜମି ଓ ଜାଗିରୀ ରାଣୀ ମୋହନକୁମାରୀ ଓ ନାରାୟଣ ସିଂହ ବିଦ୍ୱେଷ ଭାବ ପୋଷଣ କରି ବାଜ୍ୟାପ୍ତି କରି ନେଇଥିଲେ ସେମାନେ ରାଜାଙ୍କ ବିରୁଦ୍ଧରେ ହେଉଥିବା ମେଳରେ ଯୋଗ ଦେବାପାଇଁ ଦ୍ୱିଧା ବୋଧ କଲେ ନାହିଁ । ଇଂରେଜ ସରକାର ରାଜାଙ୍କୁ ସମର୍ଥନ କରୁଥିବାରୁ ସେମାନେ ଇଂରେଜ ରାଜତ୍ୱ ପ୍ରତି ମଧ୍ୟ ବିଦ୍ୱେଷ ଭାବ ପୋଷଣ କରୁଥିଲେ । ଏହି ଅତ୍ୟାଚାରିତ, ଲୁଣ୍ଠିତ ଓ ଶୋଷିତ ଜମିଦାର-ମାନଙ୍କର ଅତି ଅନୁନ୍ନତ ଅବସ୍ଥାରେ ଥିବା ପ୍ରଜାମାନେ ସହଜରେ ଜମିଦାର ଭକ୍ତ ଥିଲେ । ସେମାନଙ୍କ ପ୍ରକୃତିର ଅନୁକୂଳ ବାତାବରଣ ସୃଷ୍ଟି କରି ସେମାନଙ୍କୁ ସହଜରେ ଉତ୍ତେଜିତ କରି ପାରିବା ସମ୍ଭବ ଥିବାରୁ ଅତ୍ୟାଚାର ଓ ଅନ୍ୟାୟ ବିରୁଦ୍ଧରେ ସେମାନଙ୍କୁ ସଂଗଠିତ କରାଯାଇଥିଲା । ପ୍ରାଚୀନ ଜମିଦାର ଜାଗିରୀ ଫେରି ପାଇଲେ ଏବଂ ନ୍ୟାୟ ବିଚାର ପାଇଲେ ସେମାନଙ୍କ ଉପରେ ହେଉଥିବା ଅତ୍ୟାଚାର ଓ ସେମାନଙ୍କଠାରୁ ନିଆଯାଉଥିବା ଅତ୍ୟଧିକ କର ମାଗଣ ପ୍ରଭୃତି ଲୋପ ପାଇବ ବୋଲି ଗଣ୍ଡ ଓ ବିଂଝାଲ୍ ପ୍ରଜାମାନେ ଆଶା କରୁଥିଲେ; ଆର୍ଥିକ ଅବସ୍ଥାର ସ୍ୱଚ୍ଛଳତା ଆଶା କରି ସେମାନେ ଜମିଦାରମାନଙ୍କ ସପକ୍ଷରେ ରହିଥିଲେ ।

ମହାରାଜା ନାରାୟଣ ସିଂହଙ୍କର ୧୮୪୯ରେ ମୃତ୍ୟୁ ହେବାରୁ ଇଂରେଜ ସରକାର ତାଙ୍କ ପାଟରାଣୀ ମୁଖ୍ୟାପାନ ଦେବୀଙ୍କ ହସ୍ତରେ ସମ୍ବଲପୁର ରାଜଗାଦିର ରାଜତ୍ୱଭାର ଅର୍ପଣ କଲେ । ରାଜାଙ୍କର ପୁତ୍ର ସନ୍ତାନ ନଥିବାରୁ ବଡ଼ଲାଟ ଲର୍ଡ ଡେଲହାଉସିଙ୍କ ଦେଶୀୟରାଜ୍ୟ-ସତ୍ତ୍ୱ-ଲୋପ ନୀତି ସମ୍ବଲପୁର ଗଡ଼ଜାତ ପ୍ରତି ଇଂରେଜ ସରକାର ପ୍ରୟୋଗ କଲେ । ଅପୁତ୍ରିକ ରାଜା ପୋଷ୍ୟପୁତ୍ର ଗ୍ରହଣ କରିବା

ଇଚ୍ଛା ସରକାରଙ୍କୁ ଜଣାଇ ନଥିଲେ କି କାହାକୁ ସେ ପୋଷ୍ୟ ପୁତ୍ର ରୂପେ ଗ୍ରହଣ କରିବେ ସେ କଥା ମଧ୍ୟ ପ୍ରକାଶ କରି ନ ଥିଲେ । ନିଜ ରାଜ୍ୟ ଭିତରେ ନିଜ ସମ୍ପର୍କୀୟ ଲୋକଙ୍କ ଦ୍ୱାରା ଧାରାବାହିକ ରୂପେ ଅଶାନ୍ତି ଲାଗି ରହିଥିବାରୁ ସେ କୁଆଡ଼େ ପୋଷ୍ୟପୁତ୍ର ଗ୍ରହଣ ନ କରି ରାଜ୍ୟକୁ ଇଂରେଜ ସରକାରଙ୍କ ପ୍ରତ୍ୟକ୍ଷ ଶାସନରେ ଛାଡ଼ି-ଦେବା ପାଇଁ ଅଗରୁ ସରକାରଙ୍କଠାରେ ଇଚ୍ଛା ପ୍ରକାଶ କରିଥିଲେ । ରାଣୀ ମୁଖ୍ୟପାନ ଦେବୀ ପୁଷ୍ୟପୁତ୍ର ଗ୍ରହଣ କରିବା ପ୍ରସ୍ତାବ ଉଠାଇବାକୁ ଅବସର ମଧ୍ୟ ପାଇ ନାହାନ୍ତି । ଇଂରେଜ ସରକାର ଡେଲ୍‌ହାଉସୀଙ୍କ ଦେଶୀୟରାଜ୍ୟ-ସ୍ୱତ୍ୱ-ଲୋପ ନୀତି ଅନୁସାରେ ସମ୍ବଲପୁର ରାଜଗାଦୀକୁ ଲୋପ କରି ରାଜ୍ୟକୁ ଖାସ୍ କରି ଦେଲେ । ବଡ଼ଲାଟଙ୍କ ଏଜେଣ୍ଟ କ୍ରଫୋର୍ଡ ସାହେବ ସମ୍ବଲପୁର ଖାସ୍ ହେବା ଘୋଷଣା କଲେ ଏବଂ ମୁନସି ପ୍ରସନ୍ନଲାଲ ଓ ରାମ୍ପୁ ରୂପ ସିଂହ ନାମକ ଦୁଇଜଣ ସରକାରୀ କର୍ମଚାରୀଙ୍କୁ ସମ୍ବଲପୁର ଶାସନର ଦାୟିତ୍ୱ ନେବା ପାଇଁ ପଠାଇ ଦେଲେ । ସାହେବ ନିଜେ ଖ୍ରୀ ୧୮୪୯ ଡିସେମ୍ବର ମାସରେ ସମ୍ବଲପୁରରେ ପହଞ୍ଚିଲେ । ଅଶାନ୍ତିର ଆଶଙ୍କା କରି ଶାନ୍ତି ଓ ଶୃଙ୍ଖଳା ରକ୍ଷା କରିବା ନିମନ୍ତେ ରାମଗଡ଼ ବାଟାଲିୟନ୍‌ର ଗୋଟିଏ ରେଜିମେଣ୍ଟକୁ ସଙ୍ଗରେ ଧରି ଆସିଥିଲେ । ଡାକ୍ତର ଜେ. କେଡ଼େନ୍‌-ହେଡ଼ ମଧ୍ୟ ତାଙ୍କ ସଙ୍ଗରେ ଥିଲେ । ସମ୍ବଲପୁର ରାଜ୍ୟର କମିସନର ବା ବଡ଼ଲାଟଙ୍କ ଏଜେଣ୍ଟ ରୂପେ କ୍ରଫୋର୍ଡ (Crawford) ଦାୟିତ୍ୱ ଗ୍ରହଣ କଲେ ଏବଂ କେଡେନ୍‌ହେଡ଼ (Dr. J. Cadenhead) ତାଙ୍କର ମୁଖ୍ୟ ସହକାରୀ (Principal Assistant) ଓ ରୂପ ସିଂହ ଦେଶୀୟ ସହକାରୀ (Native Assistant) ରୂପେ ନିଯୁକ୍ତ ହେଲେ । ରାଣୀ ମୁଖ୍ୟପାନ ଦେବୀଙ୍କୁ ମାସିକ ଶହେଟଙ୍କା ପେନ୍‌ସନ୍ ଦେଇ କଟକରେ ଅବସ୍ଥାନ କରିବା ପାଇଁ ସମ୍ବଲପୁରରୁ

ବିଦାୟ କରିଦେଲେ । ସମ୍ବଲପୁରର ଜନସାଧାରଣ ଶହ ଶହ ବର୍ଷ ହେଲା ପୁରୁଷାନୁକ୍ରମରେ ଯେଉଁ ରାଜତ୍ୱର ରୂପରେଖ ସହିତ ପରିଚିତ ଥିଲେ ତାହା ଏପରି କଠୋର ଓ ଅପ୍ରତ୍ୟାଶିତ ଭାବରେ ଇଂରେଜ-ସରକାର ଲୋପ କରି ଦେବାରୁ ସେମାନେ ଅସନ୍ତୋଷ ପ୍ରକାଶ କଲେ । ସମ୍ବଲପୁର ରାଜଗାଦି ରହୁ ଏବଂ ଜଣେ ଉପଯୁକ୍ତ ବ୍ୟକ୍ତିଙ୍କୁ ଗାଦିରେ ବସାଇ ସୁଶାସନର ପ୍ରବର୍ତ୍ତନ କରନ୍ତୁ, ଏହା ଇଂରେଜ ସରକାରଙ୍କଠାରୁ ଲୋକେ ଚାହୁଁଥିଲେ । ଦେଶୀୟ ରାଜାମାନଙ୍କ ଶାସନରେ ଲୋକେ ଯେ ସୁଖ ଶାନ୍ତିରେ ଥିଲେ, ଏହା କୁହାଯାଇ-ପାରିବ ନାହିଁ । ତେବେ ନ୍ୟାୟ ବିଚାର ଓ ଆମଲା ଅତ୍ୟାଚାରର ବିଚାର ବ୍ୟୟବହୁଳ ନଥିଲା ଏବଂ ଅଯଥା କାଳକ୍ଷୟ ମଧ୍ୟ ହେଉ ନଥିଲା । ଲୋକେ ମଧ୍ୟ ଗୋଟିଏ ପ୍ରକାର ଶାସନ ପଦ୍ଧତି [illegible] ଘନିଷ୍ଠ ଭାବରେ ବହୁ ଶତାବ୍ଦୀ ହେଲା ଧାରାବାହିକ ରୂପେ ପରିଚିତ ହୋଇ ଆସିଥିଲେ । ଏହା ହଠାତ୍ ଲୋପ ହୋଇଯିବାରୁ ସେମାନେ ବିଚଳିତ ହୋଇ ପଡ଼ିଲେ ।

ଇଂରେଜ ସରକାର ୧୮୪୯ରେ [illegible] କରିଦେବା ପରେ ନିଜ ପ୍ରତ୍ୟକ୍ଷ ଶାସନାଧୀନରେ ରାଜ୍ୟଟିକୁ ଚଳାଇଲେ । ପ୍ରଥମ ଅବସ୍ଥାରେ ଇଂରେଜ ହାକିମମାନଙ୍କ ଶାସନ ପୂର୍ବ ରାଜାମାନଙ୍କର ଶାସନଠାରୁ କିଛି ଉନ୍ନତ ନଥିଲା । କରଭାର ଅତ୍ୟଧିକ ପରିମାଣରେ ବୃଦ୍ଧି ପାଇଲା । ସମ୍ବଲପୁରକୁ ନିଜ ହାତକୁ ନେବା ସଙ୍ଗେ ସଙ୍ଗେ ସରକାର ଜମିର ଖଜଣା ଠିକାକୁ ଗୁରୁଅଣା ବୃଦ୍ଧି କରିଦେଲେ । ସବୁ ବାହେଲ ସମ୍ପତ୍ତିକୁ ବାଜ୍ୟାପ୍ତି କରିଦେଇ ଖଜଣା ଧାର୍ଯ୍ୟ କରିଦେଲେ । ଦେବୋତ୍ତର, ବ୍ରହ୍ମୋତ୍ତର ଓ ପୀରୋତ୍ତର ସମ୍ପତ୍ତି ମଧ୍ୟ ଏଥିରୁ ବାଦ୍ ପଡ଼ିଲା ନାହିଁ ।

ଲୋକେ ଯେଉଁସବୁ ଜାଗିରୀ ଶହ ଶହ ବର୍ଷ ହେଲା ପୁରୁଷାନୁକ୍ରମରେ ଭୋଗ ଦଖଲ କରି ଆସୁଥିଲେ ସେ ସବୁ ସରକାର ଉଠାଇ ଦେଇ ଅଧା ରେଟ୍‌ରେ ଖଜଣା ଧାର୍ଯ୍ୟ କରିଦେଲେ; ଜାଗିରୀର ଉଦ୍ଦେଶ୍ୟ ଓ ସ୍ଥାୟିତ୍ୱର କାଳ ସମ୍ବନ୍ଧରେ ମଧ୍ୟ ଅନୁସନ୍ଧାନ କଲେନାହିଁ । ଏହାଦ୍ୱାରା ବହୁ ଜାଗିରୀଦାର, ଗୌନ୍ତିଆ, ବ୍ରାହ୍ମଣ ପ୍ରଭୃତି କ୍ଷତିଗ୍ରସ୍ତ ହେଲେ । ଏମାନଙ୍କ ଭିତରେ ଅଶାନ୍ତି ମଧ୍ୟ ବୃଦ୍ଧି ପାଇଲା । ବିଶେଷତଃ ବ୍ରାହ୍ମଣମାନେ ଭୀଷଣ ଭାବରେ ବିଚଳିତ ହୋଇ ପଡ଼ିଲେ । ଏମାନେ ସଂଘବଦ୍ଧ ହୋଇ ରାଞ୍ଚି ଯାଇ ବଡ଼ ଲାଟଙ୍କ ଏଜେଣ୍ଟଙ୍କଠାରେ ଆପତ୍ତି ଜଣାଇଲେ; କିନ୍ତୁ କିଛି ଫଳ ହେଲା ନାହିଁ । ସେମାନେ ନିରାଶ ହୋଇ ଫେରିବା ପରେ ସେମାନଙ୍କ ମନରେ ସରକାରଙ୍କ ପ୍ରତି ଘୃଣା-ଭାବ ଜାତ ହେଲା । ପୁଣି ୧୮୫୪ରେ ଜମାବନ୍ଦ ହୋଇ ଖଜଣା ଟଙ୍କାକେ ଚୌରଅଣା ଆଖିବୁଜା ବୃଦ୍ଧି କରାଗଲା । ଏଥିରେ ମଧ୍ୟ କୌଣସି ଅନୁସନ୍ଧାନ ହେଲନାହିଁ କି ବିଧିବିଧାନ ରହିଲ ନାହିଁ । ଗ୍ରାମର ଖଜଣା ପାଞ୍ଚ ବର୍ଷ ଭିତରେ ପୁଣି ଟଙ୍କାକେ ଚୌରଅଣା ବୃଦ୍ଧି ହୋଇଥିବାରୁ ଲୋକେ ବିଚଳିତ ହୋଇ ପଡ଼ିଲେ । କର ଭାର ଅତ୍ୟଧିକ ହୋଇଯିବାରୁ ସବୁ ଶ୍ରେଣୀର ପ୍ରଜାମାନଙ୍କର ଆର୍ଥିକ ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଲା । ଇଂରେଜ ସରକାର ସମ୍ବଲପୁରକୁ ଖାସ୍ କରିବା ପୂର୍ବରୁ ସେ ରାଜ୍ୟର ପେସକେଶ୍ ଥିଲା ବାର୍ଷିକ ଟ ୮୦୦୦୧; କିନ୍ତୁ ଇଂରେଜ ରାଜତ୍ୱର ପ୍ରଥମ ପାଞ୍ଚବର୍ଷ ଭିତରେ ରାଜସ୍ୱ ନଅଗୁଣ ବୃଦ୍ଧି ପାଇ ହେଲା ଟ ୭୪୦୦୦୧ ।

ଇଂରେଜମାନଙ୍କର ରାଜତ୍ୱରେ କର ଭାର ବୃଦ୍ଧି ଓ ନ୍ୟାୟ ବିଚାରର ଅଭାବ ଘଟିବା ଆଶଙ୍କା କରି ବହୁ ଜମିଦାର ଓ ବିଶିଷ୍ଟ ବ୍ୟକ୍ତି ଏହି ରାଜତ୍ୱର ଲୋପ କାମନା କରୁଥିଲେ । ସୁରେନ୍ଦ୍ର

ବିଦ୍ରୋହ ଆରମ୍ଭ କରିଦେବା ସଙ୍ଗେ ସଙ୍ଗେ ଏମାନେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବରେ ତାଙ୍କ ସହିତ ଯୋଗ ଦେଲେ । ଯେଉଁ-ମାନଙ୍କର କ୍ଷତି ଆର୍ଥିକ ବହୁତ ହୋଇଥିଲା ଏବଂ ନ୍ୟାୟ ବିଚାର ପାଇ ନ ଥିଲେ ସେମାନେ ପ୍ରତ୍ୟକ୍ଷ ଭାବରେ ଯୋଗ ଦେଲେ । ୧୮୫୭ର ବିଦ୍ରୋହ ଏହି କାରଣରୁ ଅତି ଭୟଙ୍କର ଆକାର ଧାରଣ କରିଥିଲା ।

## ଅନ୍ୟାନ୍ୟ ଦଣ୍ଡିତ ବ୍ୟକ୍ତି

ସୁରେନ୍ଦ୍ର ସାଏଙ୍କ ବିଦ୍ରୋହରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ସହଯୋଗ କରିଥିବା ଅଭିଯୋଗରେ ବହୁ ଜମିଦାର, ଗୌନ୍ତିଆ ଓ ସାଧାରଣ ଭଦ୍ରବ୍ୟକ୍ତି ଧନସମ୍ପତ୍ତି ହରାଇଲେ, କେତେକ ଜେଲ୍ ଗଲେ, କେତେକ ଫାଶି ଖୁଣ୍ଟରେ ଝୁଲିଲେ, କେତେକ ଯାବଜ୍ଜୀବନ ଅଟକବନ୍ଦୀ ହେଲେ, କେତେକ ଲୋକ ଅତ୍ୟାଚାରର ଶିକାର ହେଲେ । ଭେଡେନର ଚନ୍ଦ୍ର ଜମିଦାର ଇଂରେଜ ସେନାଙ୍କ ସହିତ ଯୁଦ୍ଧ କରି ଯୁଦ୍ଧ କ୍ଷେତ୍ରରେ ପ୍ରାଣ ହରାଇଥିଲେ । ଘେସ୍ର ବଂଶାଲ୍ ଜମିଦାରଙ୍କ ଉପରେ ବହୁ ଅତ୍ୟାଚାର ହୋଇଥିଲା । ଏହାଙ୍କର କୁଟୁମ୍ବର ଜଣେ ପୁଅ ୧୮୬୪ରେ ନିର୍ବାସନ ଦଣ୍ଡ ଭୋଗ କରୁଥିବା ବେଳେ ଜେଲ୍ରେ ପ୍ରାଣ ହରାଇଲେ । ତାଙ୍କ ପୁଅଙ୍କୁ ବିଦ୍ରୋହୀ ବୋଲି ସରକାର ଘୋଷଣା କରିଥିଲେ ଏବଂ ୧୮୬୫ରେ ନରହତ୍ୟା ଅଭିଯୋଗରେ ସେ ଫାଶି ପାଇଥିଲେ । ଖରସାଲର ଜମିଦାର ବିଦ୍ରୋହରେ ଯୋଗ ଦେଇ ଥିବାରୁ ଫାଶି ପାଇଥିଲେ । ଏପରି ବହୁ ବିଶିଷ୍ଟ ଜମିଦାର, ଗୌନ୍ତିଆ ଓ ସାଏ କୁଟୁମ୍ବର ଲୋକ ଦଣ୍ଡ ଭୋଗ କଲେ ।

## ସାଏଙ୍କ ଶେଷ ଜୀବନ

ସୁରେନ୍ଦ୍ର, ଖଗେଶ୍ୱର ପ୍ରଭୃତିଙ୍କ ବିରୁଦ୍ଧରେ ହୋଇଥିବା ମକଦ୍ଦମା ପ୍ରମାଣିତ ହୋଇ ନ ପାରିବାରୁ ସରକାର ନୂତନ ପନ୍ଥା ବାହାର କଲେ । ନରହତ୍ୟା ଓ ଇଂରେଜ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା ପ୍ରଭୃତି ଅଭିଯୋଗ ପ୍ରମାଣିତ ହୋଇ ନ ପାରିବାରୁ ସରକାର ଏସବୁ ତ୍ୟାଗ କରି ସମ୍ବଲପୁର ଜିଲ୍ଲାର ଶାନ୍ତି ଓ ଶୃଙ୍ଖଳା ରକ୍ଷା ବିଷୟ ଉପରେ ଜୋର ଦେଲେ । ଏମାନେ ମୁକ୍ତ ରହିଲେ ଜିଲ୍ଲାରେ ଶାନ୍ତି ଭଙ୍ଗର ସମ୍ଭାବନା ଅଧିକ ଥିବା ଏବଂ ଏମାନେ ଦୁର୍ଦ୍ଦାନ୍ତ ଲୋକ ଥିବା ଅଭିଯୋଗ କରି ସରକାର ଏମାନଙ୍କୁ ଅଟକ ବନ୍ଦୀ କରି ରଖିଲେ ।

୧୮୬୪ ନଭେମ୍ବର ତା ୧୯ରିଖରେ ରାଯ୍ପୁରରୁ ସୁରେନ୍ଦ୍ର ସାଏ ପ୍ରଭୃତିଙ୍କୁ କଡ଼ା ସାମରିକ ପହରାରେ ନାଗପୁର ପଠାଗଲା । ପ୍ରଥମେ ସେମାନଙ୍କୁ ନାଗପୁର ସହରସ୍ଥ ସୀତାବାଲ୍ଡି ଦୁର୍ଗରେ ଅଟକ ବନ୍ଦୀ କରି ରଖିବା ସ୍ଥିର ହୋଇଥିଲା । କିନ୍ତୁ ସେଠାର ସାମରିକ ଅଫିସରମାନେ ଆପତ୍ତି କଲେ ଯେ ଏମାନଙ୍କୁ ସେଠାରେ ରଖିଲେ ସିପାହୀମାନଙ୍କ ସୁଖସ୍ୱାଚ୍ଛନ୍ଦ୍ୟରେ ବାଧା ପଡିବ ଏମାନଙ୍କୁ ନବନିର୍ମିତ ପୋଲିସ୍ ହାସପାତାଲରେ ରଖାଗଲା କିନ୍ତୁ ବନ୍ଦୀମାନଙ୍କୁ ରଖିବା ପାଇଁ ସ୍ଥାନଟି ଅନୁପଯୁକ୍ତ ଥିବାରୁ ସହର ନିକଟସ୍ଥ ଅସିରଗଡ଼ ଦୁର୍ଗରେ ସେମାନଙ୍କୁ ରଖାଗଲା ୧୮୬୬ର ପ୍ରଥମାର୍ଦ୍ଧରେ ସେମାନେ ସେଠାକୁ ଗଲେ । କୁଞ୍ଜଲ-ସିଂହ ଓ ସାଲିକରାମ୍ ବରିହା ସମ୍ବଲପୁର ଜେଲ୍‌ରେ ଅଟକ ହୋଇ ରହିଲେ ।

ଅସିର୍‌ଗଡ଼ ଦୁର୍ଗରେ ଥିବା ବେଳେ ୧୮୬୬ରେ ସାଏ ପ୍ରଭୃତି ସରକାରଙ୍କଠାରୁ ଯେଉଁ ପେନ୍‌ସନ୍‌ ପାଉଥିଲେ ତାର ପୁନର୍ବିଚାର ହୋଇଥିଲା । ମିତ୍ରଭାନୁଙ୍କ ପୂର୍ବରୁ ୧୮୬୨ରେ ମେଜର ଇମ୍ପି ସାହେବଙ୍କ ଅମଳରେ ଖିଣ୍ଡା ଗ୍ରାମଟି ମାଫି ସ୍ୱରୂପ ମିଳିଥିଲା । ସେତିକି କାଏମ୍‌ ରହିଲା । ତଲବ୍‌ ଓ ଭୁଲୁଲି ଉପରେ ସାଏଙ୍କ ଦାବିକୁ ଗ୍ରହଣ କରାଗଲା ନାହିଁ । ସାଏ ପରିବାର ବାର୍ଷିକ ମୋଟରେ ପ୍ରାୟ ୫୦୦୦୲ ପାଞ୍ଚ ହଜାର ଟଙ୍କା ପେନ୍‌ସନ୍‌ ପାଇବା କାଏମ୍‌ ହେଲା । ବୋଣ୍ଡାଗ୍ରାମ ଉପରେ ଖଗେଶ୍ୱରଙ୍କ ଦାବୀକୁ ଅସ୍ୱୀକାର କରାଗଲା । ଲୋକନାଥ ପଣ୍ଡାଙ୍କ କୁଟୁମ୍ବଙ୍କ ପାଇଁ କିଛି ବ୍ୟବସ୍ଥା କରାଗଲା ନାହିଁ ।

୧୮୬୬ରେ ସୁରେନ୍ଦ୍ରାଦି ବନ୍ଦୀମାନେ ସେମାନଙ୍କ ଓକିଲ ଏମ୍.ଟି. ପିଅରସନ୍‌ଙ୍କ ଜରିଆରେ ଭାରତ ସରକାରଙ୍କଠାରେ ଆପତ୍ତି କଲେ ଯେ ସେମାନଙ୍କୁ କୌଣସି କାରଣ ନଜଣାଇ ଅଟକ ବନ୍ଦୀ କରିଥିବା ଅନ୍ୟାୟ; ଅତଏବ ସେମାନଙ୍କୁ ମୁକ୍ତ କରି ଦିଆଯାଉ, କିନ୍ତୁ ସରକାର ଏହି ଆପତ୍ତି ଗ୍ରହଣ କଲେ ନାହିଁ । ଏହାପରେ ପ୍ରତି ପାଞ୍ଚ ବର୍ଷରେ ଥରେ ଥରେ ଏହି ଅଟକ ସମ୍ପର୍କରେ ସରକାର ଅନୁସନ୍ଧାନ କରିଥିଲେ । ସମ୍ବଲପୁରର ହାକିମ ଏମାନଙ୍କୁ ମୁକ୍ତ କରିବା ବିପକ୍ଷରେ ମତ ଦେବାରୁ ଏମାନେ ଅଟକ ହୋଇ ରହିଲେ । ୧୮୭୧ ଓ ୧୮୭୬ରେ ଅନୁସନ୍ଧାନ ହୋଇଥିଲା । ୧୮୭୭ରେ ଜାନୁଆରି ପହିଲରେ ଧ୍ରୁବ ଓ ମିତ୍ରଭାନୁଙ୍କୁ କେତେକ ସର୍ତ୍ତରେ ଖଲାସ୍‌ କରି ଦିଆଗଲା । ସେହିଦିନ ମହାରାଣୀ ଭିକ୍ଟୋରିଆ ଭାରତର ସାମ୍ରାଜ୍ଞୀ ହେବା ଘୋଷଣା ହୋଇଥିବାରୁ ସେ ଉପଲକ୍ଷେ ଏମାନେ ଖଲାସ ହେଲେ । ମିତ୍ରଭାନୁଙ୍କୁ ସମ୍ବଲପୁର

ଜିଲ୍ଲା ବାହାରେ ରହିବା ପାଇଁ ଆଦେଶ ହେଲା । ମିତ୍ରଭାନୁଙ୍କ ଶ୍ୱଶୁର ବଣାଇର ରାଜା ୫୦୦୦୍ (ପାଞ୍ଚ ହଜାର ଟଙ୍କା ) ଜାମିନ୍‌ରେ ତାଙ୍କୁ ଆଣି ନିଜ ରାଜ୍ୟରେ ରଖିଲେ । ୧୯୦୭ରେ ମିତ୍ରଭାନୁ ଖିଣ୍ଡାକୁ ଫେରିବା ନିମନ୍ତେ ସରକାରଙ୍କଠାରୁ ଅନୁମତି ପାଇଲେ ।

ସୁରେନ୍ଦ୍ର ଅସିରଗଡ଼ ଦୁର୍ଗରେ ଅସୁସ୍ଥ ହୋଇ ପଡ଼ିଲେ । ତାଙ୍କର ଦୃଷ୍ଟି ଶକ୍ତି ଏକାବେଳକେ ଲୋପ ପାଇଗଲା । ୧୮୮୨ରେ ପ୍ରାୟ ୭୩ବର୍ଷ ବୟସରେ ସୁରେନ୍ଦ୍ରଙ୍କର ମୃତ୍ୟୁ ହୋଇଥିଲା । ( ୧୮୬୪ ବେଳକୁ ତାଙ୍କର ୫୫ ବର୍ଷ ଓ ମିତ୍ରଭାନୁଙ୍କୁ ୨୦ ବର୍ଷ ହୋଇଥିବା ସରକାରୀ କାଗଜ ପତ୍ରରୁ ଜଣାଯାଏ ।)

ଜଣେ ବିଖ୍ୟାତ ବିଦ୍ରୋହୀ ବୀରଙ୍କ ଜୀବନର ଏହିପରି ଅବସାନ ହେଲା ।

---

ମୁଦ୍ରାକର—ଶ୍ରୀ ନରେନ୍ଦ୍ରଚନ୍ଦ୍ର ପ୍ରଧାନ, ଜ୍ୟୋତି ପ୍ରେସ, କଟକ-୨